# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୯/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 9/2022 Page 16 ₹ 7.00 ★★★★

୪୮ଶ ଭାଗ ୧୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







ଜର୍ମାନ ଡିଏଚ୍ଏଲ୍ ଲଜିଷ୍ଟିକ୍ କମ୍ପାନୀର ଏକ କାର୍ଗୋ ବିମାନରେ ଗୁରୁବାର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ କୋଷ୍ଟାରିକାର ଆଲେଜୁଏଲାସ୍ଥିତ ଜୁଆନ୍ ସାଣ୍ଟା ମାରିଆ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହା ଜରୁରୀ ଅବତରଣ କରୁଥିବାବେଳେ ଦୁଇଖଣ୍ଡ ହୋଇଯାଇଛି। ପଛ ଚକା ଭାଙ୍ଗିଯିବାରୁ ଏହା ରନ୍‌ୱେ ବାହାରକୁ ଚାଲିଯାଇଥିଲା। ବିମାନରୁ ପ୍ରବଳ ଧୂଆଁ ବାହାରିବାରୁ ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଥିଲା। ଦୁଇଜଣ ବିମାନ କର୍ମଚାରୀ ସୁରକ୍ଷିତ ଥିବା କୋଷ୍ଟାରିକା ଅଗ୍ନିଶମ ମୁଖ୍ୟ କହିଛନ୍ତି।



## ସଂକ୍ଷେପରେ

### ବେଙ୍ଗାଲୁରୁର ୭ ସ୍କୁଲକୁ ବୋମା ଧମକ

**ବେଙ୍ଗାଲୁରୁ,୮।୪:** ସ୍କୁଲ ପରିସରରେ ଶକ୍ତିଶାଳୀ ବୋମା ଖଞ୍ଜାଯାଇଥିବା ନେଇ ଶୁକ୍ରବାର ସକାଳେ ବେଙ୍ଗାଲୁରୁର ୭ଟି ସ୍କୁଲ୍‌କୁ ଇ-ମେଲ୍ ଆସିଥିଲା। ଖବର ପାଇ ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ସ୍କୁଲ୍‌ଗୁଡ଼ିକୁ ଯାଇଥିଲେ। ତେବେ ଯାଞ୍ଚ ପରେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଏହା ମିଥ୍ୟା ଇ-ମେଲ୍ ଥିଲା ବୋଲି ପୋଲିସ କହିଛି। ପିଲାଙ୍କ ପରୀକ୍ଷା ଚାଲିଥିବାବେଳେ ସ୍କୁଲ୍ ପରିସରରେ ବୋମା ଖବରକୁ ନେଇ ଆତଙ୍କ ଖେଳିଯାଇଥିଲା। ବରଥୁରର ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ଗୋପାଲନ ଇଣ୍ଟରନ୍ୟାଶନାଲ ସ୍କୁଲ, ନ୍ୟୁ ଏକାଡେମୀ ସ୍କୁଲ, ସେଣ୍ଟ ଭିନସେଣ୍ଟ ପଲ୍ ସ୍କୁଲ ଏବଂ ଇଣ୍ଡିଆନ ପବ୍ଲିକ୍ ସ୍କୁଲ, ଗୋବିନ୍ଦପୁରାକୁ ଏଭଳି ଇ-ମେଲ୍ ଆସିଥିଲା। ସୁରକ୍ଷା କର୍ମୀ ସନ୍ଦିଗ୍ଧ ଅଞ୍ଚଳକୁ ଚାରିପଟୁ ଘେରି ରହି ପିଲାମାନଙ୍କୁ ସ୍କୁଲ୍ ପରିସରରୁ ବାହାର କରିଦେଇଥିଲେ। ବିସ୍ଫୋରକ ସାମଗ୍ରୀ ମିଳି ନ ଥିବାରୁ ଭୟର କାରଣ ନାହିଁ ବୋଲି କର୍ନାଟକ ଗୃହମନ୍ତ୍ରୀ ଅରଗ ଜ୍ଞାନେନ୍ଦ୍ର କହିଛନ୍ତି।

### ହାଫିଜ୍ ସୟିଦଙ୍କୁ ୩୨ ବର୍ଷ ଜେଲ



**ଲାହୋର,୮।୪:** ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ନିଷିଦ୍ଧ ଘୋଷିତ ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦଙ୍କୁ ଦୁଇଟି ଟେରର୍ ଫଣ୍ଡିଂ ମାମଲାରେ ୩୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ପାକିସ୍ତାନର ଏକ ଆତଙ୍କବାଦ ନିରୋଧୀ କୋର୍ଟ ଶୁକ୍ରବାର ଏହି ରାୟ ଶୁଣାଇଛନ୍ତି। ଏହି ୭୦ ବର୍ଷୀୟ କଠୋରପନ୍ଥୀ ପୂର୍ବରୁ ଏଭଳି ୫ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୩୬ ବର୍ଷ ଜେଲ ଦଣ୍ଡାଦେଶ ପାଇସାରିଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ପଞ୍ଜାବର କାଉଣ୍ଟର ଟେରରିଜମ୍ ଡିପାର୍ଟମେଣ୍ଟ ପୋଲିସ ହାଫିଜ୍ ସୟିଦଙ୍କ ବିରୋଧରେ ନଂ ୨୧/୨୦୧୯ ଓ ୯୦/୨୦୧୯ରେ ମାମଲା ରୁଜୁ କରିଥିଲା। ଆତଙ୍କବାଦ ନିରୋଧୀ ଅଦାଲତ (ଏଟିସି) ବିଚାରପତି ଏଜାଜ୍ ଅହମ୍ମଦ ଭୁଟ୍ଟାର ଏହାର ଶୁଣାଣି ଶେଷ କରି ଶୁକ୍ରବାର ରାୟ ଶୁଣାଇଛନ୍ତି। ଏଥିସହ କୋର୍ଟ ସୟିଦ୍‌ଙ୍କୁ ୩ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦେଶ ମଧ ଦେଇଛନ୍ତି। ୨୦୧୯ରୁ ସୟିଦଙ୍କୁ କୋଟ୍ ଲଖପତ୍ ଜେଲରେ ରଖାଯାଇଥିଲା। ରାୟ ଶୁଣାଣି ପାଇଁ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧରେ ତାଙ୍କୁ ସେଠାରୁ ଲାହୋରସ୍ଥିତ ଏଟିସିକୁ ନିଆଯାଇଥିଲା। ପ୍ରକାଶ ଯେ, ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି) ୨୦୦୮ରେ ମୁମ୍ବାଇ ଆକ୍ରମଣ କରିଥିଲା। ଏଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣ ନିହତ ହୋଇଥିଲେ। ଏଲ୍ଇଟି ପ୍ରତିଷ୍ଠାତା ହାଫିଜ୍ ସୟିଦଙ୍କୁ ଜାତିସଂଘ ଅନ୍ତର୍ଜାତୀୟ ଆତଙ୍କବାଦୀ ଆଖ୍ୟାଦେଇ ତାଙ୍କୁ ଧରାଇଦେଲେ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି।

### ଆଶାରାମଙ୍କ ଆଶ୍ରମରୁ ମିଳିଲା ନିଖୋଜ ନାବାଳିକାଙ୍କ ମୃତଦେହ

**ଲକ୍ଷ୍ନୌ,୮।୪ :** ଉତ୍ତରପ୍ରଦେଶର ଗୋଣ୍ଡାସ୍ଥିତ ଆଶାରାମ ବାପୁଙ୍କ ଆଶ୍ରମ ପରିସରରେ ଥିବା ଏକ କାର୍‌ରୁ ନିଖୋଜ ନାବାଳିକାଙ୍କ ମୃତଦେହ ଶୁକ୍ରବାର ଭୋର ସମୟରେ ମିଳିଛି। ୧୩ ବର୍ଷୀୟା ଜଣକ ଗତ ୫ ତାରିଖରୁ ନିଖୋଜ ଥିଲେ ବୋଲି ଗୋଣ୍ଡା ଏସ୍‌ପି ସନ୍ତୋଷ ମିଶ୍ରା କହିଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆଶ୍ରମରୁ ଜଣକୁ ନେଇ ପଚରାଉଚରା କରୁଛି। ନାବାଳିକାଙ୍କ ପରିବାର ୩ ଜଣଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି। ୨୦୧୩ରେ ଯୋଧପୁର ଆଶ୍ରମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ଆଶାରାମ ବାପୁଙ୍କୁ ୨୦୧୮ରେ ଏକ ସ୍ୱତନ୍ତ୍ର କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ।




ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରତିବାଦରେ ଟୋକିଓରେ ମହିଳାଙ୍କ ବିକ୍ଷୋଭ।

## ୟୁକ୍ରେନ୍ ଯିବ ଫୋରେନ୍‌ସିକ୍ ଟିମ୍

**ହେଗ୍,୮।୪**

୧୯୯୦ର ବଲ୍‌କାନ୍ ସଂଘର୍ଷରୁ ନେଇ ରୁଷିଆର ୟୁକ୍ରେନ୍ ଆକ୍ରମଣ ପର୍ଯ୍ୟନ୍ତ ନିଖୋଜ ଓ ନିହତଙ୍କ ପରିଚୟ ଚିହ୍ନଟ ପାଇଁ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠନ କରାଯାଇଛି। ଏହି ସଂସ୍ଥାର ଫୋରେନ୍‌ସିକ୍ ଟିମ୍ ଆସନ୍ତା ସପ୍ତାହରେ ୟୁକ୍ରେନ୍ ଗସ୍ତ କରି ନିଖୋଜ ଓ ମୃତକଙ୍କ ପରିବାର ସଦସ୍ୟଙ୍କ ଡିଏନ୍ଏ ନମୁନା ସଂଗ୍ରହ କରିବ। କିଭ୍ କର୍ତ୍ତୃପକ୍ଷ ନେଦରଲାଣ୍ଡ୍‌ସର ହେଗ୍ ଯାଇ ଇଣ୍ଟରନ୍ୟାଶନାଲ କମିଶନ ଅନ୍ ମିସିଂ ପର୍ସନ୍ସଙ୍କୁ ଏନେଇ ଅନୁରୋଧ କରିଛନ୍ତି।



ୟୁକ୍ରେନ୍‌ର କ୍ରାମାଟୋର୍ସ୍କ ରେଳ ଷ୍ଟେଶନରେ ନିକ୍ଷେପ କରାଯାଇଥିବା ମିଶାଇଲର ଅବଶେଷ।

# ରୁଷିଆର ଅନ୍ତହୀନ ପାପ

## ରେଳ ଷ୍ଟେଶନରେ ରକେଟ ମାଡ଼: ୫୦ ନିହତ

**କିଭ୍,୮।୪**

ୟୁକ୍ରେନ୍‌ର କ୍ରାମାଟୋର୍ସ୍କ ରେଳ ଷ୍ଟେଶନକୁ ଶୁକ୍ରବାର ରୁଷୀୟ ସୈନ୍ୟ ଟାର୍ଗେଟ କରିଛନ୍ତି। ଆକାଶମାର୍ଗରୁ ରକେଟ ମାଡ଼ରେ ଏହା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣ ସମୟରେ ସେଠାରେ ହଜାର ହଜାର ଲୋକ ଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣ ନିହତ ଓ ଶତାଧିକ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ କେତେଜଣ ଶିଶୁ ଓ ମହିଳା ମଧ ଥିଲେ। ଏହି ବର୍ବରତାକୁ ୟୁକ୍ରେନ୍ ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଦୃଢ଼ ନିନ୍ଦା କରିଥିବାବେଳେ ରକେଟ ମାଡ଼ ପଛରେ ନିଜ ସମ୍ପୃକ୍ତିକୁ ମସ୍କୋ ଖଣ୍ଡନ କରିଛି।

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଦେଢ଼ମାସ ପୂରିଛି। ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର କଟକଣା ସତ୍ତ୍ୱେ ମସ୍କୋ ପଛଘୁଞ୍ଚା ଦେବାର ନାଁ ନେଉନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରତିଶୋଧପରାୟଣ ହୋଇ ଦିନକୁ ଦିନ ଅଧିକ ଉଗ୍ର ହେବାରେ ଲାଗିଛନ୍ତି।



ଶୁକ୍ରବାର ପୂର୍ବ ୟୁକ୍ରେନ୍‌ର କ୍ରାମାଟୋର୍ସ୍କ ରେଳ ଷ୍ଟେଶନରୁ ୟୁକ୍ରେନୀୟମାନେ ପ୍ରାଣ ବିକଳରେ ପଡ଼ୋଶୀ ଦେଶଗୁଡ଼ିକୁ ପଳାୟନ କରୁଥିବାବେଳେ ପୁଟିନ୍‌ଙ୍କ ସୈନ୍ୟ ସେଠାରେ ରକେଟ ମାଡ଼ କରିଥିଲେ। ଷ୍ଟେଶନ ଜନଗହଳିପୂର୍ଣ୍ଣ ଥିବାରୁ ଅନ୍ୟୁନ ୫୦ ଜଣ ପ୍ରାଣ ହରାଇଥିବା ସରକାରୀ ରେଲୱେ କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିସହ ଶତାଧିକ ଆହତ ହୋଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ 'ଅନ୍ତହୀନ ପାପ' ବୋଲି ଅଭିହିତ କରିଛନ୍ତି। ସାଧାରଣ ଜନତାଙ୍କୁ ରୁଷିଆର ଟାର୍ଗେଟକୁ ରୋକା ନ ଗଲେ ଏଭଳି ଅମାନବୀୟ ବର୍ବରତା ବଢ଼ିଚାଲିଥିବ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଆମେରିକା ଭଳି ବ୍ରିଟେନ୍ ମଧ ପୁଟିନ୍‌ଙ୍କ ଦୁଇଝିଅ କାଟେରିନା ଟିଖୋନୋଭା ଏବଂ ମାରିଆ ଭୋରୋଣ୍ଟସୋଭାଙ୍କ ଉପରେ କଟକଣା ଜାରି କରିଛି। ତୁର୍କୀ, ବ୍ରିଟେନ୍ ଓ ଇଟାଲୀର ବହିର୍ବ୍ୟାପାର ମନ୍ତ୍ରୀମାନେ ଇସ୍ତାନବୁଲରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଜାପାନ ୮ ରୁଷୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ସହ ଆଲୋଚନା କରିଛନ୍ତି। ୟୁରୋପୀୟ କମିଶନ ମୁଖ୍ୟ ଉର୍ସୁଲା ଭୋନ୍ ଡେର ଲେୟେନ୍ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଆଲୋଚନା ପାଇଁ କିଭ୍ ଗସ୍ତ କରିଛନ୍ତି।

## ବୁଚାରେ କଟା ହାତ

### ନେଲ୍‌ପଲିସରୁ ମିଳିଲା ପରିଚୟ



ୟୁକ୍ରେନ୍‌ର ବୁଚା ଗଣହତ୍ୟା ପରେ ଅନେକ ହୃଦୟବିଦାରକ ଛବି ସାମ୍ନାକୁ ଆସିବାରେ ଲାଗିଛି। ତନ୍ମଧ୍ୟରୁ ଏକ କଟା ହାତର ଫଟୋ ଏବେ ଭାଇରାଲ ହୋଇଛି। ଏହା ୫୨ ବର୍ଷୀୟା ମେକ୍‌ଅପ୍ ଆର୍ଟିଷ୍ଟ ଇରିନା ଫିଲ୍‌କିନାଙ୍କ ହାତ ବୋଲି ଜଣାପଡ଼ିଛି। ଇରିନା ଏକ ସାଇକେଲରେ ନିଜ ଘରକୁ ଫେରୁଥିବାବେଳେ ରୁଷୀୟ ସୈନ୍ୟ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଅନ୍ୟ ଜଣେ ମେକ୍‌ଅପ୍ ଆର୍ଟିଷ୍ଟ ଅନାସ୍ତାସିଆ ସୁବଚେଭା ଏହା ଇରିନାଙ୍କ ହାତ ବୋଲି ତାଙ୍କ ନେଲ୍‌ପଲିସରୁ ଚିହ୍ନଟ କରିଛନ୍ତି।

## ଶ୍ରୀଲଙ୍କା ସରକାର ବିରୋଧରେ ଅନାସ୍ଥା ଆଣିବ ଏସ୍‌ଜେବି

**କଲମ୍ବୋ,୮।୪(ପି.ଟି.)**

ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ସଙ୍କଟ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ହୀନସ୍ଥା ହେଉଛନ୍ତି। ଲୋକଙ୍କ ସମସ୍ୟା ଦୂର କରିବାରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ସରକାର ବିଫଳ ହେଲେ ଅନାସ୍ଥା ପ୍ରସ୍ତାବ ଅଣାଯିବ ବୋଲି ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ଦଳ ଏସ୍‌ଜେବି ଶୁକ୍ରବାର ଘୋଷଣା କରିଛି। ରାଷ୍ଟ୍ରପତି ଶାସନ ଉଚ୍ଛେଦ କରାଯାଇ କ୍ଷମତାକୁ କାର୍ଯ୍ୟପାଳିକା, ବ୍ୟବସ୍ଥାପକ ଏବଂ ନ୍ୟାୟପାଳିକା ମଧ୍ୟରେ ଭାଗ ଭାଗ କରିବା ଲାଗି ବିରୋଧୀ ଦଳ ନେତା ସାଜିଥ ପ୍ରେମଦାସା ଆହ୍ୱାନ ଦେଇଛନ୍ତି। ଦେଶରେ ରାଜପାକ୍‌ସେ ଇସ୍ତଫା ଦାବି ଜୋର୍ ଧରିଥିବାବେଳେ ସରକାର ଏହାକୁ ଏଡ଼ାଇ ଯାଇପାରିବେ ନାହିଁ। ଯଦି ସରକାର ଇସ୍ତଫା ନ ଦିଅନ୍ତି, ତେବେ ଅନାସ୍ଥା ପ୍ରସ୍ତାବ ଅଣାଯିବ ବୋଲି ସମାଗି ଜନ ବଲୱେଗୟା (ଏସ୍‌ଜେବି) ନେତା ପାର୍ଲାମେଣ୍ଟରେ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ଏସ୍‌ଜେବି ଏମ୍‌ପିମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରୁଛି।



ଗୋଟାବାୟା ରାଜପାକ୍‌ସେ



ସାଜିଥ ପ୍ରେମଦାସା

ଦେଶରେ ମିଳିତ ସରକାର ଗଠନ ଲାଗି ଗୋଟାବାୟା ପୂର୍ବରୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମୁଖ୍ୟ ବିରୋଧୀ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଗୋଟାବାୟାଙ୍କ ରାଷ୍ଟ୍ରପତିତ୍ୱରେ ଅନ୍ତରୀଣ ସରକାରରେ ରହିବାକୁ ସେ ରାଜି ନୁହନ୍ତି ବୋଲି ପ୍ରେମଦାସା କହିଥିଲେ। ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ଏସ୍‌ଜେବି ପ୍ରସ୍ତୁତି ଚଳାଇଛି। ଦେଶରୁ ଆର୍ଥିକ ସଙ୍କଟ ଦୂର କରିବା ଲାଗି ଏସ୍‌ଜେବି ପକ୍ଷରୁ ପ୍ରେମଦାସା ପାର୍ଲାମେଣ୍ଟରେ କେତେକ ପ୍ରସ୍ତାବ ଦେଇଥିଲେ।

ଦରଦାମ୍ ବୃଦ୍ଧି ଓ ବିଦ୍ୟୁତ୍ କାଟ୍‌କୁ ନେଇ ଅତିଷ୍ଠ ଲୋକେ ରାଷ୍ଟ୍ରପତି ଓ ତାଙ୍କ ପରିବାରର ଇସ୍ତଫା ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ବିରୋଧୀ ଦଳ ଏହାକୁ ସମର୍ଥନ ଜଣାଇଛି। ରାଷ୍ଟ୍ରପତି ଯଦି ଇସ୍ତଫା ନ ଦିଅନ୍ତି, ତେବେ ତାଙ୍କୁ ବହିଷ୍କାର କରିବା ଲାଗି ମହାଭିଯୋଗ ଅଣାଯିବା ଆବଶ୍ୟକ ବୋଲି ବିରୋଧୀ ଜେଭିପି ଏମ୍‌ପି ବିଜିଥା ହେରାଥ କହିଛନ୍ତି।

## ବିଚାରପତିଙ୍କୁ ସରକାର ବଦନାମ କରିବା ଧାରା ଦୁର୍ଭାଗ୍ୟଜନକ: ସିଜେଆଇ

**ନୂଆଦିଲ୍ଲୀ,୮।୪ :** ବିଚାରପତିମାନଙ୍କୁ ସରକାର ବଦନାମ କରିବାର ନୂଆ ଧାରା ଦେଶରେ ଆରମ୍ଭ ହୋଇଯାଇଛି। ଏହା ଦୁର୍ଭାଗ୍ୟଜନକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଦୁଇଟି ସ୍ୱତନ୍ତ୍ର ପିଟିଶନର ଶୁଣାଣି କରିଥିଲେ। ସେଥିରୁ ଗୋଟିଏ ହାଇକୋର୍ଟଙ୍କ ରାୟ ବିରୋଧରେ ଛତିଶଗଡ଼ ସରକାରଙ୍କ ପିଟିଶନ। ରାଜ୍ୟର ପୂର୍ବତନ ପ୍ରମୁଖ ସଚିବ ଅମନ କୁମାର ସିଂଙ୍କ ବିରୋଧରେ ଦୁର୍ନୀତି ନିର୍ବାରଣ ଆଇନରେ ଦାଏର ଏତଲାକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଏତଲା ଖାରଜର କାରଣ ଅଭିଯୋଗ ଅନୁମାନ ଉପରେ ଆଧାରିତ ଥିଲା ବୋଲି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଡାଭେ କହିଥିଲେ। ଅଦାଲତଙ୍କୁ ବଦନାମ କରିବାକୁ ଉଦ୍ୟମ କର ନାହିଁ ବୋଲି ସିଜେଆଇ କହିବା ସହ ସର୍ବୋଚ୍ଚ ଅଦାଲତରେ ମଧ ସେଭଳି ଘଟଣା ସେ ଦେଖୁଥିବା କହିଥିଲେ। ତେବେ ମାମଲାରେ କାହାକୁ ନିନ୍ଦା କରାଯାଇ ନାହିଁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏତଲା ଦାଏର ହୋଇଥିବା ଡାଭେ କହିଥିଲେ।



ଜଷ୍ଟିସ୍ ଏନ୍.ଭି. ରମନା

## ଆକାରଙ୍କୁ ବିନା ଅନୁମତିରେ ବିଦେଶ ଗସ୍ତ ମନା

**ନୂଆଦିଲ୍ଲୀ,୮।୪**

ଅଦାଲତଙ୍କ ବିନା ଅନୁମତିରେ ଆମନେଷ୍ଟି ଇଣ୍ଟରନ୍ୟାଶନାଲ୍‌ର ପୂର୍ବତନ ଅଧ୍ୟକ୍ଷ ଆକାର ପଟେଲ ଦେଶ ବାହାରକୁ ଯାଇପାରିବେ ନାହିଁ। ଆକାରଙ୍କ ବିରୋଧରେ ଥିବା ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର କରିନେବା ସହ ସିବିଆଇ ନିର୍ଦ୍ଦେଶକ ତାଙ୍କୁ ଲିଖିତ କ୍ଷମା ମାଗିବା ଲାଗି ଗୁରୁବାର ଦିଲ୍ଲୀ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହାର ଦିନକ ପରେ ପୂର୍ବ ନିର୍ଦ୍ଦେଶକୁ କୋର୍ଟ ସ୍ଥଗିତ ରଖିଛନ୍ତି। ପୂର୍ବ ରାୟରେ ତ୍ରୁଟି ରହିଥିବା ଅଦାଲତ ସ୍ୱୀକାର କରିଛନ୍ତି। ଆକାରଙ୍କର ଆମେରିକାରେ ଏକାଧିକ ବକ୍ତୃତା କାର୍ଯ୍ୟକ୍ରମ ଥିବାରୁ ନୂଆ ନିର୍ଦ୍ଦେଶନାମା ଏହାକୁ ପ୍ରଭାବିତ କରିବ ବୋଲି ତାଙ୍କ ଓକିଲ କହିବା ସହ ଲୁକ୍‌ଆଉଟ୍ ସର୍କୁଲାର ଉପରେ ଶୁକ୍ରବାର ଶୁଣାଣି କରିବାକୁ ଅନୁରୋଧ କରିଥିଲେ।



ଆକାର ପଟେଲ

ଅଦାଲତ ଏହାକୁ ଅଗ୍ରାହ୍ୟ କରିଦେବା ସହ ଏପ୍ରିଲ ୧୨ରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଲୁକ୍‌ଆଉଟ୍ ନୋଟିସ ପ୍ରତ୍ୟାହାର ସମ୍ପର୍କରେ ଇମିଗ୍ରେଶନ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ସିବିଆଇର ତଦନ୍ତକାରୀ ଅଧିକାରୀ ଫୋନ୍ ସୁଇଚ୍ ଅଫ୍ ରଖିଥିବା ଅଭିଯୋଗ କରି ଆକାର ଶୁକ୍ରବାର ସକାଳେ ଟୁଇଟ୍ କରିଥିଲେ।

## ସୁପ୍ରିମକୋର୍ଟ ରାୟକୁ ନେଇ ମର୍ମାହତ: ଇମ୍ରାନ୍

**ଇସ୍‌ଲାମାବାଦ,୮।୪**

ନ୍ୟାଶନାଲ ଆସେମ୍ବ୍ଲି ଉପବାଚସ୍ପତି କାସିମ୍ ସୁରିଙ୍କ ଅନାସ୍ଥା ଖାରଜ ନିଷ୍ପତ୍ତିକୁ ପଲଟାଇଦେଇଥିବା ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ନୈରାଶ୍ୟ ବ୍ୟକ୍ତ କରିଛନ୍ତି ପାକିସ୍ତାନ ତେହରିକ୍-ଏ-ଇନ୍‌ଶାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍। ଅନାସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ଇସ୍ତଫା ଦେବାକୁ ସେ ପୁଣି ଥରେ ମନା କରିଦେଇଛନ୍ତି। ଶୁକ୍ରବାର ରାତିରେ ଜାତି ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ ଇମ୍ରାନ୍ କହିଛନ୍ତି, ସୁପ୍ରିମକୋର୍ଟ ରାୟ ଦେବା ପୂର୍ବରୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରମାଣ ପ୍ରତି ନଜର ଦେବା ଉଚିତ ଥିଲା। ବିରୋଧୀ ଶିବିରରେ ଘୋଡ଼ାବେପାର ଚାଲିଛି। କେଉଁ ଦେଶର ଗଣତନ୍ତ୍ର ଏଭଳି କାର୍ଯ୍ୟକୁ ଅନୁମତି ଦେଇଥାଏ। ଏହା ଉପରେ ମଧ ଅଦାଲତ ବିଚାର କରିବା କଥା।



ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ମର୍ମାହତ। ତଥାପି ତାକୁ ସେ ଗ୍ରହଣ କରିଥିବା ଇମ୍ରାନ୍ ନିଜ ଅଭିଭାଷଣରେ କହିଛନ୍ତି।

ଅନ୍ୟପକ୍ଷେ ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ଭୋଟ କରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରସ୍ତାବ ଆଗତ କରିଛନ୍ତି। ଉପବାଚସ୍ପତି ପକ୍ଷପାତ କରି ସରକାରଙ୍କୁ ଅନୁଗ୍ରହ ଦେଖାଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ପାକିସ୍ତାନ

### ଆଜି ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ଭୋଟ

ସୁପ୍ରିମକୋର୍ଟ ଉପବାଚସ୍ପତିଙ୍କ ପଦକ୍ଷେପକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିବାର ଦିନକ ପରେ ବିରୋଧୀ ନେତା ମୁର୍ତଜା ଜାଭେଦ୍ ଅବ୍ବାସି ନ୍ୟାଶନାଲ ଆସେମ୍ବ୍ଲି ସେକ୍ରେଟାରିଙ୍କ ନିକଟରେ ଏହି ପ୍ରସ୍ତାବ ଦାଖଲ କରିଛନ୍ତି। ଇତିମଧ୍ୟରେ ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଇମ୍ରାନ୍ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିଲେ ଅନାସ୍ଥା ଭୋଟ ଜରିଆରେ ବିଦା ହେବାରେ ସେ ହେବେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ। ଏହା ପରେ ବିରୋଧୀ ମେଣ୍ଟ ପକ୍ଷରୁ ବିରୋଧୀ ଦଳ ନେତା ଶେହୱାଜ୍ ଶରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ବଛାଯିବ। ତେବେ ପାକିସ୍ତାନ ମୁସଲିମ୍ ଲିଗ୍ (ନୱାଜ୍) ଅଧ୍ୟକ୍ଷ ଶେହୱାଜ୍ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପଦରେ ରହିପାରିବେ। ତା'ପରେ ଦେଶରେ ସାଧାରଣ ନିର୍ବାଚନ ହେବ। ୩୪୨ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ମ୍ୟାଜିକ୍ ନମ୍ବର ୧୭୨ ହୋଇଥିବାବେଳେ ବିରୋଧୀ ତହିଁରୁ ଅଧିକ ଏମ୍‌ପିଙ୍କ ସମର୍ଥନ ହାସଲ କରିଥିବା ଦାବି କରିଛନ୍ତି। ପ୍ରକାଶ ଯେ, ପାକିସ୍ତାନ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ପୂରା ୫ ବର୍ଷ ଧରି ଶାସନ କ୍ଷମତାରେ ରହିପାରି ନାହାନ୍ତି। ୨୦୧୮ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଇମ୍ରାନ୍ ତାଙ୍କ ସରକାରର ପତନ ଘଟାଇବା ପାଇଁ ବିଦେଶୀ ଷଡ଼ଯନ୍ତ୍ର କାମ କରିଥିବା ଅଭିଯୋଗ ଆଣିଥିବାବେଳେ ଏହାର ତଦନ୍ତ ଲାଗି ଏକ କମିଶନ ଗଠନ କରାଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ତାରିକ୍ ଖାନ୍ ଏହି ତଦନ୍ତ କମିଶନର ଅଧ୍ୟକ୍ଷତା କରିବେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୯/୨୦୨୨ | Bhubaneswar, Saturday, April 9/2022 | ପୃଷ୍ଠା-୧




## ରାଗିଗଲେ ୟାମୀ

ଅଭିନୟକୁ ନେଇ ଟୁଇଟରରେ କଟାକ୍ଷପୂର୍ଣ୍ଣ କମେଣ୍ଟ ଦେଇଥିବା ୟୁଜରଙ୍କ ଉପରେ ରାଗିଗଲେ ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ।

୧୦

୧୪

## ନଭନୀତଙ୍କ ଶତକ ମ୍ୟାଚ

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଛନ୍ତି ଭାରତୀୟ ଫରୱାର୍ଡ ନଭନୀତ କୌର।





ଭୁବନେଶ୍ୱର ଝାରପଡ଼ାସ୍ଥିତ ଗଣେଶ ବଜାର ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ ବେଳେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ କାବୁ କରିବାକୁ ଉଦ୍ୟମ କରୁଛି।

# ୧୦ରୁ ସାବାଳକଙ୍କୁ ବୁଷ୍ଟର

## ଘରୋଇ ହସ୍ପିଟାଲରେ ଉପଲବ୍ଧ ହେବ

**ନୂଆଦିଲ୍ଲୀ,୮।୪**

କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ୧୦ ତାରିଖ (ରବିବାର)ଠାରୁ ଉପଲବ୍ଧ ହେବାକୁ ଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। କେବଳ ଘରୋଇ ଟିକା କେନ୍ଦ୍ରରେ ଏହି ଡୋଜ୍ ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଯେପରି ମାଗଣାରେ ତୃତୀୟ ଡୋଜ୍ ମିଳୁଛି, ଅନ୍ୟମାନଙ୍କ ଲାଗି ତାହା ଉପଲବ୍ଧ ହେବ ନାହିଁ। ସେମାନଙ୍କୁ ଟଙ୍କା ଦେଇ ଟିକା ନେବାକୁ ପଡ଼ିବ। ଅନ୍ୟପକ୍ଷରେ ସରକାରୀ ଟିକାକେନ୍ଦ୍ରଗୁଡ଼ିକରେ କୋଭିଡ୍ ଟିକାର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଏବଂ ସ୍ୱାସ୍ଥ୍ୟ କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କ ଲାଗି ପ୍ରିକଶନ ଡୋଜ୍ ପୂର୍ବଭଳି ମାଗଣାରେ ଜାରି ରହିବ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଦ୍ୱିତୀୟ ଡୋଜ୍ ଟିକା ନେବାର ୯ ମାସ ପରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ପ୍ରିକଶନ ବା ବୁଷ୍ଟର ଡୋଜ୍ ନେବାକୁ ଯୋଗ୍ୟ ବିବେଚିତ ହେବେ। କୋଭିଡ୍-୧୯ ସଂକ୍ରମଣରୁ ଅତିରିକ୍ତ ସୁରକ୍ଷା ଲାଗି ଏହି ଡୋଜ୍ ଘରୋଇ ହସ୍ପିଟାଲଗୁଡ଼ିକରେ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଟୁଇଟ୍ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫ ବର୍ଷରୁ ଊର୍ଦ୍ଧ୍ୱ ଦେଶର ୯୬ ପ୍ରତିଶତ କୋଭିଡ୍ ଟିକାର ଅନ୍ୟୂନ ଗୋଟିଏ ଡୋଜ୍ ନେଇସାରିଥିବାବେଳେ ୮୩ ପ୍ରତିଶତ ଉଭୟ ଡୋଜ୍ ନେଇଛନ୍ତି।



୨.୪ କୋଟିରୁ ଅଧିକ ପ୍ରିକଶନ ଡୋଜ୍ ସ୍ୱାସ୍ଥ୍ୟ କର୍ମଚାରୀ, ଆଗଧାଡ଼ିର କର୍ମୀ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ଦିଆସରିଲାଣି। ସେହିପରି ୪୫ ପ୍ରତିଶତ ୧୨ରୁ ୧୪ ବର୍ଷ ବୟସ ବର୍ଗର ପିଲା ମଧ୍ୟ ପ୍ରଥମ ଡୋଜ୍ ଟିକା ନେଲେଣି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କୋଭିଶିଲ୍ଡ ବୁଷ୍ଟର ଡୋଜ୍ ୬୦୦ ଟଙ୍କା

**ନୂଆଦିଲ୍ଲୀ,୮।୪**

ସମସ୍ତ ସାବାଳକଙ୍କୁ ରବିବାରଠାରୁ ବୁଷ୍ଟର ଡୋଜ୍ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ସିଇଓ ଅଦାର ପୁନାୱାଲା ଏହାକୁ ସ୍ୱାଗତ କରିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ବିଭିନ୍ନ ଦେଶରେ ତୃତୀୟ ଡୋଜ୍‌କୁ ବାଧ୍ୟତାମୂଳକ କରାଯାଇଥିବାରୁ ବିଦେଶ ଯିବାକୁ ଚାହୁଁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଧିକାଂଶ ସାବାଳକଙ୍କ ପାଇଁ ବୁଷ୍ଟର ଡୋଜ୍ ମାଗଣା ଉପଲବ୍ଧ ହେବନାହିଁ। କୋଭିଶିଲ୍ଡର ବୁଷ୍ଟର ଡୋଜ୍ ପାଇଁ ୬୦୦ ଟଙ୍କା ସହ ଟିକସ ଦେବାକୁ ପଡ଼ିବ ବୋଲି ପୁନାୱାଲା କହିଛନ୍ତି। ସେହିପରି କୋଭୋଭାକ୍ସକୁ ମଞ୍ଜୁରୀ ମିଳିବା ପରେ ଏହା ୯୦୦ ଟଙ୍କା ସହ ଟିକସରେ ବଜାରରେ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ହସ୍ପିଟାଲ ଏବଂ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ରିହାତି ଦରରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହି ବୁଷ୍ଟର ଡୋଜ୍ ଯୋଗାଇବ ବୋଲି ପୁନାୱାଲା କହିଛନ୍ତି।




# ବିବେକ ବ୍ରହ୍ମପୁର ଡେପୁଟି ମେୟର

**ବ୍ରହ୍ମପୁର ଅଫିସ,୮।୪**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ନବ ନିର୍ବାଚିତ ମେୟର ଓ ୪୨ କର୍ପୋରେଟରଙ୍କ ଶପଥ ଗ୍ରହଣ ଉତ୍ସବ ସହ ପରିଷଦର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋଇଥିବା ଡେପୁଟି ମେୟର ନିର୍ବାଚନରେ ବିଜେଡି ପ୍ରାର୍ଥୀ ଇ. ବିବେକ ରେଡ୍ଡୀ ୩୪ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଡି. କରୁଣାକର ମାତ୍ର ୭ ଭୋଟ ପାଇ ପରାସ୍ତ ହୋଇଛନ୍ତି। ନୂତନ ସମ୍ମିଳନୀ ଗୃହରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଅଧ୍ୟକ୍ଷତା କରିଥିଲେ। ମେୟର ସଂଘମିତ୍ରା ଦଳେଇ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଇ. ବିବେକ ରେଡ୍ଡୀ।

ସୂଚନାଯୋଗ୍ୟ, ୪୨ କର୍ପୋରେଟରଙ୍କ ମଧ୍ୟରୁ ୩୦ ଜଣ ବିଜେଡିରୁ ନିର୍ବାଚିତ ହୋଇଥିବା ସ୍ଥଳେ ଡେପୁଟି ମେୟର ନିର୍ବାଚନରେ ବିବେକ ଅଧିକ ୪ଟି ଭୋଟ ପାଇଥିଲେ। ୪ ସ୍ୱାଧୀନଙ୍କ

### ■ ନିର୍ବାଚନରେ ବିଜେଡି ପ୍ରାର୍ଥୀ ୩୪, ଭାଜପାକୁ ୭ ଭୋଟ

ମଧ୍ୟରୁ ମହିଳା କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ ଭୋଟଦାନରୁ ଓହରି ଯାଇଥିଲେ। ଅବଶିଷ୍ଟ ୩ ଜଣ ବିଜେଡିକୁ ସମର୍ଥନ କରିଥିବା ଏବଂ କଂଗ୍ରେସର ଏକମାତ୍ର ରଶ୍ମିତା ପ୍ରଧାନ ମଧ୍ୟ ବିବେକଙ୍କୁ ଭୋଟ ଦେଇଥିବା ଚର୍ଚ୍ଚା ହୋଇଛି। ନିର୍ବାଚନ ବେଳେ କେବଳ ବିଜେଡିର କ୍ଷମତାପ୍ରାପ୍ତ ଏଜେଣ୍ଟ ଭାବେ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉପସ୍ଥିତ ଥିଲେ ଏବଂ ନିୟମ ପ୍ରକାରେ ୩୦ କର୍ପୋରେଟର ତାଙ୍କୁ ଦେଖାଇ ଭୋଟ ଦେଇଥିଲେ।

ନିର୍ବାଚନ ବେଳେ ଭାଜପାର କେହି କ୍ଷମତାପ୍ରାପ୍ତ ଏଜେଣ୍ଟ ନ ଥିଲେ। ତେଣୁ ସେହି ଦଳର ୭ କର୍ପୋରେଟର ଏବଂ ☞ପୃଷ୍ଠା-୨

## ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ:ଅନ୍ଧାରରେ ୪୦ ପଞ୍ଚାୟତ

**ଭଦ୍ରକ ଅଫିସ,୮।୪**

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପା-ଧାମରା ଓଭରବ୍ରିଜ୍ ନିକଟରେ ଥିବା ଡମ୍ପିଂୟାର୍ଡରେ ଶୁକ୍ରବାର ରାତିରେ ନିଆଁ ଲାଗି ୩୩ କେଭି ଅଣ୍ଡରଗ୍ରାଉଣ୍ଡ କେବୁଲ ଜଳିଯାଇଛି। ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ଭଦ୍ରକ ଜିଲାର ସଦର ଓ ବାଲେଶ୍ୱର



ଜିଲା ସିମୁଳିଆ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଅନ୍ଧାରରେ ରହିଛି। ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବା ପାଇଁ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

# ମହାକାଶରେ ପ୍ରଥମ ଘରୋଇ ମିଶନ

**ୱାଶିଂଟନ,୮।୪**

ଇଣ୍ଟରନ୍ୟାଶନାଲ ସ୍ପେସ୍ ସେଣ୍ଟର (ଆଇଏସ୍‌ଏସ୍) ପାଇଁ ପ୍ରଥମ ଘରୋଇ ମିଶନ୍ ଲଞ୍ଚ ହୋଇଛି। ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ୪ କ୍ରିଉ ମେମ୍ବରଙ୍କୁ ନେଇ ସ୍ପେସ୍‌ଏକ୍ସ ରକେଟ୍ ଭାରତୀୟ ସମୟ ରାତି ୮ଟା ୪୩ରେ ଟେକ୍‌ଅଫ୍ କରିଛି। ଉକ୍ତ ମିଶନ ପାଇଁ ଏକ୍ସିଓମ୍ ସ୍ପେସ୍ ପକ୍ଷରୁ ୪ କ୍ରିଉ ମେମ୍ବରଙ୍କୁ ଚୟନ କରାଯାଇଛି। ଏହି ମିଶନର ନାମ 'ଏକ୍ସିଓମ୍-୧' ରଖାଯାଇଛି। ଏଥିରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ୍)ର ସହଭାଗିତା ରହିଛି। ମହାକାଶର 'ଲୋ ଆର୍ଥ ଅର୍ବିଟ' ରିଜିୟନ୍‌କୁ ବ୍ୟବସାୟୀକରଣ କରିବା ହେଉଛି ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଏବଂ ସ୍ପେନ୍ ନାଗରିକତ୍ୱ ହାସଲ କରିଥିବା ନାସାର ପୂର୍ବତନ ମହାକାଶ ଯାତ୍ରୀ ମିଶେଲ୍ ଲୋପେଜ୍-ଆଲେଗ୍ରିଆ ମିଶନର କମାଣ୍ଡିଂ କରିଛନ୍ତି। ନିର୍ଦ୍ଦିଷ୍ଟ ଦେୟ ଦେଇ ଏଥିରେ ସାମିଲ ହୋଇଥିବା ୩ ମହାକାଶ ଯାତ୍ରୀ ହେଲେ ଆମେରିକାର ରିୟଲଇଷ୍ଟେଟ୍ ଇନ୍‌ଭେଷ୍ଟର ଲାରି କୋନ୍ନର, କାନାଡାର ବ୍ୟବସାୟୀ ମାର୍କ ପାଥି ଏବଂ ଇସ୍ରାଏଲର ପୂର୍ବତନ ଯୁଦ୍ଧ ବିମାନ ପାଇଲଟ ଇଟାନ ଷ୍ଟିବ। ମିଶନ ଜରିଆରେ ମହାକାଶ ଯାତ୍ରୀମାନେ ମୋଟ ୨୫୦ ମାଇଲ୍ ଅର୍ଥାତ୍ ସମୁଦ୍ର ପତ୍ତନଠାରୁ ୪୦୦ ☞ପୃଷ୍ଠା-୨




ମିଶନରେ ଯାଉଥିବା ୪ କ୍ରିଉ ମେମ୍ବର।

**ଆଜିର ସମ୍ପାଦକୀୟ**

ଆଇଏଏସ୍ ଅଧିକାରୀ ଅଭାବ




**ଆଜିର ମନ୍ତବ୍ୟ**

"ହିନ୍ଦୀ ଭାରତର ରାଷ୍ଟ୍ରଭାଷା ନୁହେଁ। ଅଣହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଭାଜପା ଏହାର 'ସାଂସ୍କୃତିକ ଆତଙ୍କବାଦ' ଏଜେଣ୍ଡାକୁ ଚାପିଦେବାକୁ ଉଦ୍ୟମ କରୁଛି। -**ସିଦ୍ଧରମାୟା, ବରିଷ୍ଠ କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲୋପା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନବୀନ ନିବାସରେ ସବୁ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ

### ସାମାଜିକ ଗଣମାଧ୍ୟମରେ ସକ୍ରିୟ ହେବାକୁ ପରାମର୍ଶ

ଭୁବନେଶ୍ୱର,୮।୪(ବ୍ୟୁରୋ)

ରାଜ୍ୟରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ବିଜେଡି ଏକତରଫା ଫଳାଫଳ କରିଛି। ୩୦ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ସହ ଉପାଧ୍ୟକ୍ଷ ଆସନ ମଧ୍ୟ ଶାସକ ଦଳ ଦଖଲ କରିନେଇଛି। ଶାସକ ଦଳ ପକ୍ଷରୁ ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଅଧିକ କ୍ଷମତାଶାଳୀ କରାଯିବ ବୋଲି ସୂଚନା ମିଳିଛି। ଏହି କ୍ରମରେ ଶୁକ୍ରବାର ରାଜ୍ୟର ସମସ୍ତ ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନଙ୍କୁ ସାକ୍ଷାତ୍ କରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ପର୍ଯ୍ୟାୟକ୍ରମେ ଯାଇ ସାକ୍ଷାତ୍ କରିଥିବା ଜଣାପଡିଛି। ସେମାନଙ୍କୁ ମୁଖ୍ୟତଃ ଫେସ୍‌ବୁକ୍ ଏବଂ ଟୁଇଟର୍ ଭଳି ସାମାଜିକ ଗଣମାଧ୍ୟମରେ ସକ୍ରିୟ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ ଯୋଜନା ଏବଂ ଜିଲାସ୍ତରରେ ହେଉଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ସେମାନେ ସରକାରୀ କାମଗୁଡିକର କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଅନୁଧ୍ୟାନ କରିବା ପରେ ନିଜ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବେ। ଏହିଭଳି ମହିଳାମାନଙ୍କ ଲାଗି କରାଯାଉଥିବା ବିଭିନ୍ନ କାର୍ଯ୍ୟ ଉପରେ ମଧ୍ୟ ବିଶେଷ ଧ୍ୟାନ ରଖିବା ନେଇ କୁହାଯାଇଛି। ଯଦି କୌଣସି ସମୟରେ ଆବଶ୍ୟକତା ପଡ଼େ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସହଯୋଗ ଲୋଡିପାରିବେ ବୋଲି ମଧ୍ୟ ସେମାନଙ୍କୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଁଠା ଶଙ୍ଖୁଡ଼ି ଲକ୍ଷ୍ମୀ ଛାଡେ;**
**ଗୃହମୁତ କୁଳ ଛାଡ଼େ।**

ଅଇଁଠା ଶଙ୍ଖୁଡ଼ି ଯିଏ ଛାଡେ ତାକୁ ଲକ୍ଷ୍ମୀଛଡ଼ା ବୋଲି କୁହାଯାଇଥାଏ। ସେହିପରି ଜଣେ ବ୍ୟାଧି ଏବଂ ବୟସାଧିକ୍ୟ କାରଣ ହେତୁ ଗୃହ ମୁତରେ ଘାଣ୍ଟି ହେଲେ ସିଏ ଶେଷ ବେଳାରେ ବା ଶେଷ ଅବସ୍ଥାରେ ପହଞ୍ଚି ଗଲାଣି ବୋଲି ବିଚାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି,**
**ଝୁଣ୍ଟିଆ ଶବଦ କମ୍ପେଇ ଦେଲା,**
**ଏଇ ବାଟେ ଗଲା ଗୋରୀ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପ ଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟଆଗରେ ନିଜର ଛଇଛଟକି ଭାବ ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଖୁବ୍ ଶୀଘ୍ର ବସିବ ବିଧାନସଭା ଗୃହ କମିଟି ବୈଠକ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ କରିବ ବିଧାନସଭା ଗୃହ କମିଟି। ଖୁବ୍‌ଶୀଘ୍ର ଏନେଇ କମିଟିର ବୈଠକ ଡକାଯିବ। ଏଥିରେ ବିଭିନ୍ନ ଦିଗ ଉପରେ ଆଲୋଚନା ହେବ। ଆଇନ ସଚିବ, ପୂର୍ତ୍ତ ସଚିବ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ ପାଇଁ ଗଠିତ ବିଧାନସଭା ଗୃହ କମିଟିରେ ୮ ଜଣ ସଦସ୍ୟ ଅଛନ୍ତି। ଗତ ୩୧ ତାରିଖରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବୀ ପ୍ରସାଦ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଅତନୁ ସବ୍ୟସାଚୀ ନାୟକ ଏହି କମିଟିରେ ସଦସ୍ୟ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ସହାନୁଭୂତି ଲାଭ କରି ବିବାଦୀୟ ଘଟଣାର ସମାଧାନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଆକସ୍ମିକ ଭାବେ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ଆଜିର ଯାତ୍ରା ଓ ନୂତନ କାର୍ଯ୍ୟାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ ଯାହା କଲେ ମଧ୍ୟ ବିନା ଖର୍ଚ୍ଚରେ କାମ ହାସଲ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି।

**କର୍କଟ** ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** କୌଣସି କ୍ଷେତ୍ରକୁ ନ ଡାକିଲେ ଯାଆନ୍ତୁ ନାହିଁ ଏବଂ ନ ପଚାରିଲେ କିଛି କହିବା ଠିକ୍ ହେବ ନାହିଁ। ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ।

**କନ୍ୟା** ଅନ୍ୟ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ଗ୍ରହଣ କରିପାରିବେ ନାହିଁ। ଅସାବଧାନତା କାରଣରୁ ଆଘାତ କିମ୍ବା ଧନହାନିର ସମ୍ଭାବନା ରହିଛି। ଚିନ୍ତା କରିଥିବା କାମଗୁଡ଼ିକ ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଖର୍ଚ୍ଚାନ୍ତ ହେଲେ ମଧ୍ୟ ଶେଷ କରିପାରିବେନି। ପ୍ରତିଟି କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚୁବା ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଅତୀତ ଘଟଣା ମନରେ ଆଲୋଡ଼ନ ସୃଷ୍ଟି କରି ମାନସିକ ସ୍ଥିତିକୁ ଅସ୍ଥିର କରିପାରେ। କାଳେ ସାହାଯ୍ୟ କରିବାକୁ ବନ୍ଧୁ କହିପାରନ୍ତି, ଏହି କଥା ମନରେ ଚିନ୍ତାକରି ସମ୍ପର୍କୀୟ ପାଖ ମାଡିବେ ନାହିଁ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ। ପୂର୍ବରୁ ପରିକଳ୍ପିତ ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** ଆଜି ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ କିନ୍ତୁ ଧନିଷ୍ଠା ନିଜ ଦୋଷରୁ ତାହା ହରାଇ ପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେବା କାରଣରୁ କାମଟି ଅସମ୍ପୂର୍ଣ୍ଣ ରହଯିବ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ଆଜିର ପ୍ରତ୍ୟେକ କାମ ସମସ୍ୟାବହୁଳ ହୋଇପାରେ। କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜି ସଭାସମିତି,ସତ୍‌ସଙ୍ଗ,ଅଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ଆଜି ଯାହା କରିବେ କିମ୍ବା କହିବେ, ପ୍ରତ୍ୟେକ ଦିଗରୁ ତାହା ଅନୁକୂଳ ସୁଫଳ ପ୍ରଦାନ କରିବ। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି। ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।


# classifieds Everyday 0674-2580101, 2549302




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot for Sale at Ghangapatna (4km from Sumhospital). 9583295832, 9937816565. D- 067

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

Residential plot near Kateni Square (Sum Hospital) close to Cuttack- Khordha NH, Adjacent 200feet road, 12subplot left. Contact: 9937452454, 8144373035. D-078

**Studio and 1BHK Apartment with all furnished available at Srikhetradham, Puri. 9348332283, 9861593321.** D-017

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Gharabari boundary plot at Chhatabara, Little Odisha housing project, adjacent to Pitapalli-Cuttack NH. 7008563697.** D-035

ଭୁବନେଶ୍ୱର ଗଙ୍ଗୋତ୍ରୀ ନଗର ଲେନ୍ -3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରି କରାଯିବ। 7008833643. D-73226

**ହଂସପାଳ ପାଖରେ Audi Showroom ଆଗରେ NH ଠାରୁ 200 mtr. ଦୂରରେ ସମସ୍ତ development ଯଥା: boundarywall, road, electricity ଥାଇ ଜାଗା ବିକ୍ରି କରାଯାଉଅଛି। ଯୋଗାଯୋଗ: 9337343941.** D-057

Ready 4BHK Duplex Balianta Syphon. Land-1400 and Construction- 2200-85Lakh. 9938219397, 9861022055. D-076

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ **30ft. road, Bank finance** ସହିତ ପ୍ଲଟ୍ ମିଳୁଛି। **8093465134, 9668194157.** D-73306

Luxurious 4BHK Duplex Jharpada-1.5cr, pokhariput-1.3cr, Bhubaneswar New Station-90Lakhs, Balianta-75Lakhs. 7008550473. D-059

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର **Balianta Area** ଘରବାରି ପ୍ଲଟ୍ ବିକ୍ରିହେବ। **sqft. Rs-750/- immediate construction. Contact No.- 7008992019.** D-025

ଭୁବନେଶ୍ୱର **Gita/ Gandhi** କଲେଜରୁ **1k.m. BDA Satellitecity**କୁ ଲାଗି **30'** ରାସ୍ତା ଥାଇ **boundary** ପ୍ଲଟ୍ **30ft.-750/-. 9439918431, 8249603324.** D-73222

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D- 014

**Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar- sqft.-2700/- first possesion then registration. 8249602844.** D-73221

BDA yellowzone conversion plot for sale near AIIMS. For details contact Ph. No.- 9937232509, 9337711256. D-073

**Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact : 9178060228.** D-015

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact : 9937059891.** D-23479

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342




750sqft. (appx). Carpet Area Office space available on Janpath near Master Canteen, 3rd floor with elevator. Contact: 9338002008, 9437100525. D-71974

Office space available for rent at Goutam Nagar near Kalpana Square. Call: 9337117523. D-71343

**Rent for Office/ Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986.** D-71487

Marble duplex 2rooms, Kitchen, Toilet, Balcony (First Floor) for Single/ Family/ Office, Samantarapur, Bhubaneswar. 7682848145. D-070




Newly open SPA positively health benifit with expert. Contact: 7749976301. D-71973

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open full body massage ladies and gents. 8327740003. D-71885

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Newly open SPA positively health benefits expert therapist, Kalpana. 7846814019. D-71486


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଖବରଦାତାଙ୍କ ଗୋଡ଼ରେ ବେଡ଼ି ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଖୋର୍ଦ୍ଧା ଅଫିସ୍, ୮।୪

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଲୋକନାଥ ଦଳେଇଙ୍କୁ ପୋଲିସ ଆକ୍ରୋଶମୂଳକଭାବେ ଗିରଫ କରିବା ଓ ଚିକିତ୍ସା ବେଳେ ଗୋଡ଼ରେ ବେଡ଼ି ପକାଇବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣାକୁ ବିରୋଧ କରି ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କୁ ନିବେଦନ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଗଣମାଧ୍ୟମକୁ ସମ୍ବିଧାନର ଚତୁର୍ଥ ସ୍ତମ୍ଭର ମାନ୍ୟତା ଦିଆଯାଇଛି। ଖବରଦାତାଙ୍କ ମୌଳିକ ଅଧିକାରକୁ ପୋଲିସ ଉଲ୍ଲଂଘନ କରିଛି। ଏହା ଭାରତୀୟ ସମ୍ବିଧାନର ଧାରା ୧୪, ୧୯ (୧) (କ), ୨୧, ୨୨ ଏବଂ ମାନବିକ ଅଧିକାରର ସର୍ବଭାରତୀୟ ଘୋଷଣାନାମାର ଧାରା ୩, ୫, ୬, ୭, ୯, ଏବଂ ୧୯ ଅନୁଯାୟୀ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ନୀଳଗିରି ଥାନାର ସମ୍ପୃକ୍ତ ଥାନାଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ଲାଗି ଓଡ଼ିଶା ପୋଲିସକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହିତ ୧୯୮୯ ଡିସେମ୍ବର ୧୪ରେ ଦିଲ୍ଲୀ ପୋଲିସ ବିରୋଧରେ ସୁପ୍ରିମକୋର୍ଟରେ ହୋଇଥିବା ଏକ ମାମଲାର ଉଦାହରଣ ଦେଇଛନ୍ତି। କ୍ଷତିପୂରଣ ଆକ୍ଟ ଅନୁଯାୟୀ ପୀଡ଼ିତଙ୍କୁ ୫ ଲକ୍ଷ ଟଙ୍କା ଦିଆଯିବା ନେଇ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ଏବଂ ଏହି ଟଙ୍କା ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କଠାରୁ ଭରଣା କରାଯାଉ ବୋଲି ମାନବାଧିକାର କର୍ମୀ ଦାଶ ନିବେଦନ କରିଛନ୍ତି।

## ୧୫ଦିନରେ ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୪(ବ୍ୟୁରୋ)- ନୀଳଗିରିର ଗଣମାଧ୍ୟମ ପ୍ରତିନିଧି ଲୋକନାଥ ଦଳେଇଙ୍କୁ ପୋଲିସ ପକ୍ଷରୁ ଦିଆଯାଇଥିବା ନିର୍ଯାତନା ସମ୍ପର୍କିତ ଖବର ପ୍ରସାରଣ ପରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଘଟଣାରେ ହସ୍ତକ୍ଷେପ କରିବା ସହିତ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଅର୍ଥାତ୍ ୨୬ ତାରିଖ ସୁଦ୍ଧା ଏ ସମ୍ପର୍କିତ ସବିଶେଷ ରିପୋର୍ଟ ଦେବା ପାଇଁ ପୂର୍ବାଞ୍ଚଳ ଆଇଜି, ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ପିଏଚ୍‌ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରିବା, ଗୋଡ଼ରେ ବେଡି ପକାଇ ଚିକିତ୍ସା କରିବା ଘଟଣାକୁ ମାନବାଧିକାର ଉଲ୍ଲଂଘନ ବୋଲି କମିଶନ ଦର୍ଶାଇଛନ୍ତି।

# ପ୍ରକାଶ ପାଇଲା ଓଏସ୍‌ଏସ୍‌ଟିଇଟି ପରୀକ୍ଷାଫଳ

**କଟକ ଅଫିସ,୮।୪:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଏସ୍‌ଏସ୍‌ଟିଇଟି)ର ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାଫଳ www.bseodisha.ac.in ୱେବ୍‌ସାଇଟରେ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ ଏହି ୱେବ୍‌ସାଇଟ୍‌କୁ ଯାଇ ନିଜର ରୋଲ୍ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷାଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏଥିସହ ପରୀକ୍ଷାର ଉତ୍ତରଖାତା ମଧ୍ୟ ଉକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

# ଟାଙ୍ଗିଆରେ ହାଣି ବନ୍ଧୁଙ୍କୁ ହତ୍ୟା

ଝାରସୁଗୁଡ଼ା ଅଫିସ,୮।୪

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ବିନାସୀପଡ଼ାରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ବନ୍ଧୁଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ସଞ୍ଜୀବ କୁମାର ମାଛଖଣ୍ଡେ (୪୫)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୃତକଙ୍କ ସ୍ତ୍ରୀ ଅରୁଣୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବ୍ରଜରାଜନଗର ଥାନା କେସ୍ ନଂ.୯୭/୨୨ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଡମ୍ବରୁ ଦାସ ଫେରାର୍ ହୋଇଯାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ବିବେକ ବ୍ରହ୍ମପୁର ...

ସ୍ୱାଧୀନ ଓ କଂଗ୍ରେସ କର୍ପୋରେଟର ଗୁପ୍ତ ଭୋଟ ଦେଇଥିଲେ। ମିଳିଥିବା ଖବର ଅନୁସାରେ ଭାଜପା ରାଜ୍ୟ ସଂଗଠନ ପକ୍ଷରୁ କାହ୍ନୁ ଚରଣ ପତିଙ୍କୁ କ୍ଷମତାପ୍ରାପ୍ତ ଏଜେଣ୍ଟ ଭାବେ ମନୋନୀତ କରାଯାଇଥିଲା। ତେବେ ତାହା ୬ ତାରିଖ ସୁଦ୍ଧା ଦାଖଲ କରିବା କଥା। ସେ ୭ ତାରିଖରେ ଦାଖଲ କରିବାରୁ ଖାରଜ ହୋଇଥିଲା। ଅପରପକ୍ଷରେ ଗତ ନିର୍ବାଚନ ଭଳି ଏଥର ମଧ୍ୟ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ମେୟର ହୋଇଥିବା ବେଳେ ଗୋପାଳପୁର କ୍ଷେତ୍ରରୁ ଡେପୁଟି ମେୟର ହୋଇଛନ୍ତି।

### ମହାକାଶରେ ପ୍ରଥମ ....

କିଲୋମିଟର ଅତିକ୍ରମ କରିବେ। ମୋଟ ୧୦ଦିନିଆ ମିଶନରେ ୨୫ ମାଇକ୍ରୋ ଗ୍ରାଭିଟି ଏକ୍ସପେରିମେଣ୍ଟ ଲାଗି ମହାକାଶ ଯାତ୍ରୀମାନଙ୍କୁ ଆଇଏସ୍‌ଏସ୍‌ରେ ୮ ଦିନ ବିତାଇବାକୁ ପଡ଼ିଥିଲା। ଯିବା ଆସିବାରେ ବାକି ୨ ଦିନ ଲାଗିବ ବୋଲି ନାସା ପକ୍ଷରୁ କୁହାଯାଇଥିଲା। ମହାକାଶ ଯାତ୍ରା ପାଇଁ ନିର୍ଦ୍ଧାରିତ ଟିକେଟ ମୂଲ୍ୟ ୫୫ ମିଲିୟନ ଧାର୍ଯ୍ୟ କରାଯାଇଥିଲା। ଇଲାନ ରାମୋନ ହେଉଛନ୍ତି ଇସ୍ରାଏଲର ପ୍ରଥମ ମହାକାଶ ଯାତ୍ରୀ। କଲମ୍ବିୟା ଏକ ମହାକାଶ ମିଶନ ବେଳେ ତାଙ୍କ ମୃତ୍ୟୁ ଘଟିଥିଲା। ମିଶନରେ ସାମିଲ ହୋଇଥିବା ଷ୍ଟିବ୍ ନିଜ ବନ୍ଧୁ ଇଲାନ ରାମୋନଙ୍କୁ ଆଇଏସ୍‌ଏସ୍‌ରେ ଶ୍ରାଦ୍ଧାଞ୍ଜଳି ଅର୍ପଣ କରିବେ ବୋଲି ଏକ୍ସିଓମ୍ ସ୍ପେସ୍‌ର ନିର୍ଦ୍ଦେଶକ ଡେରେକ୍ ହାସମାନ୍ କହିଛନ୍ତି। ଏକ୍ସିଓମ୍ ପକ୍ଷରୁ ମୋଟ ୪ଟି ଅନ୍ତରୀକ୍ଷ ମିଶନ କରାଯିବାକୁ ଥିବାବେଳେ ନାସା ଓ ସ୍ପେସ୍ ଏକ୍ସ ଏହାର ଦ୍ୱିତୀୟ ମିଶନ ପାଇଁ ସ୍ୱୀକୃତି ପ୍ରଦାନ କରିସାରିଛନ୍ତି। ଏକ୍ସିଓମ୍ କମ୍ପାନୀ ନିଜର ଘରୋଇ ସ୍ପେସ୍ ଷ୍ଟେଶନ ତିଆରି କରିବାକୁ ଯୋଜନା କରୁଛି। ୨୦୨୪ ସେପ୍ଟେମ୍ବରରେ ଏହାର ପ୍ରଥମ ମୋଡ୍ୟୁଲ ଲୋକାର୍ପିତ ହେବା କଥା ଏକ୍ସିଓମ୍‌ର ସଭାପତି ତଥା ସିଇଓ ମିଶେଲ ପ୍ରକାଶ କରିଛନ୍ତି। ୨୦୩୦ ପରେ ଏକ୍ସିଓମ୍‌ର ଆଇଏସ୍‌ଏସ୍ ସହ ସ୍ୱାକ୍ଷରିତ ଚୁକ୍ତିନାମା ଅବଧି ଶେଷ ହେବା ପରେ ଏକ୍ସିଓମ ନିଜସ୍ୱ ମହାକାଶ ମିଶନ ଲଞ୍ଚ କରିବ।


The all-new
Sonet and Seltos
Safer, smarter and more inspiring than ever.
Sonet
Seltos
Movement that inspires
The all-new Sonet and Seltos are here to inspire a new belief in world-class safety with 4 airbags˅ as standard (6 airbags available with select variants), along with flamboyance of exciting 2 new colors and much more. So take your pick and set out to new destinations and newer inspirations.
Sonet | Wild by design
4 AIRBAGS˅ AS STANDARD
1ST IN SEGMENT˜
The new Sonet becomes your shield as 4 airbags˅ come standard
HIGHLINE TYRE PRESSURE MONITORING SYSTEM AS STANDARD
32 32 32 32 psi
1ST IN SEGMENT˜
Enhanced safety with TPMS as standard, which alerts you in case of drop in tyre pressure
EXCITING 2 NEW COLORS
Announce your arrival in style with exciting new colors – Imperial Blue and Sparkling Silver
Segment Leading Features: 1.5l CRDi Diesel Engine with 6-speed Advance AT | iMT – New-age Intelligent Manual Transmission | BOSE Premium 7-speaker Sound System with LED Sound Mood Lights | Ventilated Driver and Passenger Seat | Drive Modes and Traction Control | ESC, HAC, ESS, ACN & VSM | 10.7 cm (4.2") Advanced Color Instrument Cluster | #Smart Pure Air Purifier with Virus and Bacteria Protection | Rear Door Sunshade Curtain | Sporty Paddle Shifters | 6 Airbags available with HTX+ and GTX+
Set yourself free with wild options:
Seltos | Badass by design
ROBUST HI-SAFETY PACKAGE AS STANDARD
1ST IN SEGMENT+
4 airbags˅, HAC, ESC, VSM, BA and TPMS come standard, making the new Seltos a perfect safehouse
NEW-AGE INTELLIGENT MANUAL TRANSMISSION WITH DIESEL
1ST IN INDIA
Enjoy the ease and thrill of clutch-less* manual transmission, now with a diesel engine
ALL-WHEEL DISC BRAKES AS STANDARD
Front and rear disc brakes standard across all variants for added safety, control and precision
Other New Features Exciting 2 New Colors - Imperial Blue and Sparkling Silver | Sporty Paddle Shifters, Drive Modes and Traction Control as Standard in Automatic Variants
Segment Leading Features: Smartstream 1.4 l Turbo GDi Engine with 7DCT & 6MT | Smart 20.32 cm (8.0") Head-up Display | 26.03 cm (10.25") HD Touchscreen Navigation | #Smart Pure Air Purifier with Virus and Bacteria Protection | BOSE Premium Sound System with 8 Speakers & LED Sound Mood Lights | 360° Camera with Blind View Monitor | 6 Airbags available with HTX+, GTX(O), GTX+ and X Line
Choose your own badass style:
KIA Connect
The Ultimate Connected Car Experience
58 Smart Features for Advanced Connectivity
Quick OTA Map Updates
Emergency Assistance – Dedicated 24x7 Customer Care Service
Smart Watch Connectivity on Android/ iOS/ Tizen
Owning the new Sonet and Seltos just got easier!
Low EMI Scheme** Pay low EMI starting ₹ 767 per Lakh for first 6 months
Long Tenure Scheme** Get up to 100% on-road finance up to 8 years
Accessories Finance Option** Get up to 100% finance on accessories
My Convenience Finance Option** Get flexible finance option on Maintenance Packages
Agriculture/ No Income Proof Scheme** Get flexible finance options for self-employed & farmers with minimal documentation
KIA Service
Connected • Adaptive • Responsive • Engage
3 Years Unlimited kms Warranty
Extended Warranty up to 5 Years
My Convenience Customise your maintenance needs
IoT Based Smart Services
Wherever you go, we stay with you.
200 City Coverage
350 Consumer Touchpoints
242 Service Workshops
24x7 | 3 Years Nationwide RSA^
For more information contact: 1800 108 5000 | www.kia.com/in | Book Kia
09319591407 | kiacare@kiaindia.net | Look for "Kia India" @
T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. ˜As a standard feature in segment defined as vehicle with length between 3 990 mm – 3 999 mm and height - 1 570mm. ˅4 airbags comprise of – 2 Front and 2 Side airbags. +As a standard feature in segment defined as Mid SUV whose length lies between 4 260 - 4 390 mm and width between 1 775 - 1 825 mm. ^RSA Coverage across India except Andaman & Nicobar Islands and Lakshadweep. Kia Connect functionality is dependent on mobile network strength. Smartwatch and mobile phone are not provided with the vehicle. #The tests of protection from Virus & Bacteria are conducted with a defined process, under particular circumstances in a controlled environment and the results may vary. **T&C of all finance schemes will depend on financier's applicable terms and conditions. Finance is at the sole discretion of the financing partner without any obligation to Kia India Pvt. Ltd. *Clutch-less means without clutch pedal. Vehicle operates with sensor based electric-clutch system instead of mechanically wired-clutch system. Kia India Pvt. Ltd. (Formerly known as Kia Motors India Pvt. Ltd.) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.
FOR INFORMATION CONTACT: BHUBANESWAR: CONSORTIUM MOTORS PRIVATE LIMITED, PH: 7064111999 BALASORE: BASANTI KIA, BIRUAN, PH: 9439300606 SAMBALPUR: CONSORTIUM MOTORS PRIVATE LIMITED, PH: 7440003022 ANGUL: CONSORTIUM MOTORS PRIVATE LIMITED, PH: 7064111999 ROURKELA: SEETA AUTOCARE LLP. PH: 7852941115
INNOCEAN-005/22

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ- ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ- ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। -ଶ୍ରୀମା



# ଆଇଏଏସ୍ ଅଧିକାରୀ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତରେ ଅତ୍ୟଧିକ ଅମଲାତନ୍ତ୍ରୀ ଅଛନ୍ତି ବୋଲି ବହୁସମୟରେ ସମୀକ୍ଷକମାନେ କହିଥାଆନ୍ତି। କିନ୍ତୁ ବାସ୍ତବତା କିଛି ଭିନ୍ନ। କେନ୍ଦ୍ର ସ୍ୱୀକାର କରିଛି ଯେ,ଦେଶରେ ଅଧିକ ବାବୁ ନାହାନ୍ତି। ୧,୫୧୫ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି ବୋଲି ପିଏମ୍‌ଓ ଆଣ୍ଡ୍ ପର୍ସନେଲ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକ ସଭାରେ ଜଣାଇଛନ୍ତି । ନିକଟରେ ଏକ ସଂସଦୀୟ ସ୍ଥାୟୀ କମିଟି ବିକଶିତ ଭାରତୀୟ ପ୍ରଶାସନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅଧିକ ଆଇଏଏସ୍ ଅଧିକାରୀଙ୍କୁ ପ୍ରବେଶ କରାଇବା ଲାଗି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)କୁ ସୁପାରିସ କରିଥିଲା। ଏଥିରୁ ବୁଝାପଡୁଛି, କେନ୍ଦ୍ରୀୟ ଡେପୁଟେଶନ ବା ପ୍ରତିନିଯୁକ୍ତି କିମ୍ବା ରାଜ୍ୟଗୁଡ଼ିକରେ ଅଧିକ ଆଇଏଏସ୍ ଅଧିକାରୀ ନାହାନ୍ତି। ୨୦୨୦ରେ କେନ୍ଦ୍ର ଆଇଏଏସ୍ ଅଧିକାରୀଙ୍କର ବାର୍ଷିକ ପ୍ରବେଶ ୧୮୦କୁ ଏବଂ ଆଇପିଏସ୍ ଅଧିକାରୀଙ୍କର ୧୫୦ରୁ ୨୦୦କୁ ବୃଦ୍ଧି କରିଥିଲା। ହେଲେ କେନ୍ଦ୍ର ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ନେଇଥିବା ପଦକ୍ଷେପ ଠିକ୍ ଭାବେ କାମ କରିନାହିଁ। ଅନ୍ୟପକ୍ଷରେ ରାଜ୍ୟ ସେବାରୁ ଅଧିକାରୀମାନଙ୍କୁ ନିଯୁକ୍ତି ଦେଇ ପଦବୀ ପୂରଣ କରାଯାଇଛି। ଏହା ସ୍ପଷ୍ଟତଃ ନିୟମ ବିରୁଦ୍ଧ କାମ। କାରଣ ଅଣକ୍ୟାଡର ଅଧିକାରୀଙ୍କୁ କ୍ୟାଡର ପଦବୀରେ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ନିୟମ ରହିଛି। ସିଭିଲ ସର୍ଭିସ ନିୟମ କହେ, ଏବକାର ଆଇଏଏସ୍ ଅଧିକାରୀଙ୍କ ମୋଟ ନିର୍ଦ୍ଧାରିତ ସଂଖ୍ୟା ୬,୭୦୯ର ୨୨% କେନ୍ଦ୍ରକୁ ଡେପୁଟେଶନରେ ଯିବା ଉଚିତ । କିନ୍ତୁ ବର୍ତ୍ତମାନ କେବଳ ୬ % ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ପ୍ରଶାସନରେ ବାବୁ ସଙ୍କଟ ଦୂର କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ୪ ଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଛନ୍ତି। ବାବୁ ଅଭାବର କାରଣଗୁଡ଼ିକ ସମୀକ୍ଷା କରିବା ଏବଂ ଏହାର ସମାଧାନ ବାଟ ଦେଖାଇବା ଲାଗି ଡିଓପିଟିର ପୂର୍ବତନ ସଚିବ ସି. ଚନ୍ଦ୍ରମୌଳିଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟି ଗଠନ କରାଯାଇଛି। ତେବେ ଏହା ଏତେ ସହଜ ମନେ ହେଉ ନାହିଁ।

### କ୍ୟାବିନେଟ୍‌ରେ ପୂର୍ବତନ ବାବୁ

ପୂର୍ବତନ ଆଇପିଏସ୍ ଅଧିକାରୀ ଅସିମ୍ ଅରୁଣ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିକୁ ଓହ୍ଲାଇଥିଲେ। ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଜିତିବା ପରେ ନୂଆ ଯୋଗୀ ଆଦିତ୍ୟନାଥ ସରକାରରେ ସେ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବେ ଶପଥ ନେଇଛନ୍ତି। ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅସିମ୍ ରାଜ୍ୟ ଆଣ୍ଟି ଟେରର ସ୍କ୍ୱାଡ୍‌ର ମୁଖ୍ୟ ଏବଂ କାନପୁର ପୋଲିସ କମିଶନର ଥିବାବେଳେ କଠିନ କାର୍ଯ୍ୟ ଓ ଅଭିଜ୍ଞତା ଆଧାରରେ କରିଥିବା ଭଲ କାର୍ଯ୍ୟ ଯୋଗୁ ତାଙ୍କୁ ସମ୍ଭବତଃ ମନ୍ତ୍ରୀପଦ ମିଳିଲା। କେନ୍ଦ୍ର ସରକାରଙ୍କ ଅତି ଘନିଷ୍ଠ ଭାବେ କାର୍ଯ୍ୟ କରିଥିବା ଆଉ ଜଣେ ଅବସରପ୍ରାପ୍ତ ବାବୁ ଏ. କେ. ଶର୍ମାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ କରିବା ଲାଗି ପଠାଇଥିଲେ। ଏବେ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ସବୁଠୁ କୌତୂହଳର ବିଷୟ ହେଉଛି, ମନ୍ତ୍ରିମଣ୍ଡଳରେ ଅସିମ୍ ଓ ଶର୍ମାଙ୍କୁ ସ୍ଥାନ ଦେବା ପାଇଁ ଯୋଗୀ ବହୁ ନାମକରା ତଥା ପୂର୍ବତନ ମନ୍ତ୍ରୀମାନଙ୍କୁ କ୍ୟାବିନେଟ୍‌ରୁ ବାଦ୍ ଦେଇଛନ୍ତି। ଏହା ସ୍ପଷ୍ଟ ଯେ, ଏହି ପୂର୍ବତନ ବାବୁମାନେ ଏବେ ରାଜ୍ୟ ଭାଜପା ନେତାମାନଙ୍କ ତୁଳନାରେ ନିଜକୁ ସଶକ୍ତ ତଥା ପ୍ରଭାବୀ ବୋଲି ପ୍ରତିପାଦିତ କରିଛନ୍ତି।

### ସ୍ୱପ୍ନରେ ସହଯୋଗୀ ସଂଘୀୟବାଦ

ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରିବା ଲାଗି କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ଖେଳ ଏବେ ତୀବ୍ର ହେଉଛି। ପୂର୍ବରୁ କ୍ଷୁଣ୍ଣ ହୋଇଥିବା କେନ୍ଦ୍ର ଓ ରାଜ୍ୟ ସମ୍ପର୍କକୁ ଏହା ଆହୁରି ପ୍ରଭାବିତ କରୁଛି। ଏବେ ମୁମ୍ବାଇ ପୋଲିସର ଇକୋନୋମିକ ଅଫେନ୍‌ସେସ୍ ୱିଙ୍ଗ୍ ବା ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜବରଦସ୍ତ ଅର୍ଥ ଆଦାୟ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କେତେଜଣ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି। ଜଣାପଡ଼ିଛି ଯେ, ଏକ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କର ଜଣେ ସମ୍ପର୍କୀୟଙ୍କ ଅସ୍ଥାବର ସମ୍ପତ୍ତିକୁ ଅସ୍ଥାୟୀ ରୂପେ ଇଡି ତା'ଅଧୀନକୁ ନେବାର ଠିକ୍ ଗୋଟିଏ ଦିନ ପରେ ଇଓଡବ୍ଲ୍ୟୁ ଏଭଳି ପଦକ୍ଷେପ ନେଇଛି। ଇଓଡବ୍ଲ୍ୟୁ ମଧ୍ୟ ଜମି କିଣାବିକାରେ ଜଡ଼ିତ ଥିବା ଅଭିଯୋଗରେ ଜଣେ ଭାଜପା ନେତାଙ୍କ ପୁଅ ବିରୋଧରେ ତଦନ୍ତକୁ ଆଗକୁ ବଢ଼ାଉଛି। କେବଳ ମହାରାଷ୍ଟ୍ର ତା' ଅଧିକାର କ୍ଷେତ୍ର ମଧ୍ୟରେ ରାଜ୍ୟରେ ଗମ୍ଭୀର ଅପରାଧଗୁଡ଼ିକର ଅଭିଯୋଗ ଉପରେ କେନ୍ଦ୍ରକୁ ଚ୍ୟାଲେଞ୍ଜ କରୁନାହିଁ, ବରଂ ସିବିଆଇ ଏବଂ ଇଡି ମଧ୍ୟ ରାଜ୍ୟ ଆକ୍ରୋଶର ଶିକାର ହେଉଥିବା ସ୍ପଷ୍ଟ ହେଉଛି। ଅନ୍ୟ ଦୁଇ ଅଣଭାଜପା ରାଜ୍ୟ ପଶ୍ଚିମବଙ୍ଗ ଓ କେରଳରେ ବି ସମାନ ସ୍ଥିତି ଦେଖାଯାଉଛି। ଫଳରେ କେନ୍ଦ୍ର ଏବଂ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ମଧ୍ୟରେ ସମ୍ପର୍କ କମିବାରେ ଲାଗିଛି। ପ୍ରଶାସନିକ ପ୍ରକ୍ରିୟାରେ ଏହାର ପ୍ରଭାବ ଅନୁଭୂତ ହେଉଛି। ଏଭଳି ରାଜନୈତିକ ଲଢ଼େଇ ମଧ୍ୟରେ କେନ୍ଦ୍ରୀୟ ଏବଂ ରାଜ୍ୟ ସଂସ୍ଥାଗୁଡ଼ିକ ଫିସି ରହିବା ଯୋଗୁ ସେଗୁଡ଼ିକର କ୍ଷତି ହେଉଛି। ବୈଧାନିକ କାର୍ଯ୍ୟ କରିବା ପରିବର୍ତ୍ତେ ସେମାନେ ପରସ୍ପରର ତଦନ୍ତରେ ଲିପ୍ତ ରହୁଛନ୍ତି, ଯାହାର ଶେଷ କେଉଁଠି କହିବା କଷ୍ଟକର। ସହଯୋଗୀ ସଂଘୀୟବାଦ ସ୍ୱପ୍ନ ହୋଇଯାଇଛି।

Email: dilipcherian@gmail.com

# ଜନପ୍ରିୟ ଯୋଜନା ନୁହେଁ, ଟିକସ ଛାଡ଼



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ଦେଶର କେତେଜଣ ବରିଷ୍ଠ ଆଇଏଏସ୍ ଅଫିସର ମାଗଣା ବଣ୍ଟନ ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଭୋଟ ପାଇଁ କିଛି ରାଜ୍ୟ ସରକାର ଯେଉଁ ମାଗଣା ବଣ୍ଟନ ଯୋଜନା କରୁଛନ୍ତି, ତାହା ସେହି ରାଜ୍ୟଗୁଡ଼ିକ ପାଇଁ ବଡ଼ଧରଣର ଆର୍ଥିକ ସଂକଟ ସୃଷ୍ଟି କରିପାରେ ବୋଲି ସେମାନେ କହିଛନ୍ତି। ଏପରିକି ରାଜ୍ୟଗୁଡ଼ିକର ସ୍ଥିତି ଶ୍ରୀଲଙ୍କା ଓ ଗ୍ରୀସ୍ ଭଳି ହୋଇପାରେ ବୋଲି ଚେତାବନୀ ଦେଇଛନ୍ତି। କେନ୍ଦ୍ର ତଥା ସବୁ ରାଜ୍ୟ ଏହିପରି ଯୋଜନା ଅଳ୍ପବହୁତେ କାର୍ଯ୍ୟକାରୀ କରୁଛନ୍ତି। ସଦ୍ୟ ସମାପ୍ତ ଉତ୍ତରପ୍ରଦେଶ ଓ ଗୋଆ ବିଧାନସଭା ନିର୍ବାଚନ ବେଳେ ଭାଜପା ମାଗଣା ଏଲ୍‌ପିଜି ଓ ଲୋଭନୀୟ ଘୋଷଣା କରି ଶାସନ ଗାଦିକୁ ଫେରିଛି। କେନ୍ଦ୍ର ସରକାର ମଧ୍ୟ ଉଜ୍ଜ୍ୱଳା ଏବଂ ପିଏମ୍ କିଷାନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଆଇଏଏସ୍ ଅଫିସରମାନେ ୫ଟି ଅଣଭାଜପା ଶାସିତ ରାଜ୍ୟ ଯଥା ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନ, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶର ନାଁ ନେଲାବେଳେ ଭାଜପା ଶାସିତ ରାଜ୍ୟ ସମ୍ପର୍କରେ ନୀରବ ଥିଲେ। ଏଣୁ ସେମାନଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠୁଛି। ସତ୍ୟ ହେଉଛି ଦିଲ୍ଲୀ ଓ ନିକଟରେ ପଞ୍ଜାବରେ ଆପ୍ ସରକାର ଗଠନ ପରେ ଗୁଜରାଟରେ ଆଗାମୀ ବିଧାନସଭା ନିର୍ବାଚନରେ ଆପ୍ ଭାଜପାର ଏକ ମୁଖ୍ୟ ପ୍ରତଦ୍ୱନ୍ଦ୍ୱୀ ହେବାକୁ ଯାଉଛି। ଏଣୁ ପ୍ରଧାନମନ୍ତ୍ରୀଙ୍କୁ ଖୁସି କରିବା ପାଇଁ ଆପ୍‌କୁ ବେଶି ଟାର୍ଗେଟ କରି ଏହା କୁହାଯାଇଛି।

ଆମର ଶୋଷଣଭିତ୍ତିକ ଶାସନ ବ୍ୟବସ୍ଥା, ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି, ପ୍ରତିଗାମୀ ଟିକସ ବ୍ୟବସ୍ଥା ଯୋଗୁ ଦାରିଦ୍ର୍ୟ, ବୈଷମ୍ୟ, କ୍ଷୁଧା ଓ ବେକାରି ଅଧିକ ତୀବ୍ରତର ହେବାରୁ ଏପରି ଯୋଜନାର ଗୁରୁତ୍ୱ ବୃଦ୍ଧି ପାଇଛି। କିନ୍ତୁ ଏହି ଯୋଜନା ଯେପରି ଲୋକଙ୍କୁ ଅଳସୁଆ ନ କରେ ବା ତାଙ୍କର ଉତ୍ପାଦିକତା ହ୍ରାସ ନ କରେ ତାହା ପ୍ରତି ଧ୍ୟାନ ଦେବା ଉଚିତ। ଅବଶ୍ୟ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସର୍ବପ୍ରଥମେ ଗୁରୁତ୍ୱ ପାଇବା ଉଚିତ। ରାଜ୍ୟଗୁଡ଼ିକ କେମିତି ଓ କେଉଁ କ୍ଷେତ୍ରରେ ବ୍ୟୟ କରିବେ ତାହା ତାଙ୍କର ନିଜସ୍ୱ କ୍ଷମତାର ପରିସର। କିନ୍ତୁ କେନ୍ଦ୍ର ସ୍ଥିର କରିଥିବା ବିତ୍ତୀୟଶୃଙ୍ଖଳା ମାନିବା ଉଚିତ। ପ୍ରାୟ ଅଧିକାଂଶ ରାଜ୍ୟ ମାନୁଛନ୍ତି। ରାଜ୍ୟଗୁଡ଼ିକର ମୋଟ ଋଣ- ଜିଏସ୍ ଅନୁପାତ ୨୦ ରୁ୨୫ ପ୍ରତିଶତ ମଧ୍ୟରେ ରହିବା କଥା , କିନ୍ତୁ ବର୍ତ୍ତମାନ ୨୬ ପ୍ରତିଶତ ପାଖାପାଖି ରହିଛି। ଅପରପକ୍ଷରେ କେନ୍ଦ୍ରର ଆର୍ଥିକ ସ୍ଥିତି ସଙ୍କଟରେ। ଏହାର ଋଣ- ଜି ଅନୁପାତ ୪୦ ରୁ ୪୫ପ୍ରତିଶତ ମଧ୍ୟରେ ରହିବା କଥା, କିନ୍ତୁ ଏହା ୨୦୧୬-୧୭ ରେ ୪୯.୪ପ୍ରତିଶତ ଥିଲାବେଳେ ୨୦୨୦-୨୧ରେ ୬୩.୯ପ୍ରତିଶତ ପାଖାପାଖି ପହଞ୍ଚିଛି। କେନ୍ଦ୍ର ସେସ୍ ଓ ସରଚାର୍ଜ ଅଧିକ ସମ୍ବଳ ସଂଗ୍ରହ କରୁଥିବାରୁ ରାଜ୍ୟଗୁଡ଼ିକର କିଛି ଅଂଶ ସେଥିରେ ରହୁନାହିଁ।

ଶ୍ରୀଲଙ୍କାର ସମସ୍ୟା ମାଗଣାରେ କିଛି ଯୋଗାଇଦେବା ଯୋଗୁ ନୁହେଁ। ଶ୍ରୀଲଙ୍କାର ସମସ୍ୟା ହେଉଛି ନେଣଦେଣ ବାଲାନ୍ସ ପେମେଣ୍ଟ ସଙ୍କଟ ଯୋଗୁ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ପଦାର୍ଥ ଓ ତୈଳ ଆମଦାନୀ କରିବା ପାଇଁ ଏବଂ ବୈଦେଶିକ ଋଣ ଶୁଝିବା ପାଇଁ ବୈଦେଶିକ ମୁଦ୍ରା ନାହିଁ। ମହାମାରୀ ଯୋଗୁ ରପ୍ତାନି ହ୍ରାସ ଘଟି ବୈଦେଶିକ ମୁଦ୍ରା ମଧ୍ୟ ହ୍ରାସ ପାଇଛି। ଶ୍ରୀଲଙ୍କାର ସଙ୍କଟ ଅନ୍ୟ କାରଣ ହେଲା ଏହା ବିଭିନ୍ନ ଟିକସ ଅହେତୁକ ହ୍ରାସ କରିବା, ଟିକସ ଛାଡ଼ ସୀମା ବୃଦ୍ଧି କରିବା। ଫଳରେ ୨୦୧୯ରେ ୩୩.୫ଲକ୍ଷ ଟିକସଦାତା ଟିକସ ଦେବା ପରିସରରୁ ବାହାରକୁ ଚାଲି ଆସିବା ସହିତ ଟିକସ-ଜି ଅନୁପାତ ୨ ପ୍ରତିଶତ ହ୍ରାସ ପାଇଥିଲା। ମହାମାରୀ ଯୋଗୁ ଋଣ-ଜିଡିପି ଅନୁପାତ ୨୦୧୯ରେ ଯାହା ୯୪ପ୍ରତିଶତ ଥିଲା ତାହା ୨୦୨୧ରେ ୧୧୯ପ୍ରତିଶତକୁ ବୃଦ୍ଧି ପାଇଥିଲା। ଅର୍ଗାନିକ ଫାର୍ମିଙ୍ଗକୁ ଗୁରୁତ୍ୱଦେଇ ସାର ଆମଦାନୀ ବନ୍ଦ କରିବା ଯୋଗୁ କୃଷି ଉତ୍ପାଦନ ହ୍ରାସପାଇ ଭୟାନକ ଅଭାବ ଦେଖାଦେଲା ଏବଂ ମୁଦ୍ରାସ୍ଫୀତି ଫେବୃୟରୀ୨୦୨୨ରେ ୧୭.୫ପ୍ରତିଶତରେ ପହଞ୍ଚିଲା।

ବାସ୍ତବରେ ସମସ୍ୟା ନୁହେଁ କେତେ ଅଧିକ ବ୍ୟୟ କରୁଛେ ବା କେତେ ଜନପ୍ରିୟ ଯୋଜନା କରୁଛେ ବା ଜିନିଷ ମାଗଣାରେ ଦେଉଛେ। ପ୍ରଶ୍ନ ହେଉଛି ଏପରି ଯୋଜନାରେ କିଏ ଲାଭବାନ ହେଉଛନ୍ତି ଏବଂ ବ୍ୟୟ ପାଇଁ ଆବଶ୍ୟକ ସମ୍ବଳ ସୃଷ୍ଟି କରାଯାଉଛି କି ନାହିଁ। ଆମ ଦେଶରେ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବା ପରଠାରୁ ଆମେ ଜନତାଙ୍କୁ କିଛି ରିହାତି ଦେଲେ ବା ଜିନିଷ ମାଗଣାରେ ଦେଲେ (ଫ୍ରିବିଜ), କିଛି ଜନପ୍ରିୟ ଯୋଜନା (ପପୁଲିଷ୍ଟ ସ୍କିମ୍ସ) କଲେ । ତାହାକୁ ଦେଶ ଓ ଆର୍ଥିକ ସଂସ୍କାରବିରୋଧୀ ଭାବେ ଦର୍ଶାଯାଉଛି ; କିନ୍ତୁ ଧନୀ, କର୍ପୋରେଟ, ପୁଞ୍ଜିପତିମାନଙ୍କୁ ରିହାତି ଦେଲେ, ଟିକସ ଛାଡ଼ କଲେ ତାହା ସଂସ୍କାରଧର୍ମୀ, ଅର୍ଥନୀତି ପାଇଁ ହିତକାରୀ ବୋଲି ପ୍ରଚାର କରାଯାଉଛି। ରାଷ୍ଟ୍ରାୟତ୍ତ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅତ୍ୟାବଶ୍ୟକ ସେବାର ଘରୋଇକରଣ କରିବାକୁ ସ୍ୱାଗତ କରାଯାଉଛି। କିନ୍ତୁ ଯଦି କର୍ପୋରେଟ, ଧନିକଙ୍କ ସ୍ୱାର୍ଥ ପାଇଁ ସରକାର ଟିକସ ହ୍ରାସ କଲେ, ନିୟମ କୋହଳ କଲେ, ଶସ୍ତାରେ ଖଣିଜ ସମ୍ପଦ ଯୋଗାଇଦେଲେ ସ୍ୱାଗତ କରାଯାଉଛି ଏବଂ ତାହା ସଂସ୍କାରଧର୍ମୀ ବୋଲି ପ୍ରଚାର କରାଯାଉଛି।

ଆମ ଦେଶରେ ସମସ୍ୟା ହେଉଛି ଟିକସ ଫାଙ୍କି ଏବଂ ଟିକସ ଧନୀ ଓ କର୍ପୋରେଟଙ୍କଠାରୁ ଠିକ୍ ଭାବେ ଆଦାୟ ନ ହେବା। ଚିନ୍ତାର ବିଷୟ ହେଉଛି ଜିଡିପି ଅନୁସାରେ ଟିକସ ଆଦାୟ ଆମ ଦେଶରେ ପ୍ରାୟ ସର୍ବନିମ୍ନ (୧୦ରୁ ୧୧ ପ୍ରତିଶତ)। ମୂଳରୁ ୨୦୨୦-୨୧ପର୍ଯ୍ୟନ୍ତ ଯେତିକି ଟିକସ ଆଦାୟ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା, ସେଥିରୁ ୧୬.୧୯ଲକ୍ଷ କୋଟି ଟଙ୍କା ଏପର୍ଯ୍ୟନ୍ତ ଆଦାୟ ହୋଇନାହିଁ ବା ବିବାଦ ଘେରରେ ରହିଛି। ଭାରତରେ କର୍ପୋରେଟ ଓ ବ୍ୟକ୍ତିଗତ କରର ସର୍ବାଧିକ ହାର ବହୁତ କମ୍, ଯାହାଫଳରେ ଧନୀ, ଶିଳ୍ପପତି କମ୍ ହାରରେ ଟିକସ ଦେଉଛନ୍ତି। ୨୦୧୯ରେ ଭାରତ ସରକାର କର୍ପୋରେଟ ଟିକସ ହ୍ରାସ କରିଥିଲେ। ଏହିହ୍ରାସ ଯୋଗୁ ସେହିବର୍ଷ ସରକାର ୧.୪୫ ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇଥିଲେ ଏବଂ ହରାଇବା ପରିମାଣ ପ୍ରତିବର୍ଷ ବୃଦ୍ଧି ପାଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଜଣେ ୧୦ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦% ହାରରେ ଟିକସ ଦେଲାବେଳେ ଶହଶହ କୋଟି ବା ସ୍ୱଳ୍ପ ସମୟରେ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି କିମ୍ବା ସେଲିବ୍ରିଟିମାନେ ସେହି ହାରରେ ଟିକସ ଦେଉଛନ୍ତି। ଲକ୍ସେମବର୍ଗ, ସୁଇଜରଲାଣ୍ଡ, ନରୱେ, ସ୍ପେନ୍, ବେଲଜିୟମ, ହଙ୍ଗେରୀ, ଫ୍ରାନ୍ସ, କାନାଡ଼ା, ଜର୍ମାନୀରେ ସମ୍ପଦ କର ରହିଛି , କିନ୍ତୁ ଭାରତରେ ସମ୍ପଦ କର ଉଚ୍ଛେଦ କରାଯାଇଛି। ସେହିପରି ଆମେରିକା, ବେଲଜିୟମ, ଡେନମାର୍କ, ବ୍ରାଜିଲ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ବ୍ରିଟେନ, ସ୍ୱିଡେନ, ଜାପାନ, ସୁଇଜରଲାଣ୍ଡ, ସ୍ପେନ୍ ଆଦି୨୦ଟି ଦେଶରେ ଉତ୍ତରାଧିକାରୀ କର ଭିନ୍ନ ରୂପରେ ରହିଛି। କିନ୍ତୁ ୧୯୮୫ରେ ଇଷ୍ଟେଟ/ଉତ୍ତରାଧିକାରୀ କର ଉଚ୍ଛେଦ କରାଯାଇଛି। ଏହାର ଅର୍ଥ ଧନୀକୁ ଟିକସ ସବ୍‌ସିଡି ପରୋକ୍ଷରେ ଦେବା।

ଅପରପକ୍ଷରେ ବ୍ୟାଙ୍କ ଜାଲିଆତି; ଧନୀ, କର୍ପୋରେଟ ଋଣ ନ ଶୁଝିବା ଯୋଗୁ ଲକ୍ଷ ଲକ୍ଷ କୋଟି ଋଣ ରାଇଟ୍ ଅଫ୍ ଏବଂ ଛାଡ କରିବା ; ହଜାର କୋଟି କଳା ଟଙ୍କା ଦେଶର ଯାଇ ବିଦେଶରେ ଟିକସ ଭୂସର୍ଗ ଲୁକ୍କାୟିତ ଭାବେ ରହିବା ସମ୍ବଳ ଅଭାବର କାରଣ ହୋଇଛି। ମହାମାରୀ ସମୟରେ ଅରବପତି ବା ଅତି ଧନୀ ବ୍ୟକ୍ତିବିଶେଷଙ୍କ ସମ୍ପଦ ୨୩.୧୪ ଲକ୍ଷ କୋଟି ଟଙ୍କାରୁ ୫୩.୧୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବା, କେବଳ ୩ ଜଣ ଅରବପତିଙ୍କ ସମ୍ପଦ ୩ ମାସରେ୨୧ବିଲିୟନ ଡଲାର, ବିଶେଷକରି ଆଦାନିର ସମ୍ପଦ ସପ୍ତାହରେ ୬୦୦୦ କୋଟି ଟଙ୍କା ବୃଦ୍ଧିପାଇବା ସତ୍ତ୍ୱେ ସେହି ବୃଦ୍ଧି ଉପରେ ଟିକସ ବୃଦ୍ଧି ନ କରି ଗରିବଙ୍କୁ ବାଧୁଥିବା ପରୋକ୍ଷ କର ବୃଦ୍ଧି କରାଯାଇଛି। ବିଶେଷକରି ଇନ୍ଧନ ବାବଦରେ ଅଧିକ ଟିକସ ଆଦାୟ କରିବା ଚିନ୍ତାଜନକ। କେବଳ ପେଟ୍ରୋଲିୟମ ଦ୍ରବ୍ୟରୁ ଟିକସ ବାବଦରେ ୨୦୨୦-୨୧ରେ କେନ୍ଦ୍ର ୪.୫୫ ଲକ୍ଷ କୋଟି ଟଙ୍କା ପାଇଲା ବେଳେ, ରାଜ୍ୟଗୁଡ଼ିକ ୨.୧୭ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ କେନ୍ଦ୍ର ପାଇଛି ୨୬.୫୨ଲକ୍ଷ କୋଟି ଟଙ୍କା। କିନ୍ତୁ ଏହାର ବୋଝ ପଡ଼ିଛି ସାଧାରଣ ଜନତାଙ୍କ ଉପରେ। ୫ଟି ରାଜ୍ୟର ନିର୍ବାଚନକୁ ଅନେକ ଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ନ କରି, ନିର୍ବାଚନ ପରେ ୧୫ ଦିନରେ ପେଟ୍ରୋଲ ଓ ଡିଜେଲ ଦରରେ ୧୩ ଥର ବୃଦ୍ଧି କରିବା କେଉଁ ବିତ୍ତୀୟ ନୀତିର ଅଂଶ। ସବୁଠାରୁ ଚିନ୍ତାଜନକ ଶିକ୍ଷା, ସ୍ୱାସ୍ଥ୍ୟର ଘରୋଇକରଣ ହେବା। ଏହା ଅତ୍ୟଧିକ ବ୍ୟୟ ସାପେକ୍ଷ ହେବାବେଳେ କେନ୍ଦ୍ରର ବ୍ୟୟ ଜିଡିପି ଅନୁସାରେ ବିଶ୍ୱରେ ବହୁତ ନିମ୍ନରେ ରହିବା ମଧ୍ୟ ଚିନ୍ତାଜନକ। ପୁନଶ୍ଚ ସଞ୍ଚୟ ଉପରେ ସୁଧହାର ହ୍ରାସ ପାଇବା ଏବଂ ମୁଦ୍ରାସ୍ଫୀତି ଓ ଟିକସକୁ ବିଚାରକୁ ନେଲେ ବିଯୁକ୍ତାତ୍ମକ ହେବା ଚିନ୍ତାଜନକ। ଧନୀ, କର୍ପୋରେଟମାନେ ଆୟ ଅନୁସାରେ କମ୍ ଟିକସ ଦେଲାବେଳେ ଅଧିକ ରିହାତି ପାଉଛନ୍ତି, ଟିକସ ଫାଙ୍କୁଛନ୍ତି। କିନ୍ତୁ ଗରିବ, ସାଧାରଣ ଜନତା ଆୟ ଅନୁସାରେ ଅଧିକ ଟିକସ ଦେଲାବେଳେ କମ୍ ସୁବିଧା ପାଉଛନ୍ତି। ଏହା କାହିଁକି ଆଇଏଏସ୍ ଅଫିସରମାନଙ୍କୁ ବ୍ୟଥିତ କରୁନି।

ମୋ-୯୪୩୭୨୦୮୭୬୨

# ବ୍ୟସ୍ତ ବାହାନା



ଶୁଭନାରାୟଣ ଶତପଥୀ

ବ୍ୟସ୍ତ ଗାଁ, ବ୍ୟସ୍ତ ସହର, ବ୍ୟସ୍ତ ଦୁନିଆର ବ୍ୟସ୍ତ ମଣିଷ। ଆଜିକାଲି ଶିଶୁଟିଏଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠଙ୍କ ପର୍ଯ୍ୟନ୍ତ ଯାହାକୁ ଦେଖିବ ସିଏ ବ୍ୟସ୍ତ। ତେବେ ଏହି ବ୍ୟସ୍ତତାର ବାହାନା ନେଇ ଅନେକେ ଲାଭ ଉଠାଇବାକୁ ପଛାଉନାହାନ୍ତି ଏକଥା କାହାରିକୁ ପଚାରିବାକୁ ପଡୁନି କି କହିବାକୁ ପଡୁନି। ବୁଝିହେଇଯାଉଛି, ଯଦି ନ ବୁଝି ପାରି କହିବା ତେବେ ସେ କଥା ବ୍ୟସ୍ତତାର ଅଡୁଆ ଜାଲରେ ଏମିତି ଛନ୍ଦି ହୋଇଯିବ ଯେ ସବୁ ଆଶା ଆଶଙ୍କାରେ ପରିଣତ ହେବ।

ଆସନ୍ତୁ ଏ ସମ୍ପର୍କରେ କେତୋଟି ଉଦାହରଣ ଦେବା। ଶ୍ୟାମବାବୁ ହେଉଛନ୍ତି ଜଣେ ମଧ୍ୟସ୍ଥ। ଅର୍ଥାତ୍ ଯୋଜନାର ସହାୟତା ପାଇଁ ହେଉ ବା ବାହାଘର ସବୁଠି ସେ ମଧ୍ୟସ୍ଥ । କିଛି ପୂରଣ ହେବା ଆଶାରେ ଆଶାୟୀ ଧାଇଁଯାଆନ୍ତି ଶ୍ୟାମବାବୁଙ୍କ ପାଖକୁ । ଶ୍ୟାମବାବୁଙ୍କ ସହ ଭେଟ ହେବା ଓ ତାଙ୍କ ସହ କଥାବାର୍ତ୍ତା ହେବା ଏତେ ସହଜ ବ୍ୟାପାର ନୁହେଁ। ନିଜର ଗୁରୁତ୍ୱ ବଢ଼ାଇବାକୁ ଶ୍ୟାମବାବୁ ଖଞ୍ଜିଦେଇଛନ୍ତି ଆଉ ଜଣେ ମଧ୍ୟସ୍ଥ। ସେ ଯାହାହେଉନା କାହିଁକି କଥାର ପଶାପାଲିରେ ସେ ଏମିତି ସର ପକେଇ ଦିଅନ୍ତି ଯେ, ଯିଏ ଥରେ ତାଙ୍କ ପାଖକୁ ଯାଇଛି ସେ ବୁଝିଯିବ ଯେ ଶ୍ୟାମବାବୁ ହିଁ ଏକା ପାରିବାରଲୋକ। ସେ କୁହନ୍ତି ନ ଲାଗିଲେ, ନ ଦୌଡ଼ିଲେ ହେବନି। କାହାର ଲକ୍ଷ୍ୟ ପୂରଣ ହେଉ ବା ନ ହେଉ ଉଭୟ ମଧ୍ୟସ୍ଥ ଏମିତି ବ୍ୟସ୍ତ ଥାଆନ୍ତି ଯେ ଅନ୍ୟର ଗୁରୁତ୍ୱପୂର୍ଣ୍ଣ ବିଷୟ ବି ଏଠି ଫିକା ପଡ଼ିଯିବ। ଏଠି ସୁଯୋଗ ଅପେକ୍ଷାରେ ଉଭୟପକ୍ଷ ଥାଆନ୍ତି। ଭତ୍ତାଠାରୁ ଖାତା ଖୋଲିବା ପର୍ଯ୍ୟନ୍ତ ଲକ୍ଷ୍ୟ ପୂରଣ ସବୁ ଯୋଗ୍ୟତା ଆଧାରରେ ତା'ର ସ୍ୱପ୍ରକ୍ରିୟା ଦେଇ ଚାଲିଥାଏ କିନ୍ତୁ ଏଠି ବ୍ୟସ୍ତତା ଖାଲି ଏକ ବାହାନା। ଜଣେ ଲୋକ ଅଫିସରେ ବି ଚାରିଚାରିଟା ଦାୟିତ୍ୱରେ। ପଦବୀର ଗୁରୁତ୍ୱ ଅଛି ତ କାମ କରିବା ମୁସ୍କିଲ ନଚେତ ଏ ଦାୟିତ୍ୱ ବି କିଛି ବଡ଼କଥା ନୁହେଁ। ତା'ଛଡ଼ା କେହି କେହି କୁହନ୍ତି ମୁଁ ଅନେକ ସଂଗଠନରେ ବିଭିନ୍ନ ପଦପଦବୀରେ ଅଭିଷିକ୍ତ। ଏଣୁ ସବୁଠି ଯୋଗ ଦେଇହେଉ ନାହିଁ କି କାହାରି କାମକୁ ସମ୍ପୂର୍ଣ୍ଣ କରିପାରୁନାହିଁ। ଶେଷରେ ବ୍ୟସ୍ତ ହୋଇପଡି ଏଠି ବାହାନା ଖୋଜେ ମଣିଷ। କେତେକ କ୍ଷେତ୍ରରେ ଦୌଡ଼ି ଦୌଡ଼ି ହାଲିଆ କିନ୍ତୁ ଫଳ ଶୂନ। ବିନା ପ୍ଲାନିଂର କାମରେ ବି ଏମିତି ହୁଏ। ତା'ଛଡ଼ା ଉପରିସ୍ଥ ଅଧିକାରୀଙ୍କ ଆଗରେ ବ୍ୟସ୍ତ ଆଚରଣ ବି କେଉଁଠି କେଉଁଠି ଏକ ବାହାନା।

ଆଉ କେହି କେହି କୁହନ୍ତି, ମରିବାକୁ ଟିକେ ତର ନାହିଁ। ସବୁ କାର୍ଯ୍ୟରୁ ଖସିବାର ଏକ ପ୍ରକୃଷ୍ଟ ଉପାୟ। ଶୁଣୁଥିବା ଲୋକଟିର ଆଶା ପାଣିଫୋଟକା ପରି ମିଳେଇଯାଏ ଯେମିତ। ପ୍ରସ୍ତାବକ ବା ଆଶାୟୀଙ୍କୁ ନିଜଠାରୁ ଦୂରେଇ ରଖିବା କିମ୍ବା ସେ ଧନ୍ଦାଠାରୁ ନିଜକୁ ଦୂରେଇ ରଖିବାର ଏକ ଖଣ୍ଡବାକ୍ୟ। ଭଲ ବା ମନ୍ଦରେ ଏହାର ବ୍ୟବହାର ହୁଏ। ତେବେ ମନ୍ଦ କାମକୁ ବାଦ୍ ଦେଲେ ଭଲଠୁ ନିଜକୁ ଦୂରେଇରଖିବା ପାଇଁ ବ୍ୟସ୍ତ ବାହାନା ମଣିଷକୁ ମନ୍ଦ କରେ ନାହିଁ କି? ଏ ଆଚରଣ ବି ପିଲାମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଘରେ ବସି ଯେତେବେଳେ ପିଲାଟିଏ ଅନ୍‌ଲାଇନ କ୍ଲାସ କରୁଥିବ ଅଧିକାଂଶ କ୍ଷେତ୍ରରେ ତାକୁ ଜଣେ ଜଗିବାକୁ ପଡ଼େ। ସେଠାରୁ ଉଠିଆସିଲେ ପିଲାଟି ସେହି ମୋବାଇଲ କିମ୍ବା ଟାବ୍‌ଲେଟରେ କ୍ଲାସ ସହ ଫ୍ଲାସ, ମାନେ ୟୁଟ୍ୟୁବ୍, ଗେମ ଇତ୍ୟାଦି ବି ଖୋଲିଦେଇଥିବ। ଆଉ ମାଛକୁ ବଗ ଚାହିଁଲା ପରି ଚାହିଁ ରହିଥିବ। ପଚାରିଲେ କହିବ 'ଅନ୍‌ଲାଇନ କ୍ଲାସ ଠୁ ଡିଫିକଲ୍ଟ, ଆଇ ଆମ୍ କ୍ୱାଇଟ୍ ବିଜି ନାଓ'। ଇଏ ବ୍ୟସ୍ତତା ପରିପ୍ରକାଶର ଏକ ନିଆରା ଢଙ୍ଗ। ବ୍ୟସ୍ତତାକୁ କିପରି ବାହାନାରେ ପରିଣତ କରାଯାଇପାରିବ ତାହା ପିଲାମାନେ ନିଜର ପରିବେଶ, ପରିବାରରୁ ହିଁ ଶିଖନ୍ତି। ଏମିତି ନ ହେଉ ଯେ ପୁଅବୋହୂଙ୍କ ବ୍ୟସ୍ତ ବାହାନା ଦେଖି ମାତାପିତା କହିବେ ବୃଦ୍ଧାଶ୍ରମ ବି ଘରଠାରୁ ଭଲ। କହିବେ କ'ଣ କହିଲେଣି ନା, କହିପକାଇଲେ କମଳା ମାଉସୀ। ଏଇ ଦେଖୁନ ମାଧବବାବୁଙ୍କ ସ୍ତ୍ରୀ। ଘରେ ରହିବନି ବୋଲି ସାରା ଫନ୍ଦିଫିକର। ଗୋଟିଏ ପ୍ରାଇଭେଟ ସଂସ୍ଥାରେ କାମ କରି ପିଲା ସମ୍ଭାଳି ରୋଷେଇ କରି ସ୍ୱାମୀଙ୍କ ସେବା କରୁଛି। ହେଲେ ଶାଶୁଶ୍ୱଶୁରଙ୍କୁ ଚା ଜଳଖିଆ, ଖାଦ୍ୟ ପରଷିଲା ବେଳକୁ ଗରଗର। କେତେବେଳେ ମୁଁ କ'ଣ କରିବି? ଏମିତି ଘର ପୃଥିବୀରେ ନ ଥିବ। ଏ ଘର ମୋ ପାଇଁ ନର୍କ। ସତେଯେମିତି ଶାଶୁଶ୍ୱଶୁରଙ୍କୁ ଛାଡ଼ିଦେଲେ ସେ ସବୁ ବ୍ୟସ୍ତତାରୁ ମୁକ୍ତ ହୋଇଯିବେ। କମଳା ମାଉସୀ କହୁ କହୁ କହିପକାଇଲେ, ଏଇ ଦେଖୁନ ଶାଶୁଶ୍ୱଶୁରଙ୍କଠାରୁ ନଣନ୍ଦ ଦିଅରର ଯୌଥପରିବାରକୁ ସମ୍ଭାଳି ପିଲାଛୁଆ ପାଠପଢ଼ା, ସ୍ୱାମୀଙ୍କୁ ସାହାଯ୍ୟ, ଘରକାମ ସବୁ ମୁଁ କରୁଛି କେମିତି? ସମୟର ସୁପରିଚାଳନା ଓ ସକାରାତ୍ମକ ମନୋବୃତ୍ତି ନେଇ ନିଜର କର୍ତ୍ତବ୍ୟ କରିଚାଲିଲେ ଏହା ସମାଜ ଓ ଉତ୍ତରପିଢ଼ିଙ୍କ ଉପରେ ସୁପ୍ରଭାବ ପକାଇବ ଓ ଅନ୍ୟ ଉପରେ ନିର୍ଭରଶୀଳ ହେବା ନାହିଁ । ନଚେତ ପିଲାଠାରୁ ବୟୋଜ୍ୟେଷ୍ଠଙ୍କ ପର୍ଯ୍ୟନ୍ତ ବ୍ୟସ୍ତବାହାନା ନେଇ ନିଜ ସ୍ୱାର୍ଥ ସାଧନରେ ଅନ୍ଧ ହୋଇ ପରସ୍ପରକୁ ଠକିଚାଲିଥିବେ। ଏ ବ୍ୟସ୍ତ ବାହାନାର ସମାଜରେ ସଭିଏ ପର କେହି ନୁହେଁ କାହାର। ଏତିକିବେଳେ କମଳା ମାଉସୀଙ୍କ ଫୋନ୍‌ଟା ବାଜିଉଠିଲା । ସେପଟୁ ଉତ୍ତର ଆସିଲା ଯେ ମୁଁ ତୁମ ପରାମର୍ଶ ଅନୁସାରେ ଫ୍ୟାମିଲି ପ୍ଲାନିଂ ଅପରେଶନ କରିଦେଇଛି। ଏତେ ବ୍ୟସ୍ତତା ଭିତରେ କମଳା ମାଉସୀ ଅନ୍ୟର ଅଧିକାର ଓ ସୁବିଧା ପାଇଁ ବି ବାଟ ବତାଇ ପାରିଛନ୍ତି। ଦୈନନ୍ଦିନର ଏ ବ୍ୟସ୍ତତା ବାହାନା ନ ହୋଇପାରେ କିନ୍ତୁ ଆନ୍ତରିକତାର ସହ ଛୋଟିଆ ସହଯୋଗ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିଦେଇ ପାରେ। ସହରଠୁ ଗାଁ ଧାଁ ଦଉଡ଼ର ଜୀବନ ଜିଉଛି ମଣିଷ। ତେବେ ସବୁବେଳେ ଅତ୍ୟଧିକ ବ୍ୟସ୍ତତାପୂର୍ଣ୍ଣ ଜୀବନ ଯେ ସ୍ୱାସ୍ଥ୍ୟର ଚରମ ବିପର୍ଯ୍ୟୟ ନ ଘଟାଇବ ତାହା କହିହେବ ନାହିଁ। ବୁଦ୍ଧିମାନର ସହ ସୀମା ଭିତରେ ରହି ସୀମିତ ସମ୍ବଳ ଓ ସମୟ ମଧ୍ୟରେ ସବୁକାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବାର ଦକ୍ଷତା କେବଳ ମଣିଷର ହିଁ ଅଛି । ଏହାକୁ ଫଳପ୍ରସୂ କରିବାକୁ ହେଲେ ମନରୁ ବ୍ୟସ୍ତ ବାହାନାକୁ ଦୂରେଇଦେବା ଜରୁରୀ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

## ଏଇ ଭାରତରେ

ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟ ରିସାଇକ୍ଲିଂ କଥା ଜାଣିଛନ୍ତି। ହେଲେ ଏବେ ସିଗାରେଟ ବୁଟ୍ ରିସାଇକ୍ଲିଂ ହେଉଛି। ଏହା ଶୁଣି ଆଶ୍ଚର୍ଯ୍ୟ ହେଉଥିବେ, କିନ୍ତୁ ସତ। ଗୋଆର ନିରିତ ଦତ୍ତଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ପରିବେଶବିତ୍ ନିରିତ ପୂର୍ବରୁ ଆଇଟି ବୃତ୍ତିରେ ଥିଲେ। ତାହାକୁ ଛାଡ଼ି ୨୦୨୧ରେ 'ବୁଟ୍‌ସ୍' ପ୍ରତିଷ୍ଠା କରିବା ପରେ ଏହା ମାଧ୍ୟମରେ ସେ ରାସ୍ତାକଡ଼ରୁ ସିଗାରେଟ ବୁଟ୍ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ କରୁଛନ୍ତି। ସିଗାରେଟ ବୁଟ୍‌ରେ ଥିବା ସେଲୁଲୋଜ୍ ଏସିଟେଟ୍ ପରିବେଶ ଲାଗି କ୍ଷତିକାରକ। କେବଳ ଏତିକି ନୁହେଁ, ଏଥିରେ ୭,୦୦୦ ବିଷାକ୍ତ କେମିକାଲ ରହିଛି, ଯାହା ମଣିଷ ଓ ପ୍ରାଣୀଜଗତ ପକ୍ଷେ କ୍ଷତିକାରକ। ଏଣୁ ଏଭଳି କ୍ଷତିକାରକ ପ୍ରଦୂଷଣ ଦୂର କରିବା ଲାଗି ନିରିତ ଆରମ୍ଭ କରିଥିବା ଅଭିଯାନ ଭାରତରେ ପ୍ରଥମ। କୋଲ୍‌କାତାରୁ ଏହି ଅଭିଯାନ ଆରମ୍ଭ କରିଥିଲେ ଏବଂ ଏଥିରେ ସେ ଲୋକଙ୍କର ପୂର୍ଣ୍ଣ ସହଯୋଗ ମଧ୍ୟ ପାଇଥିଲେ। ପରେ ସେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁରେ ସିଗାରେଟ ବୁଟ୍ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ ପାଇଁ ପଠାଇବା ସହ ଏବେ ୯ ରାଜ୍ୟରେ ଏହି ଅଭିଯାନ ଚଳାଇଛନ୍ତି । ଏଥିରେ ପାଖାପାଖି ୩୦୦ ସ୍ୱେଚ୍ଛାସେବୀ ସାମିଲ ହୋଇ ଏବେ ସୁଦ୍ଧା ସେମାନେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବୁଟ୍ ସଂଗ୍ରହ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୭

- ଭାଜପା ସଭାପତି ଏଲ୍.କେ. ଆଡଭାନୀ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି.ସି. ଶୁକ୍ଳାଙ୍କ ବିରୁଦ୍ଧରେ ୬୫ କୋଟି ଟଙ୍କାର ହାୱାଲା ଦୁର୍ନୀତି ନେଇ ସିବିଆଇ ପକ୍ଷରୁ ଦାଏର ହୋଇଥିବା ଅଭିଯୋଗ ମାମଲାକୁ ଦିଲ୍ଲୀ ହାଇକୋର୍ଟ ନାକଚ କରିଦେଇଛନ୍ତି।
- ଜମ୍ମୁଠାରୁ ୭୯ କି.ମି. ଦୂର ରିଆଜିର ଆରନାସ ନିକଟରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୯ ଜଣଙ୍କ ମୃତ୍ୟୁ।

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | 1 | | | 9 | |
| | 2 | | | | | | | |
| 8 | 9 | | | | | | | 4 |
| | | 3 | 2 | | | | 7 | |
| 1 | | | 6 | | 3 | | 2 | |
| | | | | | | 8 | 4 | |
| | 7 | | 3 | | | | | |
| | | | 4 | | | | | 5 |
| | | | | 6 | | | 8 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 3 | 8 | 7 | 4 | 2 | 9 |
| 8 | 2 | 4 | 9 | 5 | 6 | 1 | 3 | 7 |
| 7 | 3 | 9 | 4 | 1 | 2 | 8 | 6 | 5 |
| 6 | 5 | 8 | 7 | 3 | 9 | 2 | 1 | 4 |
| 1 | 9 | 2 | 6 | 4 | 8 | 7 | 5 | 3 |
| 3 | 4 | 7 | 1 | 2 | 5 | 9 | 8 | 6 |
| 2 | 8 | 3 | 5 | 9 | 4 | 6 | 7 | 1 |
| 4 | 7 | 1 | 2 | 6 | 3 | 5 | 9 | 8 |
| 9 | 6 | 5 | 8 | 7 | 1 | 3 | 4 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଡ଼ିଆ ଜମିକୁ ଉଠିଆ କରାଯାଉ

ମହାଶୟ,

ସରକାର ବିକାଶ ନାମରେ ବିନାଶ ଆଡ଼କୁ ମୁହାଁଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରନ୍ତି। ମଧ୍ୟବିତ୍ତ ପରିବାରଙ୍କ ସ୍ୱାର୍ଥକୁ ଉପେକ୍ଷା କରି ସରକାର ଅନ୍ୟ ବର୍ଗଙ୍କୁ ସବୁପ୍ରକାର ସାହାଯ୍ୟ ଦେଉଥିବାର ଅଭିଯୋଗ ହେଉଛି। କେତେକ କଳକାରଖାନାକୁ ଘରୋଇକରଣ କରିବାର ମସୁଧା ଚାଲିଛି। ୫୦ ଭାଗରୁ କିଛି ଅଧିକ ଲୋକଙ୍କୁ ସନ୍ତୁଷ୍ଟ କରିପାରିଲେ ଦୀର୍ଘବର୍ଷ ଧରି ଶାସନ କରିହେବ। ମାଗଣାରେ ଖାଦ୍ୟ, ବସ୍ତ୍ର ସମେତ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ ଫଳରେ ଲୋକେ କର୍ମ ପ୍ରତି ବିମୁଖ ହୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି। ଗାଁ ଗହଳିରେ ଶହ ଶହ ଏକର ଚାଷଜମି ପଡ଼ିଆ ପଡ଼ିଛି। ଚାଷବାସ ଛାଡ଼ି କିଛି ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବାର ରହସ୍ୟ କ'ଣ ? ବିକାଶ ପାଇଁ ଲୋକେ ସଶକ୍ତ ହେବା ଉଚିତ। କିନ୍ତୁ ସରକାର ଜନସାଧାରଣଙ୍କୁ ମାଗଣା ସେବାର ପରମ୍ପରା ସୃଷ୍ଟି କରିଛନ୍ତି। ଦିଲ୍ଲୀ ଓ ପଞ୍ଜାବରେ ଆପ କମାଲ ଦେଖାଇବା ପରେ ମାଗଣା ସେବା ପୁନଃ ପ୍ରଚଳନ ହେବାର ଜଳ ଜଳ ଦେଖାଯାଉଛି। ମାଗଣାଖିଆ ସଂସ୍କୃତି ପ୍ରଥମ କରି ତାମିଲନାଡୁରେ ଜୟଲଳିଥା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ରାଜ୍ୟ ସରକାର ପ୍ରଚଳନ କରି ତା'ର ସୁଫଳ ପାଉଛନ୍ତି। କିନ୍ତୁ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ ଭାରାକ୍ରାନ୍ତ ହେଉଛନ୍ତି। ମାଗଣା ସଂସ୍କୃତି ପରିବର୍ତ୍ତେ ଲୋକଙ୍କୁ ସଶକ୍ତ କରାଗଲେ ପଡ଼ିଆ ଜମି ଉଠିଆ ହୋଇପାରିବ।

-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୭୦,୩୨,୨୩୪ | ୬୧,୯୭,୧୩୯ | ୪୩,୨୬,୯୮,୯୯୦ |
| ଭାରତ | ୪,୩୦,୩୩,୦୬୭ | ୫,୨୧,୬୦୪ | ୪,୨୫,୦୦,୦୦୨ |
| ଓଡ଼ିଶା | ୧୨,୮୭,୮୨୩ | ୯୧୨୧(+୫୩) | ୧୨,୭୮,୪୮୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କୁବେର ସହକାରୀ ଯନ୍ତ୍ରୀ ଗିରଫ

**୫କୋଟିରୁ ଊର୍ଦ୍ଧ୍ୱ ଆୟ ବହିର୍ଭୂତ ସମ୍ପତ୍ତି**

ଭୁବନେଶ୍ୱର,୮।୪ (ବ୍ୟୁରୋ)

ସରକାରୀ କ୍ଷମତାକୁ ଦୁରୁପଯୋଗ କରି କୁବେର ପାଲଟିଥିଲେ ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳ। ତାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ କାର୍ତ୍ତିକେଶ୍ୱରଙ୍କ କଳାକାର୍‌ନାମା ପଦାକୁ ଆସିଛି। ତାଙ୍କ ନିକଟରୁ ୫ କୋଟି ୮୨ ହଜାର ୭୯୪ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ମିଳିଛି। ଏହା ତାଙ୍କ ପ୍ରକୃତ ଆୟର ୭୪୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତେବେ ଠାବ ସମ୍ପତ୍ତିର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ କାର୍ତ୍ତିକେଶ୍ୱରଙ୍କୁ ଶୁକ୍ରବାର ଗିରଫ କରିଛି। ତାଙ୍କ ନାମରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୮/୨୦୨୨) ରୁଜୁ କରାଯାଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ କୋର୍ଟ କାର୍ତ୍ତିକେଶ୍ୱରଙ୍କୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜଣେ ଯନ୍ତ୍ରୀଙ୍କ ଘରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଦୁଇଦିନରେ ଘରୁ ମିଳିଥିବା ନଗଦ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗଣିବା ସହ ଠାବ ବିପୁଳ ସମ୍ପତ୍ତିର ହିସାବ କରିବାକୁ ଭିଜିଲାନ୍ସର ଅଧିକାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ପିସି କାରବାର ଓ ଲାଞ୍ଚ ନା ଅନ୍ୟ କେଉଁ ବେଆଇନ ଉପାୟରେ କାର୍ତ୍ତିକେଶ୍ୱର ଏସବୁ ସମ୍ପତ୍ତି ଠୁଳ କରିଥିଲେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତିର ପରିମାଣ ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ନିର୍ଦ୍ଦେଶାଳୟ ସୂଚନା ଦେଇଛି।



କାର୍ତ୍ତିକେଶ୍ୱର ରାଉଳ

ସୂଚନାଯୋଗ୍ୟ, କାର୍ତ୍ତିକେଶ୍ୱରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଦୁଇଦିନ ଧରି ଚଢ଼ାଉ କରାଯାଇଥିଲା। ବୁଧବାର ଗଞ୍ଜାମ ଜିଲା ଭଞ୍ଜନଗର ମାଇନର୍ ଇରିଗେଶନ କଲୋନୀସ୍ଥିତ ସରକାରୀ ବାସଭବନ, ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମରେ ଥିବା ପୈତୃକ ଘର, ଭଞ୍ଜନଗରସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମୁଡୁମାସ୍ଥିତ କସ୍ମୋପଲିସ୍ ରେସିଡେନ୍ସିରେ ଥିବା ୨ ବିଏଚ୍‌କେ ଫ୍ଲାଟ୍, ତ୍ରୁପ୍ତି ରେସିଡେନ୍ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ୍ ଓ ଜାଗମରାସ୍ଥିତ ଦୁଇ ମହଲା ଘର ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଗଞ୍ଜାମରେ ୫ଟି ଓ ଭୁବନେଶ୍ୱରରେ ୨ଟି ପ୍ଲଟ୍ ଥିବା ଜଣାପଡିଥିଲା। ଗୁରୁବାର ଚଢ଼ାଉରେ ଭୁବନେଶ୍ୱର ଆଇଜିଆଠାରେ ଥିବା ଟାଟା ଆରିଆନାସ୍ଥିତ ଫ୍ଲାଟ୍ ନଂ.୦୫୦୫ରେ ରହୁଥିବା ଦ୍ୱିତୀୟ ସ୍ତ୍ରୀଙ୍କ ଘରୁ ନଗଦ ୨ କୋଟି ଟଙ୍କା, ୨୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୫୮୦ ଗ୍ରାମର ୨୦ ସୁନା ବିସ୍କୁଟ୍ ମିଳିଥିଲା।

# କେନ୍ଦ୍ର କଥାରେ ବିଜେଡିର ହଁ

ନୂଆଦିଲ୍ଲୀ,୮।୪

ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ପେଟ୍ରୋଲ, ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଆକାଶଛୁଆଁ ଦର ବୃଦ୍ଧି ଯୋଗୁ ସାଧାରଣ ଲୋକେ ପ୍ରଭାବିତ ହୋଇଛନ୍ତି। ଏହା ଉପରେ ପାର୍ଲାମେଣ୍ଟରେ ଆଲୋଚନା ଲାଗି ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ଚାପ ପକାଉଥିବାବେଳେ ବିଜେଡି ଏହି ପ୍ରସଙ୍ଗରୁ ଦୂରେଇ ରହିଥିଲା। ରାଜ୍ୟ ସଭାରେ ଚତୁର୍ଥ ବୃହତ୍ ଦଳ ବିଜେଡି ଦରବୃଦ୍ଧି ଉପରେ ଆଲୋଚନା ପାଇଁ କୌଣସି ପ୍ରସ୍ତାବ ଆଣି ନ ଥିଲା। ଓଡ଼ିଶାର ଶାସକ ଦଳ ଜାତୀୟ ରାଜନୀତିରେ ସମଦୂରତ୍ୱ ନୀତି ଅବଲମ୍ବନ କରୁଥିବା କହୁଛି।

**ବନ୍ଧୁତା ନୁହେଁ, ଭୟ**

ଅଥଚ ଶାସକ ଓ ବିରୋଧୀଙ୍କଠାରୁ ସମଦୂରତ୍ୱ ବଜାୟ ରଖିବା ପରିବର୍ତ୍ତେ ଏହି ଦଳ ଜାତୀୟ ସ୍ତରରେ ପ୍ରଭାବ ଥିବା ଜନକେନ୍ଦ୍ରିକ ପ୍ରସଙ୍ଗ ଉଠାଇବାରୁ ଦୂରେଇ ଯାଉଥିବା ଦେଖାଯାଉଛି।

ରାଜ୍ୟ ସଭା ଓ ଲୋକ ସଭାରେ ଦରବୃଦ୍ଧି ପ୍ରସଙ୍ଗ ଉପରେ ଆଲୋଚନା ଲାଗି କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ଓ ଅନ୍ୟାନ୍ୟ ଦଳ ଏକାଧିକ ମୁଲତବୀ ପ୍ରସ୍ତାବ ନୋଟିସ ଦେଇଥିଲେ। ଗୃହ ଅଧ୍ୟକ୍ଷ ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିବାରୁ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ବାରମ୍ବାର ତୈଳ ଓ ଅତ୍ୟାବଶ୍ୟକ ଦର ବୃଦ୍ଧି ପ୍ରସଙ୍ଗ ଉପରେ ଆଲୋଚନା ଦାବି କରିଥିଲେ। ଗୃହ ଅଧ୍ୟକ୍ଷ ଅନୁମତି ନ ଦେବାରୁ ଏହାର ପ୍ରତିବାଦରେ ଟିଆର୍‌ଏସ୍ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଲୋକ ସଭାରେ ମଧ୍ୟ ବିରୋଧୀ ସଦସ୍ୟମାନେ ବାରମ୍ବାର ଦରବୃଦ୍ଧି ପ୍ରସଙ୍ଗରେ ଆଲୋଚନା ଲାଗି ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ହୋହଲ୍ଲା ଯୋଗୁ ଉଭୟ ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା।

ପୂର୍ବ ଅଧିବେଶନ ଭଳି ଏଥର ମଧ୍ୟ ବିଜେଡି ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ, ବିଧାନ ପରିଷଦ ଗଠନ, ବଳକା ଉଷୁନା ଚାଉଳ ଓ ଅନ୍ୟ ଅଞ୍ଚଳଭିତ୍ତିକ ପ୍ରସଙ୍ଗ ଉଠାଇଥିଲା। ଅଧିବେଶନରେ ଗୃହୀତ ହୋଇଥିବା ସମସ୍ତ ବିଲ୍‌କୁ ବିଜେଡି ସମର୍ଥନ କରିଥିଲା। ଆପରାଧିକ ପ୍ରକ୍ରିୟା ପରିଚୟ ବିଲ୍‌ର କେତେକ ବ୍ୟବସ୍ଥାକୁ ବିଜେଡିର କେତେଜଣ ଏମ୍‌ପି ବିରୋଧ କରିଥିଲେ ମଧ୍ୟ ଶେଷରେ ବିଲ୍‌କୁ ସମର୍ଥନ ଜଣାଇଥିଲେ। ସପ୍ତଦଶ ଲୋକ ସଭା ଆରମ୍ଭରୁ ପାର୍ଲାମେଣ୍ଟରେ ତିନି ତଲାକ, ନାଗରିକତ୍ୱ ସଂଶୋଧନ ବିଲ୍‌ଠାରୁ ଆରମ୍ଭ କରି ଅନେକ ବିବାଦୀୟ ବିଲ୍‌କୁ ବିଜେଡି ସମର୍ଥନ କରିଆସିଛି। ଜାତୀୟ ରାଜନୀତିରେ ଆଞ୍ଚଳିକ ଦଳର ଏଭଳି ଆଭିମୁଖ୍ୟ ପଛରେ ବନ୍ଧୁତା ନୁହେଁ ବରଂ ଭୟ ବୋଲି ଜଣେ ବରିଷ୍ଠ ବିଜେଡି ନେତା କହିଛନ୍ତି। ସେମାନେ ଭୁବନେଶ୍ୱରରେ ଆମକୁ ଯେପରି ଅଡୁଆରେ ନ ପକାଇବେ, ସେଥିପାଇଁ ଆମେ ଦିଲ୍ଲୀରେ ଭାଜପାକୁ ଅସୁବିଧାରେ ପକାଇବାକୁ ଚାହୁଁନାହୁଁ ବୋଲି ନେତା ଜଣକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 02-KUR-TRD-OT-2022-23

**କାର୍ଯ୍ୟର ନାମ :** ବାହାର ଏଜେନ୍ସି ମାଧ୍ୟମରେ ଦୁଇ ବର୍ଷ ନିମନ୍ତେ ତାଳଚେର (TLHR) ଷ୍ଟେସନ ଠାରେ ମେସର୍ସ ମହାନଦୀ କୋଲଫିଲ୍ଡସ୍ (MCL) ର ଲିଙ୍ଗରାଜ ସ୍ୱର-3 ସାଇଡ଼ିଙ୍ଗ୍‌ରେ ଆଇସୋଲେଟର (DPI ଏବଂ SPI) ଗୁଡ଼ିକର ପରିଚାଳନା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 18,53,543.00, EMD (ଟଙ୍କାରେ) : 37,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.04.2022ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.04.2022 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-20/N/22-23

# ‘ଦୃଢ଼ ମନୋବଳ ସାମ୍ବାଦିକତାର ପରିଚୟ’

ଭୋଗରାଇ, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୫୧ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଧରିତ୍ରୀ, ୟୁନିସେଫ୍ ଓ ପିପୁଲ କଲଚରାଲ ସେଣ୍ଟର(ପିକ୍‌କ)ର ମିଳିତ ଆନୁକୂଲ୍ୟରେ ଚାଇଲ୍ଡ ରିପୋର୍ଟିଂ ସଂକ୍ରାନ୍ତୀୟ ଏକ ୩ଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ତାଳସାରୀସ୍ଥିତ ପାନ୍ଥନିବାସଠାରେ ଆୟୋଜିତ ପ୍ରଥମ ଦିନର ପ୍ରଥମ ଅଧିବେଶନକୁ ୟୁନିସେଫ୍ ଓଡ଼ିଶା ଚାପ୍ଟରର ଆଡଭୋକେସି କମ୍ୟୁନିକେଶନ ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ ଏବଂ ପିକ୍‌କର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅଧିବେଶନରେ ପିକ୍‌କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଶିଶୁ ଅଧିକାର(ଚାଇଲ୍ଡ ରାଇଟ୍ସ) ଉପରେ ବିଶେଷ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଧରିତ୍ରୀର ବରିଷ୍ଠ ଉପ ବାର୍ତ୍ତାସମ୍ପାଦକ ଲାଲା ସୁନୀଲ କୁମାର ରଥ ଯୋଗଦେଇ ଚାଇଲ୍ଡ ରିପୋର୍ଟିଂ(ଶିଶୁ ସାମ୍ବାଦିକତା) ଉପରେ ପିଲାମାନଙ୍କୁ ବିସ୍ତୃତ ଭାବରେ ଜ୍ଞାନ ପ୍ରଦାନ କରିଥିଲେ। ପିଲାମାନଙ୍କୁ ସାମ୍ବାଦିକତାର ମୂଳ ଉଦ୍ଦେଶ୍ୟ ଓ ନିୟମ ସମ୍ପର୍କରେ ବୁଝାଇଥିଲେ। ସାମ୍ବାଦିକତା ପ୍ରତି ରୁଚି ରଖୁଥିବା ଛାତ୍ରୀଛାତ୍ରମାନେ ଯଦି ଏବେଠାରୁ ସ୍ଥାନୀୟ ଅଞ୍ଚଳର ସମସ୍ୟା ଏବଂ ଘଟୁଥିବା ଘଟଣା ସମ୍ପର୍କରେ ଅବଗତ ହେବେ ତେବେ ସେମାନେ ଭବିଷ୍ୟତରେ ଜଣେ ଭଲ ଖବରଦାତା ହୋଇପାରିବେ ବୋଲି ରଥ କହିଥିଲେ। ଏହାପରେ ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ଦୃଢ଼ ମନୋବଳ ରହିଲେ ଜଣେ ପ୍ରକୃତ ସାମ୍ବାଦିକ ହୋଇପାରିବ ବୋଲି କହିଥିଲେ। ଧରିତ୍ରୀର ବାଲେଶ୍ୱର ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଯୋଗଦେଇ ସାମ୍ବାଦିକତାକୁ ପେସା ଭାବେ ଗ୍ରହଣ କରିବାକୁ ଆଗ୍ରହୀ ଥିବା ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ଉତ୍ସାହିତ କରିଥିଲେ।




ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ**

**ସଫ୍ଟୱେର ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ** STPI
(ଭାରତ ସରକାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସୋସାଇଟି)
ଗଙ୍ଗା ସଫ୍ଟୱେର ଟେକ୍ନୋଲୋଜି କମ୍ପ୍ଲେକ୍ସ, ସେକ୍ଟର-୨୯, ନଏଡା-୨୦୧୩୦୩ (ୟୁ.ପି.)
ଫୋନ୍: ୯୧-୧୨୦-୨୪୭୦୪୦୦, ଫାକ୍ସ: ୯୧-୧୨୦-୨୪୭୦୪୦୩
ୟୁଆର୍‌ଏଲ୍: https://noida.stpi.in

**କର୍ମନିଯୁକ୍ତି ନୋଟିସ ନଂ. ୧/୨୦୨୨/ଏସ୍‌ଟିପିଆଇ/ନଏଡା**

ଏସ୍‌ଟିପିଆଇ ନଏଡା ବଦଳି (ଆବ୍‌ଜର୍ପସନ୍) ଦ୍ୱାରା/ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର. ସଂ. | ପଦବୀର ନାମ, ପଦବୀ କୋଡ୍ | ବେତନ ସ୍ତର, ଗ୍ରୁପ୍ | ଖାଲିସ୍ଥାନର ମୋଟ ସଂଖ୍ୟା ଓ ସ୍ଥାନ | ନିଯୁକ୍ତିର ମାଧ୍ୟମ |
|---|---|---|---|---|
| ୧. | ଆସିଷ୍ଟାଣ୍ଟ (ଏ–III) | ସ୍ତର ୫, ସି | ୦୧ (ୟୁଆର୍) (ପଦବୀ ପିଏଚ୍–ଏଚ୍‌ଏଚ୍‌ଙ୍କ ପାଇଁ ସଂରକ୍ଷିତ) (ଭୁବନେଶ୍ୱର) | ବଦଳି (ଆବ୍‌ଜର୍ପସନ୍)/ ପ୍ରତ୍ୟକ୍ଷ ନିଯୁକ୍ତି |

ଦ୍ରଷ୍ଟବ୍ୟ: ମନୋନୀତ ପ୍ରାର୍ଥୀ(ମାନ)ଙ୍କୁ ଯେଉଁ ସ୍ଥାନ ଲାଗି ଚୟନ କରାଯାଇଥିବ ସେହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ ଅବସ୍ଥିତ ଏସ୍‌ଟିପିଆଇ କେନ୍ଦ୍ରଗୁଡ଼ିକ ପାଇଁ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇପାରେ।
ସାଧାରଣ ନିୟମ ଓ ସର୍ତ୍ତାବଳୀ, କିପରି ଆବେଦନ କରିବେ, ବୟସ ସୀମା, ଯୋଗ୍ୟତା, ଚୟନ ପ୍ରକ୍ରିୟା, ଲିଖିତ ପରୀକ୍ଷାର ପାଠ୍ୟଖସଡ଼ା, ଦରଖାସ୍ତ ଫର୍ମାଟ୍, ଦୂରାନ୍ତ ଅଞ୍ଚଳ ଇତ୍ୟାଦି ବିବରଣୀ ଏସ୍‌ଟିପିର ୱେବ୍‌ସାଇଟ୍ https://noida.stpi.inରେ ଦେଖାଯାଇପାରିବ।
ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ: ୯ ଏପ୍ରିଲ, ୨୦୨୨ ଦିନ ଖବରକାଗଜ/ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶନରୁ ୪୫ ଦିନ ମଧ୍ୟରେ। ଡାକ ବିଳମ୍ବ ପାଇଁ ଏସ୍‌ଟିପିଆଇ ଦାୟୀ ରହିବ ନାହିଁ।

| | |
|---|---|
| ଅନ୍‌ଲାଇନ୍ ଦରଖାସ୍ତ ଦାଖଲ ଖୋଲିବା ତାରିଖ | ୦୯।୦୪।୨୦୨୨ |
| ଅନ୍‌ଲାଇନ୍ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ୦୬।୦୫।୨୦୨୨ |
| ବିଧିବଦ୍ଧ ଭାବେ ସ୍ୱାକ୍ଷରିତ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ୨୧।୦୫।୨୦୨୨ |
| ଦୂରାନ୍ତ ଅଞ୍ଚଳରୁ ବିଧିବଦ୍ଧ ଭାବେ ସ୍ୱାକ୍ଷରିତ ଦରଖସ୍ତ ପ୍ରାପ୍ତିର ଶେଷ ତାରିଖ | ୩୧।୦୫।୨୦୨୨ |

ବରିଷ୍ଠ ପ୍ରଶାସନିକ ଅଧିକାରୀ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି–୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର–୭୫୧୦୧୦
ଇ–ମେଲ: recruitment@dharitri.com
ଫୋନ୍ ନଂ. : (୦୬୭୪) ୨୫୮୦୧୦୧
(ସମୟ ଅପରାହ୍ଣ ୪ଟାରୁ ରାତ୍ର ୯ ଘଟିକା)

**MARKETING MANAGER & PLANT OPERATOR**
Required for Industrial Gases Manufacture.
Contact No.: 9437060498
Mail: info@noblegas.in

**WANTED**
ଭୁବନେଶ୍ୱରର ଏକ କମ୍ପାନୀରେ କାର୍ ଚଳାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି।
Contact:
9861326975 | 9937997998

**OrissaPOST** English daily
**WANTED**
SENIOR SUB-EDITORS:-
- Applicants must have atleast 3 years editorial experience and proficiency in QuarkXPress. Responsibilities will include copy editing, rewriting stories, fact-checking, prioritising news and writing engaging headlines.

REPORTERS:-
- Minimum 3 years' reporting experience in English media.

Location: BHUBANESWAR
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

# ନୀଳଗିରି ଆଇଆଇସି, ଆଇଓଙ୍କ ବଦଳି

**ଖବରଦାତାଙ୍କ ଗୋଡ଼ରେ ବେଡ଼ି ଘଟଣା**
**କନଷ୍ଟେବଳ ନିଲମ୍ବିତ**

**ସଜନାଗଡ଼,୮।୪(ଡି.ଏନ.ଏ.):** ସାମାନ୍ୟ ଘଟଣାକୁ କେନ୍ଦ୍ର କରି ନୀଳଗିରି ପୋଲିସ ଆକ୍ରୋଶମୂଳକ ଭାବେ ମେଡିକାଲରେ ଚିକିତ୍ସାଧୀନ ଜଣେ ଖବରଦାତାଙ୍କ ଗୋଡ଼ରେ ଦାଗୀ ଅପରାଧୀଙ୍କ ଭଳି ବେଡ଼ି ପକାଇବା ଘଟଣାରେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଥିବା କନଷ୍ଟେବଲଙ୍କୁ ନିଲମ୍ବନ କରାଯିବା ସହ ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସ ଓ ସେହି ମାମଲାର ତଦନ୍ତକାରୀ ଅଧିକାରୀ (ଆଇଓ) ସୁବର୍ଣ୍ଣ ବେହେରାଙ୍କୁ ବଦଳି କରାଯାଇଛି। ଏହି ମାମଲାକୁ ନେଇ ରାଜ୍ୟ ମାନବାଧିକାର କମିଶନ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ଭିତରେ ରିପୋର୍ଟ ଦେବା ଲାଗି କମିଶନ ପୂର୍ବାଞ୍ଚଳ ଆଇଜି ନରସିଂହ ଭୋଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ହ୍ୟୁମାନ ରାଇଟ ବାଲେଶ୍ୱର ଜିଲା ଶାଖା ସଭାପତି ଡା. ଜିତେନ୍ଦ୍ର ମହାରଣା ନୀଳଗିରିରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ସେ ଥାନାରେ ପହଞ୍ଚି ତଥ୍ୟ ସଂଗ୍ରହ କରିନେଇଛନ୍ତି। ତଦନ୍ତ ବେଳେ ଆଇଆଇସି ସହଯୋଗ କରି ନ ଥିବା ସେ ଉପସ୍ଥିତ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଏଭଳି ଅମାନୁଷିକ କାର୍ଯ୍ୟକୁ ହ୍ୟୁମାନ ରାଇଟ ବାଲେଶ୍ୱର ଜିଲା ଶାଖା ସଭାପତି ସମାଲୋଚନା କରିବା ସହ ଦରକାର ପଡ଼ିଲେ ସଂସ୍ଥା ପୋଲିସ ବିରୋଧରେ ମାମଲା ରୁଜୁ କରିବ ବୋଲି ଚେତାଇ ଦେଇଛନ୍ତି। ନୀଳଗିରିର ଦୁଇ ଓକିଲ ସଂଘ ଘଟଣାକୁ ନିନ୍ଦା କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କଠାରେ ଦାବି କରିଛନ୍ତି। ନୀଳଗିରି ଉପଖଣ୍ଡର ସମସ୍ତ ଖବରଦାତା ଏକାଠି ହୋଇ ନୀଳଗିରି ଉପ–ଜିଲାପାଳଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ୫–ଟି ସଚିବ, ପୋଲିସ ଡିଜି, ମାନବାଧିକାର କମିଶନରଙ୍କୁ ପଠାଇଛନ୍ତି।

# ତଦନ୍ତ ଅନୁସାରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

**ବେଡ଼ି ପକାଇବା ଘଟଣା**

**ବାଲେଶ୍ୱର ଅଫିସ, ୮।୪:** ନୀଳଗିରିରେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ଗିରଫ ପରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବେଡ଼ି ପକାଇବା ଘଟଣାର ତଦନ୍ତ ବାଲେଶ୍ୱର ପୋଲିସ୍ ମୁଖ୍ୟାଳୟରୁ ଜଣେ ଡିଏସ୍‌ପି କରୁଛନ୍ତି। ତଦନ୍ତ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ନିରପେକ୍ଷ ତଦନ୍ତ ପାଇଁ ନୀଳଗିରି ଆଇଆଇସି ଦ୍ରୌପଦୀ ଦାସ ଓ ତଦନ୍ତ ଅଧିକାରୀ ସୁବର୍ଣ୍ଣ ବେହେରାଙ୍କୁ ବାଲେଶ୍ୱର ଜିଲା ପୋଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି।

# ‘ଏସ୍‌ଏଫ୍‌ଡିଆର୍’ ବୁଷ୍ଟର ସଫଳ ପରୀକ୍ଷଣ



୩ନଂ. ଲଞ୍ଚପ୍ୟାଡ୍‌ରୁ ଉତ୍‌କ୍ଷେପଣ ହେଉଥିବା ଏସ୍‌ଏଫ୍‌ଡିଆର୍ ବୁଷ୍ଟର କ୍ଷେପଣାସ୍ତ୍ର।

**ବାଲେଶ୍ୱର ଅଫିସ, ୮।୪**

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ (ଏସ୍‌ଏଫ୍‌ଡିଆର୍) ବୁଷ୍ଟର କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇଥିଲା। ପରୀକ୍ଷଣ ସମୟରେ ସ୍ଥିରୀକୃତ ସମସ୍ତ ଲକ୍ଷ୍ୟକୁ ଏହି ବୁଷ୍ଟର ମିଶାଇଲ ସଫଳତାର ସହ ପୂରଣ କରିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ହାଇଦ୍ରାବାଦସ୍ଥିତ ଡିଆର୍‌ଡିଏଲ୍ ଓ ଡିଆର୍‌ଡିଓର ମିଳିତ ପ୍ରୟାସରେ ବିକଶିତ ଏହି କ୍ଷେପଣାସ୍ତ୍ର ୩୫୦ କି.ମି. ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହ ଶବ୍ଦର ଗତିଠାରୁ ୪ ଗୁଣ ଅଧିକ ବେଗରେ ଗତି କରିପାରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ‘ଏସ୍‌ଏଫ୍‌ଡିଆର’ର ସଫଳ ପରୀକ୍ଷଣ ନିମନ୍ତେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆରଡିଓର ବୈଜ୍ଞାନିକ, ଭାରତୀୟ ବାୟୁସେନା ଓ ଉଦ୍ୟୋଗ ଜଗତକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ଜି. ସତୀଶ ରେଡ୍ଡୀ ମଧ୍ୟ ଏହି ସଫଳ ପରୀକ୍ଷଣରେ ସମ୍ପୃକ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପଟେ ମିଶାଇଲର ସଫଳ ପରୀକ୍ଷଣ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ କରି ଖୁସିବ୍ୟକ୍ତ କରିବା ସହ ଡିଆର୍‌ଡିଓକୁ ଶୁଭେଚ୍ଛା ଜଣାଇଛନ୍ତି।

**IN THE DEBTS RECOVERY TRIBUNAL : CUTTACK**
C-71, Sector-7, CDA, Cuttack-753014
O.A. No. 372/20

Utkal Grameen Bank ...Applicant
Vs.
Sri Bidyadhar Naik & others ...Defendants

To,
1. **Sri Bidyadhar Naik,** aged about 53 years, S/o- Late Jagabandhu Naik, residing at: Khuntamal, PO: Sudung, PS: Laikera, Dist.: Jharsuguda-768215.
2. **Sri Benudhar Behera,** age not known but major, S/o- Late Bhikari Behera, At/PO: Bhatlaida, PS: Laikera, Dist.: Jharsuguda-768213.
3. **Sri Gurudev Sahu,** age not known but major, S/o- Kheda Sahu, residing at: Khuntamal, PO: Sudung, PS: Laikera, Dist.: Jharsuguda-768215 ...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 372/20** in the Debts Recovery Tribunal, Cuttack for recovery of **Rs.22,38,899.65** only Pendentiliete and future interest thereon at the agreement rate till recovery from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on **13.05.2022** at **10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this Tribunal, on this **28th day of March, 2022.**

By orders of this Tribunal
Sd/- Registrar
Debts Recovery Tribunal

**IN THE DEBTS RECOVERY TRIBUNAL : CUTTACK**
C-71, Sector-7, CDA, Cuttack-753014
O.A. No. 211/20

Utkal Grameen Bank ...Applicant
Vs.
Sri Rajesh Barik ...Defendants

To,
1. **Sri Rajesh Barik,** age not known but major, S/o- Sanatan Barik, of Vill: Alapaka, Via: Lephripada, Dist.: Sundargarh.
2. **Sri Temba Bhagat,** age not known but major, S/o- Bersa Bhagat, of Vill: Alapaka, Via: Lephripada, Dist.: Sundargarh.
3. **Sri Ganesh Ekka @ Ganesh Ram Ekka,** age not known but major, S/o- Renguta Ekka, of Vill: Alapaka, Via: Lephripada, Dist.: Sundargarh.
4. **Dr. Frenklink Kujur @ Dr. Frenklink E. Kujur,** age not known but major, S/o- Bishram Kujur, At/PO: Gundiadihi, Dist.: Sundargarh ...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 211/20** in the Debts Recovery Tribunal, Cuttack for recovery of **Rs.20,96,909.05** only Pendentiliete and future interest thereon at the agreement rate till recovery from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **13.05.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under my hand and seal of this Tribunal on this **28th day of March, 2022.**

By orders of this Tribunal
Sd/- Registrar
Debts Recovery Tribunal

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.3282/PSC, Dt.8.4.22**
**PF-1E-11-2021/22 (DR-III)**

**No.D-08:** It is for information of all concerned that 24 (Twenty-four) candidates bearing following PPSAN/Reference Nos. have been called for the physical verification of original certificates/' documents to determine their eligibility and suitability for recruitment to the post of Post Graduate Teacher in Anthropology for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of candidates |
|---|---|---|
| 18.04.2022 | 10.30 A.M. | 00118299, 00122461, 00025007, 00086757, 00093216, 00116944, 00120365, 00087761, 00122355, 00094374, 00131422, 00133035, 00089187, 00121069 & 00049403 = **15 candidates** |
| | 02.30 P.M. | 00047282, 00114088, 00040672, 00040160. 00095475, 00096476, 00116136, 00089197 & 00121109 = **09 candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below :-
1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed. certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3. Post Graduation & B.Ed.) including fail marks, if any, issued by the concerned Board/Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after rectirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./-Secretary**
OIPR-12002/11/0008/2223

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନାଉଗାଁ,୮।୪(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଗ୍ରାମରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଗ୍ରାମର ଅଶୋକ ଦାସଙ୍କ ପୁଅ ଅଭିଜିତ୍ (୨୨)। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପରିବାର ଲୋକଙ୍କ କହିବାନୁଯାୟୀ, ଗୁରୁବାର ରାତିରେ ଅଭିଜିତ ଖାଇବା ପରେ ଶୋଇବାକୁ ଯାଇଥିଲେ। ସକାଳେ ତାଙ୍କ ଶୋଇବା ଘର କବାଟ ଖୋଲା ହେବାବେଳକୁ ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଥାନାରେ ଜଣାଇବାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩/୨୨) ରୁଜୁ ହୋଇଛି।

### ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ରାଇରଙ୍ଗପୁର,୮।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ବିଚାର କରି ଘାସିରାମ ପୂର୍ତ୍ତିଙ୍କୁ ଦୋଷୀ ସବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଦାମପାହାଡ଼ ଥାନା ଅଧୀନ ପୋଖରିଆ ଗାଁର ଘାସିରାମ ୨୦୧୮ ନଭେମ୍ବର ୧୮ ତାରିଖରେ ସେହି ଗ୍ରାମର ଶିବ ହେମ୍ବ୍ରମଙ୍କୁ ଏକ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୦/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

### ବନ୍ଧା ହେଲେ ପ୍ରେମିକ

ବାରିପଦା ଅଫିସ,୮।୪: ପ୍ରେମ ପ୍ରତାରଣାର ଶିକାର ହୋଇ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ପ୍ରେମିକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ୧୫ନଂ. ୱାର୍ଡର ସତ୍ୟବ୍ରତ ସାହୁ(୨୬)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୨୩୫/୨୨)ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ସତ୍ୟବ୍ରତ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ବୁଧବାର ବାଲେଶ୍ୱରରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ତେବେ ୧୮ନଂ. ଜାତୀୟ ରାଜପଥର କାଠପାଳଠାରେ ତାଙ୍କୁ ଏକାକୀ ଛାଡ଼ି ଫେରାର ହୋଇ ଯାଇଥିଲେ। ଏଥିରେ ମର୍ମାହତ ହୋଇ ଯୁବତୀ ଜଣକ ନିକଟସ୍ଥ ଜଙ୍ଗଲରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଡ୍ରାଫ୍ଟଚାର୍ଜରେ ସୀମିତ କାର୍ଯ୍ୟାନୁଷ୍ଠାନ

**ଉଦ୍ୟାନ ବିଭାଗରେ ଦୁର୍ନୀତି**

**■ ୧୭ ଜଣଙ୍କ ତଦନ୍ତ ରିପୋର୍ଟ ଫାଇଲରେ**

ଯାଜପୁର ଅଫିସ,୮।୪

କୃଷି ବିଭାଗର ଅତିରିକ୍ତ ସଚିବଙ୍କୁ ଗତ ୨୯ ତାରିଖରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ଦେଇଥିବା ତଥ୍ୟରେ ୨୦୧୪ରୁ ଏଯାଏ ୩୨ ଜଣ ବିଭାଗୀୟ ଦୁର୍ନୀତିଖୋର ଅଧିକାରୀଙ୍କ ନାମରେ ଡ୍ରାଫ୍ଟଚାର୍ଜ ହୋଇଛି। ହେଲେ ସେଥିରୁ ୧୭ ଜଣ ଅଧିକାରୀଙ୍କ ସମ୍ପର୍କରେ ତଦନ୍ତ ରିପୋର୍ଟ ଦାଖଲ ହୋଇ ନ ଥିବାବେଳେ ମାତ୍ର ୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇଛି। ୩ ଜଣଙ୍କ ନାମରେ ଭିଜିଲାନ୍ସ ତଦନ୍ତ ଚାଲିଥିବାବେଳେ ବାକି ୧୦ ଜଣଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ।

୨୦୧୯ ଜୁଲାଇରେ ବିଧାନସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ୮୩୬ ଦୁର୍ନୀତିଖୋର ଅଫିସର ଦଣ୍ଡିତ ହୋଇଥିଲେ ବୋଲି ଉତ୍ତର ମିଳିଥିଲା। ଏଥିରେ ୭୯ଜଣ ନିଲମ୍ବିତ, ୨୨ ଜଣଙ୍କୁ କାର୍ଯ୍ୟରୁ ଅନ୍ତର, ୩୫ ଜଣଙ୍କ ନାମରେ ଡ୍ରାଫ୍ଟଚାର୍ଜ, ୨୬୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲାବେଳେ ୪୩୨ ଜଣଙ୍କୁ ଜବାବ ମଗାଯାଇଥିଲା। ଏହି ୩ ବର୍ଷ ମଧ୍ୟରେ ଆହୁରି କେତେଜଣ ଅଧିକାରୀ ଦଣ୍ଡିତ ହୋଇଥିବେ। କିନ୍ତୁ କୃଷି ବିଭାଗର ତଥ୍ୟକୁ ଅବଲୋକନ କଲେ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ ଡ୍ରାଫ୍ଟଚାର୍ଜରେ ସୀମିତ ରହିଥିବା ମନେ ହେଉଛି। ୨୦୧୪ରେ ଖୋର୍ଦ୍ଧା ଉଦ୍ୟାନ ବିଭାଗର ବରିଷ୍ଠ କିରାଣି ବିଜୟ କୁମାର ଭଞ୍ଜଙ୍କ ନାମରେ ଚାର୍ଜଶିଟ ଜାରି ହୋଇଥିଲା। ଏହି ମାମଲା ଏବେ ବି ଭିଜିଲାନ୍ସ ବିଚାରାଧୀନ ରହିଛି। ୨୦୧୪ରେ କେନ୍ଦ୍ରାପଡ଼ା ଏଡିଏଚ୍ (ଆଡିଶନାଲ ଡାଇରେକ୍ଟର ଅଫ ହର୍ଟିକଲଚର) ବିଭାଗର ଅଭିରାମ ଦାସଙ୍କ ନାମରେ ଡ୍ରାଫ୍ଟଚାର୍ଜ ଜାରି ହୋଇଥିଲେ ହେଁ ତଦନ୍ତ ରିପୋର୍ଟ ଦାଖଲ ହୋଇପାରିନାହିଁ। ସେହିପରି ପୁରୀ ଏଡିଏଚ୍‌ର ରବୀନ୍ଦ୍ର କୁମାର ନାଥ, ଗଞ୍ଜାମ ଏଡିଏଚ୍‌ର ଦୁର୍ଯ୍ୟୋଧନ ପାତ୍ର, ଲକ୍ଷ୍ମୀଧର ପାତ୍ର, ଢେଙ୍କାନାଳ ଏଡିଏଚ୍‌ର ସୁରେନ୍ଦ୍ର ନାଥ ମହାନ୍ତି, କେନ୍ଦ୍ରାପଡ଼ା ଏଡିଏଚ୍‌ର ଦୀପ୍ତିକାନ୍ତ ଓଝା, ଭୁବନେଶ୍ୱର ଏଡିଏଚ୍‌ର ଚିତ୍ତରଞ୍ଜନ ମହାନ୍ତି, ନୟାଗଡ଼ ଏଡିଏଚ୍‌ର କିଶୋର ଚନ୍ଦ୍ର କଳାସ, ବାଲିଗୁଡା ଏଡିଏଚ୍‌ର ସାଧୁଚରଣ ସିଂ, ଯାଜପୁର ଏଡିଏଚ୍‌ର ପ୍ରଶାନ୍ତ କୁମାର ବସ୍ତିଆ, ଭଦ୍ରକ ଏଡିଏଚ୍‌ର ଗିରିଧାରୀ ଜେନା, ଭଞ୍ଜନଗର ଏଡିଏଚ୍‌ର ଉମା ଚରଣ ବେହେରା, ଆନନ୍ଦପୁର ଏଡିଏଚ୍‌ର ଦିଲୀପ କୁମାର ବିଶ୍ୱାଳ, ସୁନ୍ଦରଗଡ଼ ଏଡିଏଚ୍‌ର ଦୀନବନ୍ଧୁ ମହାପାତ୍ର, କରଞ୍ଜିଆ ଏଡିଏଚ୍‌ର ମନୋଜ କୁମାର ସାହୁଙ୍କ ନାମରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ଫାଇଲରେ ବନ୍ଧାପଡ଼ିଛି। କୃଷି ଓ ଉଦ୍ୟାନ ବିଭାଗରେ ବିଭିନ୍ନ ଯୋଜନାରେ ଯେଉଁ ପରିମାଣରେ ଦୁର୍ନୀତି ହେଉଛି ସେହି ତୁଳନାରେ ଅଫିସର କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନଗଣ୍ୟ ବୋଲି ମତପ୍ରକାଶ ପାଇଛି।

ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ମାଧ୍ୟମରେ ପ୍ରଦର୍ଶନ କ୍ଷେତ୍ର, ନୂତନ ଜ୍ଞାନକୌଶଳ ତାଲିମ ଶିବିର, ପ୍ରାୟ ୫୦ ଭାଗ ରିହାତି ମାଧ୍ୟମରେ ଫୁଆର ଜଳସେଚନ, ପାଣି ମଡ଼ାଇବା ପାଇପ୍, ରେନ୍‌ଗନ୍, ପାଣି ପମ୍ପ, ହସ୍ତ ଓ ଶକ୍ତିଚାଳିତ କୀଟନାଶକ ସିଞ୍ଚନ ଯନ୍ତ୍ର ଇତ୍ୟାଦି ପ୍ରଦାନ କରାଯାଉଛି। ସେହିପରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟ ବୀମା ସୁରକ୍ଷା, ଜଳନିଧି ଯୋଜନା, ଗଭୀର ଓ ଅଗଭୀର ନଳକୂପ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯନ୍ତ୍ରୀକରଣ ଯୋଜନା, ସୌର ଜଳନିଧି ଯୋଜନା କାର୍ଯ୍ୟକାରୀ ହୋଇଛି। ଅପରପକ୍ଷରେ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ବିକାଶ, ଜଳଛାୟା ପ୍ରକଳ୍ପ, ମତ୍ସ୍ୟସମ୍ପଦରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ହେଲେ ଅଧିକାଂଶ ପ୍ରକୃତ ଚାଷୀ ଏହିସବୁ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। କେତେକ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ହେଲେ କେତେଜଣ ଦୁର୍ନୀତିଗ୍ରସ୍ତ ବଡ଼ବଡ଼ିଆ ଅଧିକାରୀ ଖସି ଯାଉଥିବାବେଳେ ତଳିଆ କର୍ମଚାରୀ ଫସି ଯାଉଛନ୍ତି। ଏ ସଂକ୍ରାନ୍ତରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ପ୍ରିୟଙ୍କା ଦ୍ୱିବେଦୀଙ୍କ ମତାମତ ନେବାକୁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ଟ୍ରକ୍ ଧକ୍କାରେ ପୁଅ ମୃତ, ମା' ଗୁରୁତର



ଦୁର୍ଘଟଣା ପରେ ଟ୍ରକ୍‌ଗୁଡ଼ିକ ଅଟକି ରହିଛି।

ପାରାଦୀପ, ୮।୪(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କି ଟର୍ମିନାଲ ଛକରେ ଶୁକ୍ରବାର ମଧ୍ୟାହ୍ନରେ ଟ୍ରକ୍ ଧକ୍କାରେ ଶୁକ୍ରବାର ନାବାଳକ ପୁଅ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁରର ତାରିଣୀଗଡାଠାରେ ଭଡ଼ାରେ ରହୁଥିବା ଅଭିଜିତ୍ ଖଣ୍ଡେଲୱାଲଙ୍କ ପୁଅ ଜିୟାନ (୮)। ସେ ମଧୁବନସ୍ଥିତ ବେଥାନୀ କନଭେଣ୍ଟ ସ୍କୁଲର ୩ ଷ୍ଟାଣ୍ଡାର୍ଡର ଛାତ୍ର। ଗୁରୁତର ଅବସ୍ଥାରେ ମା' ନେହାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନ ସମୟରେ ସ୍କୁଲ ଛୁଟି ହେବା ପରେ ନେହା ସ୍କୁଟିରେ ଜିୟାନଙ୍କୁ ନେଇ ଘରକୁ ଫେରୁଥିଲେ। ଏହି ସମୟରେ ପାରାଦୀପ ଟର୍ମିନାଲ ଛକରେ ଭୀଡ଼ ହୋଇଥିଲା। ଭୀଡ଼ ମଧ୍ୟରେ ଗଲାବେଳେ ନେହାଙ୍କ ସ୍କୁଟିର ହ୍ୟାଣ୍ଡେଲଟି ଟ୍ରକର ପଛ ଚକା ପାଖ ଡାଲାରେ ଲାଗି ଯାଇଥିଲା। ମା' ଓ ପୁଅ ଦୁହେଁ ତଳେ ପଡ଼ିଯିବାରୁ ସେମାନଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜିୟାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସେଠାରେ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା। ପାରାଦୀପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଟ୍ରକକୁ ଜବତ କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏଥିସହ ସମ୍ପୃକ୍ତ ଟ୍ରକ ଚାଳକଙ୍କୁ ଥାନାରେ ଅଟକ ରଖିଛି। ମୃତକଙ୍କ ବାପା ଏକ ଘରୋଇ ସଂସ୍ଥାରେ ଚାକିରି କରିଛନ୍ତି। ସେ କମ୍ପାନୀ କାମରେ ଦୁଇଦିନ ତଳେ ବିଶାଖାପାଟଣା ଯାଇଥିଲେ। ସେ ସେଠାରୁ ଫେରି ନ ଥିବାରୁ ପୋଲିସ ମୃତଦେହକୁ ସଂରକ୍ଷିତ ରଖିଛି।

# 'ହିତାଧିକାରୀଙ୍କୁ ବ୍ୟାଙ୍କ ତୁରନ୍ତ ଋଣ ଦେଉ'



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା କମିଟି ବୈଠକ**

ଜଗତ୍‌ସିଂହପୁର ଅଫିସ, ୮।୪

ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କଗୁଡିକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରନ୍ତୁ। ନୂଆ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଇଥିବାରୁ ଗତ ବର୍ଷର ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ବ୍ୟାଙ୍କରମାନେ ଆଗୁଆ ପଦକ୍ଷେପ ଗ୍ରହଣ କରନ୍ତୁ। ଏଥିସହ ଜିଲାର ଚାଷୀ, ବଳରାମ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀ, ଉଦ୍ୟୋଗୀ, ବୁଣାକାର ଓ ଦୁଗ୍ଧ ଚାଷୀଙ୍କ ଆବେଦନଗୁଡିକୁ ବିଚାରକୁ ନେଇ ଋଣ ପ୍ରଦାନ କରିବା ଉଚିତ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା କମିଟି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ବ୍ୟାଙ୍କ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଥିଲେ। ସେ କହିଥିଲେ, ପ୍ରତି ୩ ମାସରେ ବ୍ୟାଙ୍କୱାରୀ ସମୀକ୍ଷା କରାଯିବ । ଜିଲାର ବିଭିନ୍ନ ବ୍ୟାଙ୍କର ଜିଲା ସଂଯୋଜକମାନେ ଏହି ବୈଠକରେ ଉପସ୍ଥିତ ରହି ସେମାନଙ୍କ ଶାଖା ବ୍ୟାଙ୍କଗୁଡିକ କେତେ ଋଣ ଦେଇଛନ୍ତି ତାରି ଅଗ୍ରଗତି ସମ୍ପର୍କରେ ସୂଚନା ଉପସ୍ଥାପନ କରିବେ। ବୈଠକରେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନରେ ବ୍ୟାଙ୍କରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଏସ୍‌ଏଚ୍‌ଜି ଲିଙ୍କେଜ, ଜୀବିକା ମିଶନ ଏ ସମ୍ପର୍କରେ ଆଲୋଚନା କରିଥିଲେ। ରିଜର୍ଭ ବ୍ୟାଙ୍କ ଏଲ୍‌ଡିଓ ରଶ୍ମିରଞ୍ଜନ ସାହୁ ବ୍ୟାଙ୍କରମାନଙ୍କ ସହାୟତାରେ ଜିଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ପ୍ରାରମ୍ଭରେ ରାଜଲକ୍ଷ୍ମୀ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି ବ୍ୟାଙ୍କରମାନଙ୍କୁ ବଳରାମ ଯୋଜନା ଓ କେସିସି ଉପରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ଋଣ ପ୍ରଦାନ ଉପରେ ପରାମର୍ଶ ଦେଇଥିଲେ। ଜିଲାରେ ସିଡି ଅନୁପାତ ୩୯% ଥିବା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏସ୍‌ବିଆଇ ଆଞ୍ଚଳିକ ପରିଚାଳକ ସୁବାସ ଚନ୍ଦ୍ର ବେହେରା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଯତୀନ୍ଦ୍ରନାଥ ଷଡ଼ଙ୍ଗୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଡିଆଇସି ସାଧାରଣ ପରିଚାଳକ, ଜିଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମିଶନ ଶକ୍ତି ସଂଯୋଜକଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ। ଏଲ୍‌ଡିଏମ୍ ଦମୟନ୍ତୀ ମୁର୍ମୁ ଶେଷରେ ଧନ୍ୟବାଦ ଦେଇଥିଲେ।

### ବ୍ୟାଙ୍କ ଆସିଥିବା ଯୁବତୀ ଅପହୃତ

ସିମୁଳିଆ, ୮।୪(ଡି.ଏନ.ଏ.)

ସିମୁଳିଆ ଥାନା ବାଲିକଣା ଅଞ୍ଚଳର ଜଣେ ୨୪ ବର୍ଷୀୟ ଯୁବତୀଙ୍କୁ ଗୁରୁବାର ଅପରାହ୍ନରେ ଅପହରଣ କରାଯାଇଛି । ଏ ସମ୍ପର୍କରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ।

ଯୁବତୀ ଜଣଙ୍କ ସ୍କୁଟି ଯୋଗେ ନିଜ ସାନ ଭଉଣୀକୁ ନେଇ ମାର୍କୋଣା ଆସିଥିଲେ। ସାନ ଭଉଣୀକୁ ଏକ ପାର୍ଲରରେ ଛାଡ଼ି ବ୍ୟାଙ୍କ କାମ ପାଇଁ ଯାଇଥିବା ବେଳେ ଅପହରଣ ହୋଇଥିଲେ । ତେବେ ଅପହରଣ ପୂର୍ବରୁ ସେ ତାଙ୍କ ବାପାଙ୍କୁ ଫୋନ କରି ମୋତେ ବଞ୍ଚାଅ ବୋଲି କହିଥିବା ତାଙ୍କ ବାପା ପୋଲିସ ଆଗରେ କହିଛନ୍ତି। ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

### ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ମିଳିଲା

ଉଦଳା,୮।୪ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ମଧୁପୁର ଜଙ୍ଗଲରୁ ଜନୈକା ଯୁବତୀଙ୍କ ମୃତଦେହ ମିଳିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଜଙ୍ଗଲର ଥିବା ଏକ ଛୋଟ ଗଛରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବତୀଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି।

# ବିଜ୍ଞାନମେଳାରେ ୧୯୨ ପ୍ରକଳ୍ପ ପ୍ରଦର୍ଶିତ



ରଘୁନାଥପୁରସ୍ଥିତ ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଜ୍ଞାନମେଳା।

ରଘୁନାଥପୁର/କୁଜଙ୍ଗ/ନାଉଗାଁ,୮।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ରଘୁନାଥପୁର, କୁଜଙ୍ଗ ଓ ନାଉଗାଁରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁରସ୍ଥିତ ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ମେଳାରେ ୮୮ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୯ଟି ଜିଲାସ୍ତରକୁ ମନୋନୀତ ହୋଇଛି। ଏହାକୁ ବିଡିଓ ଜିତେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ରାଜ୍ୟଶ୍ରୀ ସାହୁ, ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ତହସିଲଦାର ରୂପାଲିକା ଦାଶ, ସହକାରୀ ବ୍ଲକ ଶିକ୍ଷାଧିକାରୀ ମେନକା ମହାପାତ୍ର, ସବିତା ଦାସ, ଆଲୁମ୍ନି କମିଟି ସଭାପତି ରଘୁନାଥ ପତି ଓ ମାୟାବିନୀ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଯୋଗଦେଇଥିଲେ। କୁଜଙ୍ଗରେ ବନବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ମେଳାରେ ୬୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୬ଟି ପ୍ରକଳ୍ପ ଜିଲାସ୍ତର ପାଇଁ ମନୋନୀତ ହୋଇଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସଭାପତି ନକ୍ଷେତ୍ର ପରିଡା, ବ୍ଲକସ୍ତରୀୟ ବିଜ୍ଞାନ ସଂଯୋଜକ ସରୋଜକାନ୍ତ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନାଉଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ମେଳାରେ ୪୦ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଏଥିରେ ବିଇଓ ମନୋରମା ରାଉଳ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ସିଆରସିସି ରୁଦ୍ର ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ସ୍ୱାସ୍ଥ୍ୟ ଠିକ୍ ରହିଲେ ପୃଥିବୀ ଭଲ ରହିବ

**ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

ଜଗତ୍‌ସିଂହପୁର ଅଫିସ, ୮।୪

ବ୍ୟକ୍ତିଗତସ୍ତରରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ସୁସ୍ଥ ରହିବା ପାଇଁ ଖାଦ୍ୟ, ପାନୀୟ ଓ ପରିବେଶ ପ୍ରତି ଧ୍ୟାନ ଦେବା ଜରୁରୀ। ଜଙ୍ଗଲ ସୃଷ୍ଟି ସାଙ୍ଗକୁ ପ୍ରଦୂଷଣରୁ ମୁକ୍ତି ପାଇଁ ଚେଷ୍ଟା ହେବା ଉଚିତ। ଏଥିପ୍ରତି ସର୍ବଦା ଜାଗ୍ରତ ରହିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତାମାନେ ଏହା କହିଛନ୍ତି। ଏଥିରେ କୁହାଯାଇଥିଲା ଚଳିତବର୍ଷ ଏହି ଦିବସର ଶୀର୍ଷକ ହେଉଛି ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ। ଅର୍ଥାତ୍ ଆମ ସ୍ୱାସ୍ଥ୍ୟ ଭଲ ରହିଲେ ପୃଥିବୀ ଭଲ ରହିବ। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ରଙ୍ଗୋଲି ଓ ଏସ୍‌କେ ଏକାଡେମୀ ପରିସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ବାରିକ, ଏଡିଏମ୍‌ଓ ମେଡିକାଲ ଡା. ଅଜୟ କୁମାର ସ୍ୱାଇଁ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ ବେହେରା, ହସ୍ପିଟାଲ ପରିଚାଳକ ଶକ୍ତିମୟୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସିତ କୁମାର ଦାଶ, ମମତା ଦାଶ, ହେମଲତା ସେଠୀ, ରମା ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଡେପୁଟୀ ପରିଚାଳନା ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ୫ ବର୍ଷରେ ଶତାଧିକ ଦୁର୍ଘଟଣା: ୬୦ ମୃତ

**■ ପାରାଦୀପର ଅଠରବାଙ୍କି-ଦୋଛକି ରାସ୍ତା**

**■ ଟ୍ରାଫିକ ପୋଷ୍ଟ ପାଇଁ ଦାବି ସତ୍ତ୍ୱେ ପ୍ରଶାସନ ସ୍ଥାଣୁ**

ପାରାଦୀପ,୮।୪(ସ୍ୱ.ପ୍ର.)



ଅଠରବାଙ୍କିରୁ-ଦୋଛକି ରାସ୍ତା।

ପାରାଦୀପର ସବୁଠାରୁ ଚଳଚଞ୍ଚଳ ସ୍ଥାନ ହେଲା ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୪.୫ କିମି ରାସ୍ତା। ଏହି ରାସ୍ତା ୫୩ ନଂ. ଜାତୀୟ ରାଜପଥ ଓ ୧୨ ନଂ. ରାଜ୍ୟ ରାଜପଥର ସମିଶ୍ରଣ ଅଞ୍ଚଳ। ଏତିକି ରାସ୍ତା ସହ ସଂଯୋଗ ରହିଛି ପିପିଏଲ, ଇଫ୍‌କୋ, ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ୍, ୪ ଟି ତୈଳ ଟର୍ମିନାଲ, ଆଦାନୀ ୱିଲମାର, ଗୋଆ କାର୍ବନ, ପାରାଦୀପ କାର୍ବନ, ତୈଳ ବିଶୋଧନାଗାର ଏବଂ ପାରାଦୀପ ବନ୍ଦର। ଉକ୍ତ ରାସ୍ତାରେ ପ୍ରତିଦିନ ହଜାରରୁ ଅଧିକ ଭାରୀଯାନ ଚଳାଚଳ କରୁଛି। ଏହି ରାସ୍ତାର ଟର୍ମିନାଲ ଓ ଇଫ୍‌କୋ ଛକ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ। ଗତ ୫ ବର୍ଷରେ ଏତିକି ରାସ୍ତା ମଧ୍ୟରେ ଶତାଧିକ ଦୁର୍ଘଟଣା ଘଟିଲାଣି। ଯେଉଁଥିରେ ୬୦ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନେକ ଆହତ ହୋଇଛନ୍ତି। ଏତେ ଦୁର୍ଘଟଣା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଟ୍ରାଫିକ ପୋଷ୍ଟ ଗୋଟିଏ କରାଯାଇନାହିଁ। ଅପରପକ୍ଷେ ଉକ୍ତ ରାସ୍ତାର ଇଫ୍‌କୋ ଛକ ନିକଟରେ ଟ୍ରାଫିକ ଗୋଲେଇ ଛକ କରିବାକୁ ୨୦୧୬ରୁ ଏ ପର୍ଯ୍ୟନ୍ତ ଏହି କମ୍ପାନୀ ଆବେଦନ କରିଥିଲେ ହେଁ ରାଜ୍ୟ ପ୍ରଶାସନ ଓ ଜାତୀୟ ରାଜପଥ ପକ୍ଷରୁ କ୍ଲିୟରାନ୍ସ ମିଳିନାହିଁ। ଏପରିକି ଜଗତ୍‌ସିଂହପୁର ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ଦୁଇ ଥର ସମୀକ୍ଷା କରି ସାରିଛନ୍ତି। ତଥାପି ଟ୍ରାଫିକ ପୋଷ୍ଟ ପାଇଁ କୌଣସି ସକରାତ୍ମକ ପରିବେଶ ହୋଇନାହିଁ ବୋଲି ଇଫ୍‌କୋ ପକ୍ଷରୁ ସୂଚନା ମିଳିଛି। ଇଫ୍‌କୋ ସମ୍ମୁଖ ରାଜପଥ ଉପରେ ଏହି କମ୍ପାନୀ ନିଜସ୍ୱ ଖର୍ଚ୍ଚରେ ବିଶ୍ୱସ୍ତରୀୟ ଟ୍ରାଫିକ ପୋଷ୍ଟ କରିବା ସହ ତା'ର ମେଣ୍ଟେନାନ୍ସ ଓ ପରିଚାଳନା ପାଇଁ ମାନବସମ୍ବଳ ଦେବାକୁ ରାଜି ଅଛି। କାରଣ ଇଫ୍‌କୋ କାରଖାନାଠାରୁ ରଙ୍ଗିଆଗଡ ରେଳ ଷ୍ଟେଶନ ପର୍ଯ୍ୟନ୍ତ ସାର ପରିବହନ ଅନବରତ ହେଉଛି। ଟ୍ରାଫିକ୍ ପୋଷ୍ଟ ନ ଥିବାରୁ ଇଫ୍‌କୋର ଗାଡି ପ୍ରତି ଭଡାରେ ଅଧିକ ୮ କିମି ଯାତାୟାତ କରୁଛି। ଯାହା ଦ୍ୱାରା କମ୍ପାନୀର ସମୟ ଓ ଅର୍ଥ ଅଧିକ ଅପଚୟ ହେଉଛି। ଏଭଳି ଅବସ୍ଥା ଅନ୍ୟ କମ୍ପାନୀର ମଧ୍ୟ ହେଉଛି। ଅନ୍ୟ ଏକ ପ୍ରସଙ୍ଗ ହେଲା ଏତିକି ରାସ୍ତା ସୀମା ଅଞ୍ଚଳରେ ବିଶାଳ ଜନବସତି ହୋଇଗଲାଣି। ଭାରୀଯାନ ଓ ସାଧାରଣଯାନ ଚଳାଚଳ, ଟ୍ରକ ପାର୍କିଂ ଏବଂ ପ୍ରଦୂଷଣ ଯୋଗୁ ଧୂଳି ବଳୟ ସୃଷ୍ଟି ହେଉଛି। ଏହାଦ୍ୱାରା ସ୍ଥାନୀୟ ଲୋକ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛୁ ବୋଲି କୁହନ୍ତି ତାରିଣୀଗଡା ବାସିନ୍ଦା ଦିପ୍ତିପ୍ରକାଶ ପଟ୍ଟନାୟକ। ଏ ସମ୍ପର୍କରେ ପରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପଚାରିବାରେ ଆମେ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀଙ୍କୁ ଅନେକ ଥର ଲେଖିବା ସତ୍ତ୍ୱେ ସେଠାରୁ କ୍ଲିୟରାନ୍ସ ମିଳୁନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନାଟକ ପ୍ରତିଯୋଗିତାରେ ଛାତ୍ରଙ୍କ କୃତିତ୍ୱ



**ଧର୍ମଶାଳା,୮।୪(ଡି.ଏନ.ଏ.):** ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଧର୍ମଶାଳା ଅଞ୍ଚଳର ଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ୧୫ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲେ। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଧର୍ମଶାଳା ଅଞ୍ଚଳର ଛାତ୍ର ସୁଜିତ୍ କଶ୍ୟପଙ୍କ ନେତୃତ୍ୱରେ ୪ ଜଣିଆ ଦଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ ଦଳ ଦୁର୍ନୀତି ଉପରେ ଆଧାରିତ ନାଟକ 'ଦୋଷୀ କିଏ' ପରିବେଷଣ କରି ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏହି ଦଳ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଟ୍ରଫି ଓ ନଗଦ ୩୦ ହଜାର ଟଙ୍କା ଗ୍ରହଣ କରିଛି। ସୂଚନାଥାଉକି, ଛାତ୍ର ଅବସ୍ଥାରୁ ସୁଜିତ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଅଭିନୟ, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ସିଂହପୁର,୮।୪(ଡି.ଏନ.ଏ.):** ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ସଭାପତିତ୍ୱରେ ପ୍ରାଧାପକ ସୁବୋଧ ନାୟକ, କୃଷ୍ଣଚନ୍ଦ୍ର ସାମଲ, ଅଧାପିକା ରୂପାଲୀ ମହାରଣା ଓ ପ୍ରଶିକ୍ଷିକା ସରସ୍ୱତୀ ପତି ପ୍ରମୁଖ ଯୋଗଦେଇ ଶିବିର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାଧାପକ ମୀନକେତନ ତ୍ରିପାଠୀ, ଉପେନ୍ଦ୍ର ସାମଲ, ଆଶିଷ ଦାସ ଓ ଅଧାପିକା ଶର୍ମିଷ୍ଠା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



**ବରୀ,୮।୪(ଡି.ଏନ.ଏ.):** ବରୀ ରାମଚନ୍ଦ୍ରପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ମନୋଜ କୁମାର ସ୍ୱାଇଁ ଯୋଗଦେଇଛନ୍ତି। ଏଠାରେ ଥିବା ଅଧିକାରୀ କାବୁଲି ବାରିକଙ୍କୁ ସୁକିନ୍ଦା ଥାନାକୁ ବଦଳି କରାଯାଇଛି। ଅଧିକାରୀ ସ୍ୱାଇଁ ଯୋଗଦେବା ପରେ ଆଗାମୀ ଦିନରେ ବରୀ ଥାନା ଅଧୀନରେ ଆଇନଶୃଙ୍ଖଳା ରକ୍ଷା କରିବା ଏବଂ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ସ୍ୱାଇଁ ଏଠାରେ ଯୋଗଦେବା ପୂର୍ବରୁ କୁଆଖିଆ ଥାନାରେ କାର୍ଯ୍ୟରତ ଥିଲେ।

# ଶୁଖୁଆପଡ଼ା ବଦଳରେ କେଶରାଇପୁର

**ଚଣ୍ଡିଖୋଲ, ୮।୪(ଡି.ଏନ୍.ଏ)**

## ଖଣ୍ଡୋଲାଇଟ୍ ପଥର ଖଣି ଖନନରେ ଚଞ୍ଚକତା



କେଶରାଇ ଖଣ୍ଡୋଲାଇଟ୍ ପଥର ଖଣି।

ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ଉନ୍ନତୀକରଣ ନିମନ୍ତେ ଖଣ୍ଡୋଲାଇଟ୍ ପଥର ଆବଶ୍ୟକ କରୁଥିବାରୁ ଏଥିପାଇଁ ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପାରାଭାଡ଼ି ବୌଦ୍ଧସ୍ତୂପ ପାହାଡ଼ରୁ ଖନନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ଶୁଖୁଆପଡ଼ାରୁ ଖନନ କରାଯିବ ବୋଲି ଗତ ଡିସେମ୍ବର ୧୫ରେ ପଲାଇଠାରେ ଜନଶୁଣାଣି ହୋଇଥିଲା। ଏଥିରେ ବନ୍ଦରେଶ୍ୱର ରାଜସ୍ୱ ଗ୍ରାମର ଶୁଖୁଆପଡ଼ା ପାହାଡ଼ରୁ ୪୬.୧୫୯ହେକ୍ଟର ପରିମିତ ଖଣ୍ଡୋଲାଇଟ୍ ପଥର ଖଣି ଖୋଲାଯିବା ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଖନନ ହେବାକୁ ଥିବା ଅଞ୍ଚଳରେ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ରହିଛି। ତେଣୁ 'ବୁଦ୍ଧାୟନ' ଓ ନିକଟସ୍ଥ ଶୁଖୁଆପଡ଼ା ଗ୍ରାମବାସୀ ଖଣିଖନନକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଏହାପରେ ଓଡ଼ିଶା ଖଣିନିଗମ ପକ୍ଷରୁ ଚଞ୍ଚକତା କରାଯାଇ ଶୁଖୁଆପଡ଼ା ବଦଳରେ କେଶରାଇପୁର ରାଜସ୍ୱ ଗ୍ରାମରୁ ଖଣି ଖନନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସେଥିପାଇଁ କେଶରାଇପୁର ମୌଜାରେ ପାହାଡ଼ ପାଦଦେଶରେ ନିଗମ ତରଫରୁ ମେଶିନ୍ ବସିସାରିଲାଣି। ଏହି ଖନନକୁ କେଶରାଇପୁର ଗ୍ରାମବାସୀ ବିରୋଧ କରି ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଥାଉ କି ପାରାଭାଡ଼ି ପାହାଡ଼ଟି ୩ ରାଜସ୍ୱ ଗ୍ରାମ ମଧ୍ୟରେ ଅବସ୍ଥିତ। ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ କେଶରାଇପୁର ଓ ବନ୍ଦରେଶ୍ୱର ଗ୍ରାମ ଥିବାବେଳେ ଏହି ପାହାଡ଼ର ଅନ୍ୟ ଏକ ଅଂଶ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ମୌଜାରେ ରହିଅଛି। ପାହାଡ଼ର ଶିଖର ଦେଶରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ବୌଦ୍ଧସ୍ତୂପ ପାରାଭାଡ଼ି ରହିଥିବା ବେଳେ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ରହିଛି। ପ୍ରାଚୀନ ବୌଦ୍ଧ ତାରା ମୂର୍ତ୍ତିକୁ ସ୍ଥାନୀୟ ଅଧିବାସୀ 'ଘଣ୍ଟିଆଶୁଣୀ' ନାମରେ ଠାକୁରାଣୀ ଭାବେ ପୂଜା କରୁଛନ୍ତି। ପାହାଡ଼ର ପାଦଦେଶରେ ଅଷ୍ଟାଦଶ ଶତାବ୍ଦୀର ପ୍ରାଚୀନ ଲଙ୍ଗୁଳିମଠ ରହିଛି। ୨୦୦୫ରେ ଦର୍ପଣ ତହସିଲ ତରଫରୁ ଏହି ପାହାଡ଼କୁ ଖନନ କରାଯିବାକୁ ଲିଜ୍ ଦିଆଯିବାରୁ ବୌଦ୍ଧ କୀର୍ତ୍ତିରାଜି ସୁରକ୍ଷାରେ ଥିବା ସଂସ୍ଥା 'ବୁଦ୍ଧାୟନ' ତରଫରୁ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହାକୁ ନେଇ ଯାଜପୁରର ତତ୍କାଳୀନ ଜିଲାପାଳ ଶାଶ୍ୱତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ପାହାଡ଼ର ଅନୁଧ୍ୟାନ କରିଥିଲେ। ଏଥିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ), ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। ପାହାଡ଼କୁ ଅନୁଧ୍ୟାନ କଲାପରେ କମିଟି ତରଫରୁ ସୂଚନା ଦିଆଯାଇଥିଲା ଯେ, ପାହାଡ଼ ଉପରି ଭାଗରେ ବୌଦ୍ଧସ୍ତୂପ ପାରାଭାଡ଼ି ରହିଥିଲାବେଳେ ଏହାର ଉତ୍ତର ପାର୍ଶ୍ୱରେ କେଶରାଇପୁର ମୌଜାରେ ବୌଦ୍ଧ କୀର୍ତ୍ତିରାଜି ହାତିଖାଲ ରହିଛି। ତେଣୁ ଏହି ପରିଧିକୁ ମାପିବା ପରେ ପାହାଡ଼ ଖନନ ସମ୍ଭବ ନୁହେଁ ବୋଲି ସେମାନେ ଜଣାଇଥିଲେ। ଯଦ୍ୱାରା ସେତେବେଳେ ଲିଜ୍ ଦିଆଯାଇଥିବା ଅଂଶକୁ ବାତିଲ କରାଯାଇଥିଲା। ଏବେ ପୁନର୍ବାର ଏହି ପାହାଡ଼ର କେଶରାଇପୁର ମୌଜାରୁ ୪୬.୧୫୯ହେକ୍ଟର ଲିଜ୍ ପ୍ରଦାନ କରାଯାଇଥିବାବେଳେ ବନ୍ଦରେଶ୍ୱର ରାଜସ୍ୱ ଗ୍ରାମର ଶୁଖୁଆପଡ଼ା ଅଞ୍ଚଳରୁ ଏ୧.୪୨ଡିସିମିଲ ଲିଜ୍ ପ୍ରଦାନ କରାଯାଇଛି। ଓଏମ୍‌ସି ତରଫରୁ ଏହାକୁ ଚଞ୍ଚକତା କରାଯାଇ ଶୁଖୁଆପଡ଼ା ଅଞ୍ଚଳରୁ ଖନନ କରାଯିବା କଥା କୁହାଯାଉଥିବାବେଳେ ସେଠାରୁ ଖନନ ନ କରି ଏବେ କେଶରାଇପୁର ମୌଜାରୁ ଖନନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଗତ ସୋମବାର ବନ୍ଦ କରିବାକୁ ଯାଜପୁର ଜିଲାପାଳଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଓଏମ୍‌ସିର ଖଣ୍ଡୋଲାଇଟ୍ ଖଣି ପରିଚାଳକ ଗଙ୍ଗାଧର ନାୟକଙ୍କୁ ପଚାରିବାରେ ସେ କୁହନ୍ତି ଯେ, ବର୍ତ୍ତମାନ କେଶରାଇପୁର ଅଞ୍ଚଳରୁ ଖୋଳା ଯାଉଛି, ପରବର୍ତ୍ତୀ ସମୟରେ ଶୁଖୁଆପଡ଼ା ଅଞ୍ଚଳରୁ ଖନନ କରାଯିବ।

### ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ ଅଭିଯୋଗ

**କଳିଙ୍ଗନଗର,୮।୪(ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ଦଲା ଛକଠାରେ ଥିବା ଏକ ଗ୍ୟାରେଜ୍ ସମ୍ମୁଖରୁ ଶୁକ୍ରବାର ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଯଖପୁରା ଥାନା ପଙ୍କପାଳ ଗ୍ରାମର ସଚ୍ଚିଦାନନ୍ଦ ସୁନ୍ଦରାୟ ନିଜ ବୋଲେରୋ ଗାଡ଼ି ଦଲା ଛକଠାରେ ଥିବା ଏକ ଗ୍ୟାରେଜ୍‌ରେ ମରାମତି କରାଉଥିଲେ। ମରାମତି ପରେ ସେ ସେଠାରେ ଥିବା ନିଜ ବାଇକ୍ ପାଖକୁ ଯାଇ ଦେଖନ୍ତି ଯେ କେହି ଦୁର୍ବୃତ୍ତ ତାଙ୍କ ବାଇକ ଡିକି ଭାଙ୍ଗି ସେଥିରେ ଥିବା ୬୮ହଜାର ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତତ୍ପରତା ପ୍ରକାଶ କରିଛି। ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଏକ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ସୁନ୍ଦରାୟ ଟଙ୍କା ଉଠାଣ କରିଥିବା ସ୍ଥାନ ଷ୍ଟେଟବ୍ୟାଙ୍କ ଯାଜପୁର ରୋଡ ମୁଖ୍ୟ ଶାଖା ଏବଂ ଗ୍ୟାରେଜ ନିକଟବର୍ତ୍ତୀ ସ୍ଥାନରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ କାବୁ କରାଯିବ ବୋଲି ଥାନାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଭଙ୍ଗାକୁଡ଼ିଆରେ ବିତୁଛି ଜୀବନ

## ଆବାସ ଯୋଜନା ସାତସପନ



ଆବାସ ଯୋଜନାରୁ ବଞ୍ଚିତ ପରିବାର।

**ବ୍ରହ୍ମବରଦା,୮।୪(ଡି.ଏନ.ଏ)**

ଯାଜପୁର ଜିଲା ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ବଉଳାଘାଇ ଦାଣ୍ଡିସାହି ୨ ନଂ. ୱାର୍ଡରେ ବାସ କରୁଥିବା ସମଲାତୁନ ବିବିଙ୍କ ପରିବାରକୁ ସରକାରୀ ଆବାସ ଯୋଜନାରେ ଘରଟିଏ ମିଳି ପାରିନାହିଁ। ୨୦୨୦ ବନ୍ୟାରେ ତାଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେଦିନଠାରୁ ଭଙ୍ଗାଘରେ ଜରିପାଲ ପକାଇ ପରିବାରବର୍ଗ ବହୁ କଷ୍ଟରେ ଜୀବନ କାଟୁଛନ୍ତି । ସ୍ୱାମୀ ଅଜମତ ଦୀର୍ଘଦିନ ହେବ ବାହାର ରାଜ୍ୟରେ କାମ କରୁଥିଲେ। କିନ୍ତୁ କରୋନା ମହାମାରି ସମୟରେ ବାହାର ରାଜ୍ୟରୁ ଫେରିବା ପରେ ଗ୍ରାମରେ ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ୬ପ୍ରାଣୀ କୁଟୁମ୍ବ ଚଳନ୍ତି । ୪ ପିଲାଙ୍କୁ ପାଠ ପଢାନ୍ତି। ସବୁଦିନ କାମ ନ ମିଳିବାରୁ ଘରଟିଏ କରିବା ପାଇଁ ସମ୍ବଳ ଯୋଗାଡ଼ ହୋଇପାରୁନାହିଁ। ଘର ଛାଇବା ପାଇଁ ପଇସା ମଧ୍ୟ ନାହିଁ। ପିଲାଙ୍କୁ ପାଠ ପଢାଇବା ମଧ୍ୟ ବାଧା ଉପୁଜୁଛି। ପଡିଶାଙ୍କ ସାହାଯ୍ୟରେ ତାଙ୍କ ଘରଟିକୁ ମରାମତି କରିଛନ୍ତି। ସରକାରଙ୍କ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ସମଲାତୁନ ବିବିଙ୍କ ପରିବାର ଅନେକ ଥର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ଅଧିକାରୀଙ୍କ ପାଖରେ କାକୁତି ମିନତି ହୋଇ ନିଜ ଅସହାୟତା ପ୍ରକାଶ କଲେ ସୁଦ୍ଧା କେହି ଶୁଣୁନାହାନ୍ତି। ସରକାରୀ ଯୋଜନା କହିଲେ ରାଶନ କାର୍ଡ଼ରେ ୩୦କିଗ୍ରା ଚାଉଳ ଛଡ଼ା ଅନ୍ୟ କିଛି ନାହିଁ । ଏହି ଅସହାୟ ପରିବାରକୁ କିଛି ସରକାରୀ ସହାୟତା ମିଳିଲେ ସେମାନେ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି।

### ବ୍ୟବସାୟୀଙ୍କ ବିୟୋଗରେ ସିଂହପୁର ବଜାର ବନ୍ଦ

**ସିଂହପୁର,୮।୪(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବ୍ୟବସାୟୀ ଶ୍ରୀନିବାସ ସାହୁ(୫୬)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା ସିଂହପୁର ବଜାରରେ ମିଠା ବ୍ୟବସାୟ କରୁଥିଲେ। ତାଙ୍କ ବିୟୋଗରେ ବ୍ୟବସାୟୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସମ୍ମାନାର୍ଥେ ଶୁକ୍ରବାର ବଜାରର ସମସ୍ତ ଦୋକାନ ବନ୍ଦ ରଖାଯାଇଛି। ସାହୁଙ୍କ ବିୟୋଗରେ ବ୍ୟବସାୟୀ ଅଞ୍ଜନ ମିଶ୍ର, ରବୀନ୍ଦ୍ର ଧଳ, ଅନିରୁଦ୍ଧ ବେଉରିଆ, ମଳୟ ଥାଟୋଇ, ନିରଞ୍ଜନ ବେଉରିଆ, ସୁରେନ୍ଦ୍ର ଧଳ, ନିଳକ ସାହୁ, ନିରଞ୍ଜନ ସାହୁ ପରମାନନ୍ଦ ରାଉତ, ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଜରି ସରପଞ୍ଚ ନନ୍ଦକିଶୋର ମଳିକଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ଶୋକବ୍ୟକ୍ତ କରିଛନ୍ତି।

## ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣରେ ଅନିୟମିତତା




ଅଶୋକ ଦାଶ ବିଦ୍ୟାପୀଠ ।

**ରଗଡି,୮।୪(ଡି.ଏନ.ଏ.)**

କୋରେଇ ବ୍ଲକରେ ଓଡିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରୁ ଖର୍ଚ୍ଚ ହେଉଥିବା ମୋ ସ୍କୁଲ ଅଭିଯାନରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ବ୍ଲକର ୮ଟି ସ୍କୁଲକୁ ସ୍ମାର୍ଟ କ୍ଲାସ ରୁମରେ ରୂପାନ୍ତିକରଣ ପାଇଁ ଓଏମ୍‌ବିଏଡିସି ପାଣ୍ଠିରୁ ୬୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ବରାଦ ହୋଇଥିଲା। ଏଥିପାଇଁ ଟେଣ୍ଡର ନ କରି ନେତାଙ୍କ ଚିଠାରେ କାମ ଦିଆଯାଇଛି। ତେବେ ଅଟକଳ ବାହାରେ ଯେନତେନ ପ୍ରକାର କାମ କରି ଅର୍ଥ ହରିଲୁଟ କରିବାକୁ ବନ୍ଦୋବସ୍ତ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକ କନ୍ତୋର ପଞ୍ଚାୟତ ଅଶୋକ ଦାସ ବିଦ୍ୟାପୀଠରେ ସ୍ମାର୍ଟ ସ୍କୁଲ ଯୋଜନା ଏହାର ଉଦାହରଣ ହୋଇଛି। ସ୍ମାର୍ଟ ସ୍କୁଲର ଏଷ୍ଟିମେଟ ଓ ନିୟମ ଅନୁଯାୟୀ ସ୍କୁଲରେ ଠିକାଦାର କୌଣସି ଆଖିଦୃଶିଆ କାମ ନ କରି ଅର୍ଥ ଆତ୍ମସାତ୍ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ଶେଷ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ଥିଲା। ହେଲେ ଏଯାବତ ମାତ୍ର ୨୫ ପ୍ରତିଶତ କାମ ହୋଇ ନ ଥିବା ଅଞ୍ଚଳବାସୀ କହିଛନ୍ତି। ୧୦ ଲକ୍ଷ ଟଙ୍କାର ଫର୍ନିଚର କିଣିବାକୁ ନିର୍ଦ୍ଦେଶ ଥିବାବେଳେ ଅଳ୍ପ କିଛି ଫର୍ନିଚର କିଣାଯାଇଛି। ଏହାସହ ପୁରୁଣା କାନ୍ଥରେ ଚୂନ ମାରି ସ୍ମାର୍ଟ କ୍ଲାସ୍‌ରୁମ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ସେହିପରି ଏଷ୍ଟିମେଟ ଅନୁସାରେ ଇ-ଲାଇବ୍ରେରୀ, ସାଇନ୍ସ ଲାବରେଟୋରୀ, ପାନୀୟଜଳ ସୁବିଧା, ଖେଳ ସାମଗ୍ରୀ, ବଗିଚା, ପରିଶ୍ରାଗାର, ଖେଳପଡିଆ ଉନ୍ନତିକରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଅନୁଦାନର ସିଂହଭାଗ ଅର୍ଥ ଚଳୁ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ କନ୍ତୋର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୧୪ରୁ ନାରାୟଣ ଗୋସାଇଁଙ୍କ ସ୍ଥଳ ବିଜେ ଯାତ୍ରା

**ରସୁଲପୁର,୮।୪(ଡି.ଏନ.ଏ.)**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ରସୁଲପୁର ବ୍ଲକ ସିଂହାପୁରସ୍ଥିତ ଐତିହାସିକ ପ୍ରଭୁ ନାରାୟଣ ଗୋସାଇଁଙ୍କ ସ୍ଥଳ ବିଜେ ଯାତ୍ରା(ସିଂହାପୁର ଯାତ୍ରା) ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ତିଥିରୁ ଆରମ୍ଭ ହେବ। ଉକ୍ତ ଯାତ୍ରା ୩ ଦିନ ଧରି ଅନୁଷ୍ଠିତ ହେବ। ଶୁକ୍ରବାର ଯାତ୍ରା ପରିଚାଳନା କମିଟି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏହି ସୂଚନା ଦିଆଯାଇଛି। ଏହି ଅବସରରେ ଜଳଶାୟୀ ପ୍ରଭୁ ନାରାୟଣ ଗୋସାଇଁଙ୍କ ପାରମ୍ପରିକ ସ୍ଥଳାସନ ବିଜେ ଯାତ୍ରା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ।

ଯାତ୍ରାସ୍ଥଳରେ ଆଇନ ଶୃଙ୍ଖଳା ପରିସ୍ଥିତି, ଶୃଙ୍ଖଳିତ ଦର୍ଶନ, ମନ୍ଦିର ବେଢ଼ାରେ ଭୋଗଦୋକାନ ଆଦିକୁ ସୁପରିଚାଳନା ଦିଗରେ ଯାତ୍ରା କମିଟି ସଭାପତି ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ, ମଧୁପୁରଗଡ଼ ରାଜାଙ୍କ ରାଜପରିବାର ସଦସ୍ୟ, ଜିଲା ଓ ବ୍ଲକ ପ୍ରଶାସନ, ପୋଲିସ, ଅଗ୍ନିଶମ ବିଭାଗ, ସର୍ବୋପରି ପ୍ରଚାର ଓ ପ୍ରସାର ଆଦି କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଛନ୍ତି ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମପ୍ରସାଦ ରଥ, ସାଧାରଣ ସମ୍ପାଦକ ଗିରିଜା ଶଙ୍କର ନାୟକ, କୋଷାଧ୍ୟକ୍ଷ ଶାରଦା ପ୍ରସନ୍ନ ପ୍ରଧାନ ଓ ସହସମ୍ପାଦକ ସୁଧାଂଶୁ ଶେଖର ସାମଲ। ଏଥିସହିତ ଉକ୍ତ ଖବରଦାତା ସମ୍ମିଳନୀରେ ଯାତ୍ରା କମିଟି ସହ ଜଡ଼ିତ ସିଂହାପୁର, ଓଡ଼ିଶୋ, କଳଣ, ବାରବାଟୀ ଆଦି ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧି ଯୋଗଦେଇ ଯାତ୍ରାକୁ ଶୃଙ୍ଖଳିତ କରିବା ସହ ବାରବାଟୀ, ମଧୁବନ, କଳଣ, ଚନ୍ଦନେଶ୍ୱର ପୀଠ ପଟୁ ଯାତ୍ରାସ୍ଥଳକୁ ଲମ୍ବିଥିବା ପ୍ରମୁଖ ଗମନାଗମନ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ କୁହାଯାଇଛି। ଏଥର ଅଧିକ ଭକ୍ତଙ୍କ ସମାଗମ ହେବ ବୋଲି କମିଟି ଆକଳନ କରିଛି। ତେଣୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ କମିଟି ଓ ଜନପ୍ରତିନିଧି ଗୁରୁତ୍ୱାରୋପ କରିଛନ୍ତି।

### ୧୮ରେ ସ୍ୱାସ୍ଥ୍ୟ ଶିବିର

**ଦଶରଥପୁର,୮।୪(ଡିଏନ୍ଏ):** ମାଗଣା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଇ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଲାଗି ଦଶରଥପୁର ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ଶୁକ୍ରବାର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ (ମେଡିକାଲ୍ ଅଫିସର ଇନ୍-ଚାର୍ଜ)ଡାକ୍ତର ବିନ୍ଦୁ ସାଗର ସାମଲଙ୍କ ସହ ସାକ୍ଷାତକରି ଆଲୋଚନା କରିଛନ୍ତି। ତେବେ ଏହି ବ୍ଲକ୍ ଦୁଦୁରାଅନ୍ତା ପଞ୍ଚାୟତ ଗୁଡିଆପାଟଣା ଗ୍ରାମର ଗୁଡିଆପାଟଣା ବିଦ୍ୟାଳୟଠାରେ ଆସନ୍ତା ୧୮ ତାରିଖରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ଶିବିରକୁ ଜିଲା ଓ ଜିଲା ବାହାରୁ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଡାକ୍ତର ଯୋଗ ଦେବେବୋଲି ଡାକ୍ତର ସାମଲ ସୂଚନା ଦେଇଛନ୍ତି। ଶିବିରକୁ ଆସିବାକୁଥିବା ରୋଗୀଙ୍କୁ ଔଷଧ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଆଲୋଚନାରେ ଡାକ୍ତର ସାମଲଙ୍କ ଫାର୍ମାସିଷ୍ଟ ବିଜ୍ଞାନ ରାୟ, ପିଏଚ୍‌ଇଓ ବନିତା ଦାସ, ବଳରାମ ମଲ୍ଲିକ, ପ୍ରଭାତ ମହାନ୍ତି ଓ ଶିବ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ନବ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**କାଳିଆପାଣି,୮।୪(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅଧୀନ ୭ ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧିଙ୍କୁ ବେଦାନ୍ତ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାଠପାଳସ୍ଥିତ କମ୍ପାନୀ ଅତିଥି ଭବନରେ ଅନୁଷ୍ଠିତ ଉତ୍ସବରେ ଖଣି ମହାପ୍ରବନ୍ଧକ ଅଜୟ ପାତ୍ର ଅଧ୍ୟକ୍ଷତା କରିଥିଲେ। ଖଣି ମୁଖ୍ୟ ଇଂ. ମୁଥୁରମଣ ଏମ୍ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଅଞ୍ଚଳର ବିକାଶ ପାଇଁ କମ୍ପାନୀ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣି ଅଞ୍ଚଳରେ ନୂତନ ଭାବେ କାର୍ଯ୍ୟ ଆରମ୍ଭ କରୁଥିବା ବେଦାନ୍ତକୁ ପୂର୍ଣ୍ଣ ସହଯୋଗ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟ ଜେମା ଚାଖି, ପୂର୍ବତନ ଅଧ୍ୟକ୍ଷ ଭଗବତୀ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମ୍ପାନୀ ପକ୍ଷରୁ ସମସ୍ତ ସରପଞ୍ଚ, ସମିତିସଭ୍ୟ ଜିଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଦକ୍ଷା ଓ ଶ୍ରମିକ ସଂଘ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। କମ୍ପାନୀର ପ୍ରଶାସନିକ ମୁଖ୍ୟ ଅଶୋକ ସେଠୀ ଓ ଲୋକ ସମ୍ପର୍କ ଅଧିକାରୀ ସୁଶାନ୍ତ ସାହୁ ଏହାକୁ ପରିଚାଳନା କରିଥିଲେ।

# ଧର୍ମଶାଳା ରଜ କୁଇନ୍ ଆବେଦନପତ୍ର ଉନ୍ମୋଚିତ

**ଧର୍ମଶାଳା,୮।୪(ଡି.ଏନ.ଏ.):**



ଧର୍ମଶାଳା ରଜ କୁଇନ ଆବେଦନ ପତ୍ର ଉନ୍ମୋଚନ କରାଯାଉଛି।

ଚଳିତ ବର୍ଷ ଧର୍ମଶାଳା ରଜ କୁଇନ୍ ପ୍ରତିଯୋଗିତା ଆୟୋଜିତ ହେବ। ଏ ନେଇ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଗର୍ଲସ୍ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ରଜ କୁଇନ୍-୨୦୨୨ ଆବେଦନପତ୍ର ଉନ୍ମୋଚନ କରାଯାଇଛି। କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗର୍ଲସ ଉଇଙ୍ଗ କର୍ମକର୍ତ୍ତା ଯୋଗଦେଇଥିଲେ। ତା୮।୪।୨୦୨୨ରୁ ୨୫।୪।୨୦୨୨ ପର୍ଯ୍ୟନ୍ତ ଆବେଦନପତ୍ର ଧର୍ମଶାଳା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ସରପଞ୍ଚ ଏବଂ ଗର୍ଲସ୍ ଉଇଙ୍ଗ ସଭାନେତ୍ରୀଙ୍କ ନିକଟରେ ଉପଲବ୍ଧ ହେବ। ସମସ୍ତ ପ୍ରତିଭାଙ୍କ ବୟସ ସୀମା ୧୬ରୁ ୩୦ ମଧ୍ୟରେ ହୋଇଥିବ ଏବଂ ସମସ୍ତ ପ୍ରତିଭା ଧର୍ମଶାଳା ନିର୍ବାଚନମଣ୍ଡଳୀର ହୋଇଥିବେ। ପ୍ରତି ପଞ୍ଚାୟତର ପ୍ରତିଭାମାନେ ଆବେଦନପତ୍ର ଗ୍ରହଣ କରି ଏପ୍ରିଲ୍ ୨୫ ତାରିଖ ସୁଦ୍ଧା ନିଜ ପଞ୍ଚାୟତର ସରପଞ୍ଚ କିମ୍ବା ଗର୍ଲସ ଉଇଙ୍ଗ୍ ସଭାନେତ୍ରୀଙ୍କ ନିକଟରେ ଦାଖଲ କରିବାକୁ ଫାଉଣ୍ଡେଶନ ପକ୍ଷରୁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଧର୍ମଶାଳାର ଝିଅମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ଜିଲା, ରାଜ୍ୟ ଏବଂ ଦେଶରେ ପ୍ରତିଷ୍ଠିତ କରିବା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଗର୍ଲସ୍ ଉଇଙ୍ଗର ସମସ୍ତ ବ୍ଲକ କର୍ମକର୍ତ୍ତା, ଜୋନ୍ ସଭାନେତ୍ରୀ, ପଞ୍ଚାୟତ ସଭାନେତ୍ରୀ ଓ ଡିଜିଟାଲ ସେକ୍ରେଟାରି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୋଚର ଜମିରେ ଫରେଷ୍ଟ କ୍ୱାର୍ଟର୍ସ ନିର୍ମାଣ

**ରଗଡି,୮।୪(ଡି.ଏନ.ଏ.)**



ଫରେଷ୍ଟ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି।

କଟକ ବନଖଣ୍ଡ ଯାଜପୁର ରୋଡ୍ ରେଞ୍ଜ ପଛିକୋଟ ଡିପିଏଫ ଅଧୀନ ରଗଡ଼ି ବିଟ୍ ନିକଟରେ ସଂରକ୍ଷିତ ଗୋଚର ଜମି(ଖାତା ନଂ. ୩୯୩ ପ୍ଲଟ ସଂଖ୍ୟା ୧୭୬୬)ରେ ଏକ ଫରେଷ୍ଟ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି। ଏହି ବେଆଇନ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ରାଜସ୍ୱ ବିଭାଗ ନିକଟରେ ଖବର ନାହିଁ

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ପଛିକୋଟ ଡିପିଏଫ୍ ଅଧୀନରେ ୭୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ରହିଥିବା ବେଳେ ସେଥିରୁ ପ୍ରାୟ ୩୦% ଜମିକୁ କିଛି ଗୋଷ୍ଠୀ ଜବରଦଖଲ କରି ନେଲେଣି। ତାହାକୁ ଉଚ୍ଛେଦ କରିବାକୁ ବନବିଭାଗ ସାହସ ଜୁଟାଇ ପାରୁନାହିଁ। ଏଭଳିସ୍ଥଳେ ରଗଡି ଛକ ନିକଟରେ ଥିବା ବିଟ୍ ହାଉସ୍‌ଟି ସମ୍ପୂର୍ଣ୍ଣ ଗୋଚର ଜମିରେ ଅସ୍ଥାୟୀ ଭାବେ ଚାଲିଆସୁଛି। ତାହାକୁ ବନବିଭାଗ ନିଜ ହାତକୁ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହିଁ। କିନ୍ତୁ ଏବେ ସେହି ଗୋଚର ଜମିରେ କିପରି ଜଣେ ଠିକାଦାର ବ୍ୟାସନଗର ତହସିଲ ଅଫିସ୍ ଅଗୋଚରରେ ଫରେଷ୍ଟ କ୍ୱାର୍ଟର୍ସ ନିର୍ମାଣ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ଜମି ଛାଡି ସଂରକ୍ଷିତ ଗୋଚର ଜମିରେ ବନବିଭାଗ ଜବରଦସ୍ତ କିଭଳି ଏହି ଅଟ୍ଟାଳିକା ନିର୍ମାଣ କରୁଛି ତାହାକୁ ନେଇ ଖୁବ୍‌ଶୀଘ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରଗଡ଼ି ଅଞ୍ଚଳର କେତେଜଣ ସଚେତନ ନାଗରିକ କହିଛନ୍ତି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କୁ ପଚାରିବାରୁ ଏନେଇ କୌଣସି ଖବର ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଯାଜପୁର ରୋଡ୍ ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ପୂର୍ବରୁ ଅନୁମତି ମିଳିଥିଲା। ଏବେ ସେମିତି କିଛି ଅନୁମତି ନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

# ମହୁ ପାଇଁ ଜଙ୍ଗଲ ଜଳୁଛି

**କେନ୍ଦ୍ରାପଡ଼ା ଅଫିସ, ୮।୪**


ନିଆଁ ହୁଳା ଦେଖାଇ ମହୁ ସଂଗ୍ରହ କରାଯାଉଛି।

- ଭିତରକନିକା ମହୁ ଉପରେ ବେପାରୀଙ୍କ ଆଖି
- ବର୍ଷକୁ ୪୮୦ କୁଇଣ୍ଟାଲରୁ ଅଧିକ ହେଉଛି ସଂଗ୍ରହ
- ତାଲିମରେ ୫ ହଜାରରୁ ଊର୍ଦ୍ଧ୍ୱ ହେବେ ଆତ୍ମନିର୍ଭର

ଜାତୀୟ ଉଦ୍ୟାନ ଭିତରକନିକାରେ ଗତ ୪ ବର୍ଷ ମଧ୍ୟରେ ୧୧ ସ୍ଥାନରେ ନିଆଁ ଲାଗିଛି। ନିଆଁ ଲିଭିବା ପୂର୍ବରୁ ଏକର ଏକର କାଜୁ, ହେନ୍ତାଳ ଜଙ୍ଗଲ ଜଳିଯାଉଛି। ନିଆଁ ଲାଗିବାର କାରଣ ସମ୍ପର୍କରେ ଅନୁସନ୍ଧାନ ବେଳେ ମହୁ ପାଇଁ ଜଙ୍ଗଲରେ ନିଆଁ ଲାଗୁଛି ବୋଲି ଜଣାପଡିଛି। ବେପାରୀମାନେ ମହୁ ସଂଗ୍ରହ ପାଇଁ ନିଆଁହୁଳା ବ୍ୟବହାର କରୁଛନ୍ତି। ମହୁ ସଂଗ୍ରହ ପରେ ଜଙ୍ଗଲରେ ଉକ୍ତ ନିଆଁ ହୁଳାର ଅବଶେଷକୁ ଛାଡି ପଳାଇ ଆସୁଛନ୍ତି। ଜଙ୍ଗଲରେ ପବନ ବୋହିବା ପରେ ଉକ୍ତ ଅବଶେଷ କୁହୁଳି ନିଆଁ ଜଙ୍ଗଲରେ ଲାଗୁଛି। ଜଙ୍ଗଲରୁ ଝୋଟ ଅଖା, ଦିଆସିଲି ଆଦି ଦେଖିବାକୁ ମିଳୁଛି। ମହୁ ବେପାରୀଙ୍କ ଆଖି ଏବେ ଭିତରକନିକା ଜଙ୍ଗଲ ଉପରେ ପଡିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ସେକ୍ ଚାନ୍ଦ ପ୍ରମୁଖ କହିଛନ୍ତି, ୬୭୨ ବର୍ଗ କି.ମି. ଅଞ୍ଚଳ ଉପରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଜୈବବିବିଧତା ଏହାର ମୁଖ୍ୟ ଆକର୍ଷଣ। ୧୪୫ ବର୍ଗ କି.ମି. ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଅଛି। ଏହି ଅଞ୍ଚଳକୁ ସାଧାରଣ ଯାତାୟାତ ପାଇଁ ନିଷିଦ୍ଧ ହୋଇଥିବାରୁ ପ୍ରାକୃତିକ ବିଭବରେ ଭରି ରହିଛି। ବର୍ଷକୁ ଏଠାରୁ ୪୮୦ କୁଇଣ୍ଟାଲରୁ ଅଧିକ ମହୁ ସଂଗ୍ରହ ହୋଇଥିବା ରେକର୍ଡ ଅଛି। ଏହି ମହୁ ଏବେ ଜଙ୍ଗଲ ନଷ୍ଟର ଅନ୍ୟତମ କାରଣ ସାଜିଛି। ସ୍ଥାନୀୟ ଅଧିବାସୀ କଟକଣା ନ ମାନି ଜଙ୍ଗଲ ମଧ୍ୟରୁ ମହୁ ସଂଗ୍ରହ କରୁଛନ୍ତି। ମହୁ ସଂଗ୍ରହ ସମୟରେ ଲୋକେ ନିଆଁହୁଳା ବ୍ୟବହାର କରୁଛନ୍ତି। ହୁଳା ଧୂଆଁରେ ମହୁମାଛି ବାସସ୍ଥାନ ଛାଡି ପଳାଉଥିବା ବେଳେ ବେପାରୀମାନେ ବସାକୁ ଭାଙ୍ଗି ଆଣି ମହୁ ସଂଗ୍ରହ କରୁଛନ୍ତି। ବନ ବିଭାଗ ଅଜାଣତରେ ଚାଲୁଥିବା ଏହି କାର୍ଯ୍ୟ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରିଛି। ବେପାରୀ ଜଙ୍ଗଲରେ ଛାଡି ଆସୁଥିବା ନିଆଁହୁଳା ଜଙ୍ଗଲ ନଷ୍ଟ କରୁଛି। ବିଶେଷକରି ଏପ୍ରିଲ ଓ ମେ ମାସରେ ସ୍ଥାନୀୟ ଜଙ୍ଗଲରୁ ମହୁ ସଂଗ୍ରହ ହେଉଛି। ୨୦୧୮ ଏପ୍ରିଲରେ ଏପରି ଏକ ଘଟଣାରେ ବରୁଣେଇର ୪ ଏକର ଜଙ୍ଗଲ ପୋଡି ଯାଇଥିବା ଅନୁସନ୍ଧାନ ସମୟରେ ଜଣାପଡିଛି। ଏହି ଅଞ୍ଚଳ ଜନଶୂନ୍ୟ ହୋଇଥିଲେ ମଧ୍ୟ ଅନୁସନ୍ଧାନ ସମୟରେ ଦିଆସିଲି ଖୋଳ ଓ ଝୋଟ ଅଖା ପଡିଥିବା ଦେଖାଯାଇଥିଲା। ସେହିପରି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଗତ ଦୁଇଟି ବନ ଅଗ୍ନିକାଣ୍ଡ ମହୁ ସଂଗ୍ରହ ପାଇଁ ହୋଇଥିବା ସ୍ଥାନୀୟ ଲୋକେ ଆଲୋଚନା କରିଥିଲେ। ନିଆଁହୁଳା ଲଗାଇ ମହୁ ସଂଗ୍ରହ ଦ୍ୱାରା ଏଥିରେ ମହୁମାଛିଙ୍କ ସଂଖ୍ୟା କମୁଛି। ମହୁମାଛିଙ୍କ ସୁରକ୍ଷା ଓ ମହୁ ସଂଗ୍ରହ ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ହେବା ଆବଶ୍ୟକ। ଏହାଦ୍ୱାରା ଭିତରକନିକାର ଜଙ୍ଗଲୀ ମହୁ ବଜାରରେ ସୁଲଭ ମୂଲ୍ୟରେ ମିଳିପାରିବ। ବନ ବିଭାଗ ମଧ୍ୟ ଏଥିରୁ ଭଲ ରାଜସ୍ୱ ଆଦାୟ କରିପାରିବ। ପ୍ରାୟ ୫ ହଜାର ସ୍ଥାନୀୟ ଅଧିବାସୀ ଏଥିରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ରେଞ୍ଜ ଅଫିସର ସାହାଜି ଚରଣ ବିଶ୍ୱାଳଙ୍କୁ ପଚାରିବାରେ ନିଷିଦ୍ଧାଞ୍ଚଳରେ ମହୁ ସଂଗ୍ରହ ପାଇଁ ଅଦ୍ୟାବଧି କାହାରିକୁ ଅନୁମତି ଦିଆଯାଇନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ



**ରାଜନଗର, ୮।୪(ଡି.ଏନ.ଏ.) :** ଡାଙ୍ଗମାଳଠାରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ କମ୍ପାନୀ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାଙ୍ଗମାଳ ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ବନ କର୍ମଚାରୀ ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ବନ୍ୟଜନ୍ତୁ ପାଣି ଅନ୍ୱେଷଣରେ କିମ୍ବା ଅନ୍ୟ କୌଣସି କାରଣରୁ ଜଙ୍ଗଲ ବାହାରକୁ ଚାଲିଗଲେ, ସେମାନଙ୍କ ପ୍ରତି କ୍ରୁର ବ୍ୟବହାର ନ କରି ବନ ବିଭାଗକୁ ଖବର ଦେବା, ଜଙ୍ଗଲରେ ନିଆଁ ଲାଗିଲେ ସଙ୍ଗେ ସଙ୍ଗେ ବନ ବିଭାଗକୁ ଜଣାଇବା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନ କରିଥିଲେ। ସ୍ଥାନୀୟ ଅଧିବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ସେମାନେ ସହଯୋଗ କରୁଛନ୍ତି। ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାକୁ କହିଥିଲେ। ଲାଇଭହୁଡ ଯୋଜନାରେ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ରୋଜଗାର ଯୋଗାଇ ଦେବାକୁ ବନବିଭାଗ ପଦକ୍ଷେପ ନେଉଛି ବୋଲି ରେଞ୍ଜ ଅଫିସର ଦାସ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଗେଲ କମ୍ପାନୀର ରବି ଦାସ ପରିଚାଳନା କରିଥିଲେ।

### ୭୫ ଜଣଙ୍କ ଚକ୍ଷୁ ପରୀକ୍ଷା

**ରାଜନଗର, ୮।୪(ଡି.ଏନ.ଏ.) :** ରାଜନଗର ବ୍ଲକ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ଓ ହାତିନା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ପଣ୍ଡିତ ସନ୍ତୋଷ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡା. ମନୋରଞ୍ଜନ ବେହେରାଙ୍କ ନେତୃତ୍ୱରେ ୩ ଜଣିଆ ଡାକ୍ତରୀ ଟିମ୍ ୭୫ଜଣଙ୍କର ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଚଷମା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ଜେନା, ହାତିନା ସରପଞ୍ଚ ସମୀର ସେଠୀ, ସମିତିସଭ୍ୟା ଉତମା ସେଠୀ, କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନା, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ସଂସଦର ସମ୍ପାଦକ ସୁଶ୍ରୀକାନ୍ତ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟଙ୍କା ନେଇ ଧରାପଡ଼ିଲେ ଟ୍ରେଜେରି କିରାଣି


ସମର ହେମ୍ବ୍ରମ

**କେନ୍ଦ୍ରାପଡ଼ା ଅଫିସ, ୮।୪**

ଲାଞ୍ଚ ନେଉଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଟ୍ରେଜେରି ଅଫିସର କିରାଣି ସମର ହେମ୍ବ୍ରମ ଭିଜିଲାନ୍ସ ବିଭାଗ ହାତରେ ଶୁକ୍ରବାର ଧରାପଡିଛନ୍ତି। ପୂର୍ବତନ ଶିକ୍ଷୟିତ୍ରୀ ତୁଳସୀ ପଟ୍ଟନାୟକଙ୍କ ପେନସନ୍ ବିଲ୍ କରିବାକୁ ସେ ୫ ହଜାର ଟଙ୍କା ନେଉଥିଲେ। ସମରଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗର ନଂ. ୨୫/୨୨ରେ ମାମଲା ରୁଜୁ ହେବା ସହ ତାଙ୍କ ପୈତୃକ ଘର ମହାକାଳପଡ଼ା ଖରିନାସୀରେ ଅଧିକାରୀମାନେ ଖାନତଲାସ କରିଛନ୍ତି। ଏ ସମ୍ପର୍କରେ ତୁଳସୀଙ୍କ ସ୍ୱାମୀ ଭଞ୍ଜ କିଶୋର କହିଛନ୍ତି, ୨ ମାସ ହେଲା ସ୍ତ୍ରୀ ତୁଳସୀଙ୍କ ପେନସନ ପେପର ପ୍ରସ୍ତୁତ ପାଇଁ କିରାଣି ସମରଙ୍କ ନିକଟକୁ ବାରମ୍ବାର ଯାଇଛି। ସମର ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲି। ପୂର୍ବାହ୍ନରେ ଏହି ଟଙ୍କା ଦେଉଥିବା ସମୟରେ ସମରଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି।

## ଫୁଟବଲ ପ୍ରଶିକ୍ଷଣ ଶିବିର

**ଆଳି,୮।୪(ଡି.ଏନ.ଏ)**

ରାଜ୍ୟରେ ଫୁଟବଲର ଅନ୍ତୁଡ଼ିଶାଳ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ଆଳି ମିନି ଷ୍ଟାଡିଅମ ପରିସରରେ ଶୁକ୍ରବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଳି ଅଞ୍ଚଳର ମହିଳା ଫୁଟବଲର ଉନ୍ନତି ନିମନ୍ତେ ରିଲାୟନ୍ସ ଫାଉଣ୍ଡେଶନ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ଆଳିରୁ ଆହୁରି ଅଧିକ ସଂଖ୍ୟକ ମହିଳା ଫୁଟବଲ ଖେଳାଳି କିପରି ସୃଷ୍ଟି ହୋଇପାରିବେ ସେଥି ନିମନ୍ତେ ତୃଣମୂଳ ସ୍ତରରୁ ଏଭଳି ପ୍ରୟାସ କରାଯାଇଥିବା ଓଡ଼ିଶା ମହିଳା ଓ ଯୁବ ଫୁଟବଲର ମୁଖ୍ୟ ରଣଦୀପ ବରୁଆ ସୂଚନା ଦେଇଛନ୍ତି। ସେହିପରି ଫୁଟବଲ ଅପରେଶନ ଅଫିସର ବିଶେଷ କୁମାର ପଣ୍ଡା ଓ ଗ୍ରାସରୁଟ ମ୍ୟାନେଜର ଶୁଭମ ଦାସ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିର ଶେଷରେ ଆଥଲେଟିକ ଆସୋସିଏଶନ ସଭାପତି ତଥା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସହିତ ଆଳି ଅଞ୍ଚଳରେ କିପରି ଯୁବ ଓ ମହିଳା ଫୁଟବଲର ବିକାଶ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଶିବିରକୁ ମହିଳା ଫୁଟବଲ କୋଚ ସୁଶାନ୍ତ କୁମାର ମଲିକ, ସଦାନନ୍ଦ ସିଂ, ଭରତ ମଲିକ, ଶୁକଦେବ ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ।

# ରାସ୍ତା ସଫେଇ ଗାଡ଼ି ଚଳାଇବାକୁ ସମ୍ବଳ ନାହିଁ

**ପାରାଦୀପ,୮।୪(ସ୍ୱ.ପ୍ର.)**



ପୌର କାର୍ଯ୍ୟାଳୟ ଆଗରେ ଥୁଆ ହୋଇଥିବା ରାସ୍ତା ସଫେଇ ଗାଡି।

**ପାରାଦୀପ ପୌର ପରିଷଦ ଆଗରେ ଗାଡି ବର୍ଷେ ହେଲା ଥୁଆ ହୋଇଛି**

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳକୁ ସ୍ୱଚ୍ଛ ରଖିବାକୁ ରାସ୍ତା ସଫେଇ ଗାଡ଼ି ବର୍ଷେ ତଳେ କର୍ପୋରେଟ ସୋସିଆଲ ରେଶପନବିଲିଟ (ସିଏସ୍‌ଆର୍) ଫଣ୍ଡରୁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ପାରାଦୀପ ପୌର ପରିଷଦ ଗାଡି ଚଳାଇବାକୁ ସମ୍ବଳ ନ ଥିବାରୁ ଚଳାଇ ପାରୁନାହିଁ ବୋଲି ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ୮୫ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ସଫେଇ ଗାଡି ପୌର କାର୍ଯ୍ୟାଳୟ ଆଗରେ ସେମିତି ବର୍ଷେ ହେଲା ଥୁଆ ହୋଇ ରହିଛି। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଗତବର୍ଷ ମାର୍ଚ୍ଚ ମାସରେ ପାରାଦୀପ ପୌର ପରିଷଦକୁ ଅତ୍ୟାଧୁନିକ ରାସ୍ତା ସଫେଇ ଗାଡିଟିକୁ ଦିଆଯାଇଥିଲା। ସେତେବେଳେ ଏହି ଗାଡିକୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତତ୍କାଳୀନ ବନ୍ଦର ଅଧ୍ୟକ୍ଷ ଭିନିତ କୁମାର, ପୌର ପ୍ରଶାସନିକ ଅଧିକାରୀ ଓ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତରେ ଶୁଭାରମ୍ଭ କରାଯାଇଥିଲା। କଳା ଧୂଳି ଆଚ୍ଛାଦିତ ପୌରାଞ୍ଚଳର ରାସ୍ତାକୁ ଯାନ୍ତ୍ରିକୀକରଣ ଦ୍ୱାରା ସଫା କରିବାକୁ ବନ୍ଦର ପକ୍ଷରୁ ରାସ୍ତା ସଫେଇ ଗାଡିରେ ବ୍ୟବସ୍ଥା ରହିଛି। ପାରାଦୀପ ଟାଉନଶିପ୍ ଭିତରେ ବନ୍ଦର ପ୍ରଶାସନ ପକ୍ଷରୁ ଦୁଇଟି ରାସ୍ତା ସଫେଇ ଗାଡି ଦ୍ୱାରା ସଫେଇ କାମ ଚାଲିଛି। ହେଲେ ଆଉ ଗୋଟିଏ ରାସ୍ତା ସଫେଇ ଗାଡି ପୌର ପରିଷଦ ପାଖରେ ଥାଇ ମଧ୍ୟ କାମରେ ଲାଗୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯଦି ଏହି ଗାଡିକୁ କାମରେ ଲାଗନ୍ତା ତେବେ ପାରାଦୀପ ଟାଉନଶିପ୍ ଅଧିକ ସ୍ୱଚ୍ଛ ହୋଇପାରନ୍ତା। ତେଣୁ ରାସ୍ତା ସଫେଇ ଗାଡି ଚଳାଇବାକୁ ତୁରନ୍ତ ପଦକ୍ଷେପ ନେବାକୁ ପୌରାଞ୍ଚଳବାସୀ ଦାବି କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଦିନ ରାସ୍ତା ସଫେଇ କାମକୁ ନିରୀକ୍ଷଣ କରାଯାଏ। ସେଥିରେ ପୌର ପାଳିକା ଆଗରେ ଥିବା ଗାଡି ସଫେଇ କରୁନାହିଁ ବୋଲି ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାଶ କହିଛନ୍ତି। ଏ ସମ୍ପର୍କରେ ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିଲେ ବେଳେବେଳେ ଗାଡି ମାଧ୍ୟରେ ରାସ୍ତା ସଫେଇ କରାଯାଉଛି। ସଫେଇ ଗାଡି ଚଲେଇବାକୁ ହେଲେ ଘଣ୍ଟାକୁ ୨୫ ଲିଟର ଡିଜେଲ ଦରକାର। ଏତେ ଟଙ୍କା ଖର୍ଚ୍ଚ କରି ସଫେଇ ଗାଡି ଚଳାଇବା ସମ୍ଭବ ହେଉନାହିଁ। ପୌରପାଳିକାର ଜଣେ ସଫେଇ କର୍ମଚାରୀ କୁହନ୍ତି, ଉକ୍ତ ଗାଡିକୁ ଅପରେଟିଂ କରିବା ଭଳି କର୍ମଚାରୀ ନାହାନ୍ତି। ତେଣୁ ତାହା କାମରେ ନ ଲାଗି ପଡିରହିଛି।

# ଗାଁର ଶିଶୁ ବୈଜ୍ଞାନିକ ଦେଶର ଭବିଷ୍ୟତ

**ମହାକାଳପଡା, ୮।୪(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତ ନନ୍ତାରସ୍ଥିତ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ତର୍କ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗାଁରେ ଅନେକ ମେଧାବୀ ଛାତ୍ରୀଛାତ୍ର ଦୃଷ୍ଟି ଆଢୁଆଳରେ ରହି ଯାଉଛନ୍ତି। ଏହି ବିଜ୍ଞାନ ମେଳାରେ ଗାଁର ଶିଶୁ ବୈଜ୍ଞାନିକମାନେ ଯୋଗଦେଇ ଉତ୍କୃଷ୍ଟ ଧରଣର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଗାଁ ବିଦ୍ୟାଳୟରେ ପାଠ ପଢୁଥିବା ଶିଶୁଟିଏ ଭଲ ବୈଜ୍ଞାନିକ ହୋଇ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦେବାଶିଷ ରାଉତ, ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଜିଲାପରିଷଦ ସଭ୍ୟ ଅପୁ ପରିଡ଼ା, ମୃତ୍ୟୁଞ୍ଜୟ ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ସରପଞ୍ଚ ଅରବିନ୍ଦ ଜେନା, ଶିକ୍ଷାବିତ୍ ବିଜୟ କୁମାର ଜେନା, ଶିକ୍ଷକ ଆଦିକନ୍ଦ ସାହୁ , ମାଧବ ଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହାଣୀ, ଅଶୋକ କୁମାର ମହାପାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର, ଶିକ୍ଷକ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ୫୧ଟି ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ନାୟକ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।


ବିଜ୍ଞାନ ମେଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଚାଟରାଚକଡ଼ାରେ ବାସନ୍ତିକ ଦୁର୍ଗାପୂଜା

**ଡେରାବିଶ, ୮।୪ (ସ୍ୱ.ପ୍ର.)**


ଚାଟରାଚକଡାଠାରେ ଥିବା ବାସନ୍ତୀ ଦୁର୍ଗା ମନ୍ଦିର।

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ାଠାରେ ଥିବା ମା’ ବାସନ୍ତୀଙ୍କ ପୀଠରେ ଚୈତ୍ରମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ବାସନ୍ତିକ ଦୁର୍ଗାପୂଜା ଶୁକ୍ରବାର ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ଏହି ପୀଠର ଅଲୌକିକତାକୁ ନେଇ ଶ୍ରଦ୍ଧାଳୁମାନେ ସେମାନଙ୍କ ମାନସିକ ପୂରଣ ପାଇଁ ଭିଡ଼ ଜମାଇଛନ୍ତି। ଶନିବାର ପବିତ୍ର ଅଷ୍ଟମୀ ତିଥିରେ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରାଚୀନ ଜନଶ୍ରୁତି ଅନୁଯାୟୀ, ମୟୂରଭଞ୍ଜରେ ଅବସ୍ଥାନ କରୁଥିବା ଚାଟରା ଗାଁର ହରିହର ମହାନ୍ତି ଗାଁକୁ ଆସିବା ସମୟରେ ମା’ ବାସନ୍ତୀ ଦୁର୍ଗା ତାଙ୍କ ସହ ଆସିଥିଲେ। ଏ ବିଷୟରେ ହରିହର ଜାଣି ନ ଥିଲେ ମଧ୍ୟ ଗ୍ରାମର ଜନୈକ ଶ୍ୟାମସୁନ୍ଦର ମହାନ୍ତି ନାମକ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମା’ଙ୍କର ସ୍ୱପ୍ନାଦେଶ ପରେ ଚୈତ୍ର ମାସରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଘନ ଜଙ୍ଗଲ ପୂର୍ଣ୍ଣଥିବା ଏହି ପୀଠରେ ଥିବା ବରଗଛ କୋରଡରେ ଥିବା ଏକ ବାଘ ନିକଟରେ ଏହି ଅଞ୍ଚଳବାସୀ ନିଜର ମନ ସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କଲେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏପରି କି ଏହି ଅଞ୍ଚଳର ବିଭିନ୍ନ ପର୍ବ ପର୍ବାଣୀରେ ବାଘକୁ ନିମନ୍ତ୍ରଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ବାଘଯାଇ ନିମନ୍ତ୍ରଣ ରକ୍ଷା କରିବା ଏବେବି ଜନଶ୍ରୁତିରେ ଅଛି।

ଏହି ପୀଠରେ ଦୁର୍ଗାପୂଜା ସୋମବାର ଉଦ୍‌ଯାପିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଓ ଅପେରା ପରିବେଷଣ କାର୍ଯ୍ୟକ୍ରମ ରହିଥିବା କମିଟିର ଲକ୍ଷ୍ମୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ମା’ଙ୍କ ପୂଜା ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ପରିବାରରେ କଦଳୀ ଗଛ ଓ ପୂର୍ଣ୍ଣକୁମ୍ଭର ଦୃଶ୍ୟ ରଖାଯାଇଛି। ତେବେ ପୂଜା ଅବସରରେ ଦୂରଦୂରାନ୍ତରୁ ଆସିଥିବା ଅସ୍ଥାୟୀ ଦୋକାନୀମାନେ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି। ଭିଡ଼କୁ ପରିଲକ୍ଷିତ କରି ଛତାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଜଳଛତ୍ର ପ୍ରଦାନ ସହ ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଓ ଡେରାବିଶ ଥାନା ପକ୍ଷରୁ ଖୋଲାଯାଇଥିବା ଅସ୍ଥାୟୀ ଶିବିରରେ ପୋଲିସ ନିୟୋଜିତ ଅଛନ୍ତି। ଏହି ଯାତ୍ରାକୁ କମିଟି ସଭାପତି ରମେଶ ଚନ୍ଦ୍ର ଦାସ, କର୍ମକର୍ତ୍ତା ସୁଶାନ୍ତ କୁମାର ମହାନ୍ତି, ଅରଜିତ୍ ମିଶ୍ର, ରଜନୀକାନ୍ତ ମହାନ୍ତି, ଶାନ୍ତିଭୂଷଣ ମହାନ୍ତି, ଫକିମ ଚନ୍ଦ୍ର ଦାସ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରୁଛନ୍ତି। ପଣ୍ଡିତ ସୁଶୀଲ କୁମାର ମିଶ୍ର ଓ ଆର୍ତ୍ତତ୍ରାଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହେଉଛି।

# ବଦଳିବ ରାଜନଗରର ୬ଟି ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ

**ରାଜନଗର, ୮।୪(ଡି.ଏନ.ଏ.)**



ବୈଠକରେ ପ୍ରଶାସନିକ ଅଧିକାରୀ, ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୬ଟି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଡାଙ୍ଗମାଳ, ତାଳଚୁଆ, ଈଶ୍ୱରପୁର, ଗୁପ୍ତି ଓ ଜଗନ୍ନାଥପୁରଶାସନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳାଇବାକୁ ଆଲୋଚନା ହୋଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୀମା ନିର୍ଦ୍ଧାରଣ, ପାଚେରି ଓ ଗେଟ ନିର୍ମାଣ କାମ ତୁରନ୍ତ ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ମା’ତାରିଣୀଙ୍କ ମନ୍ଦିରଗଡା ଓ ରାଘବେଶ୍ୱର ମହାଦେବ ମନ୍ଦିର ଗଡାଣିରୁ ସ୍ୱାସ୍ଥ୍ୟକେନ୍ଦ୍ର ଯାଏ ଲାଇଟ ଲଗାଯିବ। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାମ୍ପସ ମଧ୍ୟରେ ଥିବା ଔଷଧ ଦୋକାନୀମାନଙ୍କୁ ଥଇଥାନ କରାଯିବ। ଏଥିସହ ୨୦ ଶର୍ଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ନିର୍ମାଣ କାମ ଆରମ୍ଭ ହେବ। ଏହାବାଦେ ୫ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ୱଚ୍ଛ ଭାରତ ମିଶନରେ କମ୍ୟୁନିଟି ଟଏଲେଟ ନିର୍ମାଣ ହେବ। ଏଥିସହ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସୀମା ନିର୍ଦ୍ଧାରଣ କରି ପାଚେରୀ ନିର୍ମାଣ, ପ୍ରସୂତି ଗୃହ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲାଇଟ ଓ କ୍ୟାମ୍ପସରେ ଟାଇଲ ପକାଇବାକୁ ଆଲୋଚନା ହୋଇଥିଲା। ଜଗନ୍ନାଥପୁର ଶାସନ ସ୍ୱାସ୍ଥ୍ୟକେନ୍ଦ୍ରରେ ନଳକୂପ ବସାଇବା ଓ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଦ୍ୟାଳୟ ପାଇଁ ୧୬ କେଭି ଟ୍ରାନ୍ସଫର୍ମର ବସାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ଗୁପ୍ତି ଓ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ବିଲ୍ଡିଂ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। କାୟାକଳ୍ପ ମୂଲ୍ୟାୟନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟର ୧୪ତମ ସ୍ଥାନରେ ଏବଂ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାସ୍ତରରେ ଚାମ୍ପିୟନ ହୋଇଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବୈଠକରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତି, ବିପିଏଚଓ ଡା. ପ୍ରଣବ କୁମାର ଶୁକ୍ଳା, ଡା. ଆଦିତ୍ୟ ନାରାୟଣ ପ୍ରଧାନ, ଡା. ନିବେଦିତା ଦାସ, ଡା. ଶ୍ରୀୟା ମଣ୍ଡଳ, ଡା. ପୁଷ୍ପାଞ୍ଜଳି ମହାପାତ୍ର, ଡା. ସାଇ ପ୍ରତୀମ କର, ଡା. ଶ୍ରୀତମ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୦ନଂ. ଜୋନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ଆଇଆଇସି ତପନ କୁମାର ନାୟକ, ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ସୂର୍ଯ୍ୟ ନାରାୟଣ ଲେଙ୍କା, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସହକାରୀ ଯନ୍ତ୍ରୀ ଜଳଧର ବେହେରା, ଏନ୍‌ଆରଏଚଏମ୍ ସହକାରୀ ଯନ୍ତ୍ରୀ ବିଚିତ୍ର ମୋହନ ଜେନା, କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ସାମଲ, ଦେବାଶିଷ ସାମଲ, ବିପିଏମ୍ ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଉପରେ ମତ ରଖିଥିଲେ।

**ସେନ୍‌ସେକ୍ସ ୪୧୨ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** କ୍ରମାଗତ ୩ୟ ଦିନ ପରେ ୪ର୍ଥ ଦିନ ବଜାର କାରବାର କିଛି ପରିମାଣରେ ବଢ଼ିଛି। ବିଶେଷ କରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି ସମୀକ୍ଷା ବୈଠକ ଓ ରିପୋର୍ଟ ଘୋଷଣାର କିଛି ସମୟ ପରେ ବଜାର କାରବାର ପୂର୍ବାପେକ୍ଷା ଭଲ ରହିଥିଲା। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସୂଚକାଙ୍କ ସେନ୍‌ସେକ୍ସ ୪୧୨ ପଏଣ୍ଟ ବୃଦ୍ଧି ଘଟିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସି) ନିଫ୍ଟିରେ ୧୪୫ ପଏଣ୍ଟ ବଢ଼ିଛି। ଫଳରେ ବଜାର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୪୧୨.୨୩ ପଏଣ୍ଟ ବା (୦.୭୦%) ବଢ଼ି ୫୯,୪୪୭.୧୮ ଅଙ୍କରେ ବନ୍ଦ ହୋଇଥିବା ବେଳେ ଏବଂ ନିଫ୍ଟି୫୦ରେ ୧୪୪.୮୦ ପଏଣ୍ଟ ବା (୦.୮୨%) ବୃଦ୍ଧି ଘଟି ୧୭,୭୮୪.୩୫ ଅଙ୍କରେ କାରବାର ଶେଷ ହୋଇଛି।

## ସଂକ୍ଷେପରେ

### ଜେଏସ୍‌ଏଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୮।୪:** ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍)ର ୪ର୍ଥ ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ୨୦୨୨ରେ ଏହାର ମୋଟ ବିକ୍ରୟ ପରିମାଣ ୧,୦୧୧,୨୯୨ ଏମ୍‌ଟିରେ ପହଞ୍ଚିଛି। ଏହା ୨୦୨୧ ତୁଳନାରେ ୨୩% ବୃଦ୍ଧି ହୋଇଛି। ୨୦୨୨ ଚତୁର୍ଥ ତ୍ରୈମାସରେ ଏହାର ବିକ୍ରି ପରିମାଣ ୨,୬୯,୧୬୮ ମେଟ୍ରିକ୍ ଟନ୍ ହୋଇଛି। ଏହାର ପୂର୍ବ ତ୍ରୈମାସ ତୁଳନାରେ ଏହା ୯% ବୃଦ୍ଧି ପାଇଥିବା ବେଳେ ବାର୍ଷିକ ଆଧାରରେ ୬% ବୃଦ୍ଧି ହୋଇଛି। କଞ୍ଚାମାଲ ଯୋଗାଣ ଏବଂ ସାମଗ୍ରୀରେ ଅସ୍ଥିରତା ଓ ବିଶ୍ୱ ଅର୍ଥନୀତିରେ ସଙ୍କଟ ସତ୍ତ୍ୱେ ୨୦୨୨ ଚତୁର୍ଥ ତ୍ରୈମାସରେ ଏହାର ରପ୍ତାନି ୨ଗୁଣା ହୋଇ ୩୨% ଛୁଇଁଛି। ଅପରପକ୍ଷରେ ୨୦୨୧ର ୪ର୍ଥ ତ୍ରୈମାସ ତୁଳନାରେ ଏହା ୧୬% ବୃଦ୍ଧି ହୋଇଛି। ୨୦୨୨ ଚତୁର୍ଥ ତ୍ରୈମାସରେ ଚାଇନ ଏବଂ ଇଣ୍ଡୋନେସିଆରୁ ଶସ୍ତାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଆମଦାନୀ କରିବା ଦ୍ୱାରା ଘରୋଇ ବଜାର ବାଧାପ୍ରାପ୍ତ ହୋଇଥିଲା।

### ଡିଜିଟାଲ ବ୍ୟାଙ୍କିଙ୍ଗ୍ ପାଇଁ ନୂଆ ଗାଇଡ୍‌ଲାଇନ

**ନୂଆଦିଲ୍ଲୀ,୮।୪ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଗୁରୁବାର ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ନେଇ ନୂଆ ନିୟମ ଜାରି କରାଯାଇଛି। ଦେଶର ସମସ୍ତ ବ୍ୟାଙ୍କ କ୍ରମାଗତ ଭାବେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ମଧ୍ୟ ଖୋଲିପାରିବେ। ଏହି ୟୁନିଟ୍ ୨ପ୍ରକାରର ହେବ। ଏଥିରେ ପ୍ରଥମେ ଗ୍ରାହକ ସମସ୍ତ ସେବାର ଲାଭ ଉଠାଇପାରିବେ। ଅପରପକ୍ଷରେ ଗ୍ରାହକଙ୍କୁ ଏଥିପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇପାରିବ। ସରକାର ବଜେଟରେ ଦେଶର ଆଜାଦୀ କି ଅମୃତ ମହୋତ୍ସବର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୭୫ ଜିଲାରେ ପାଖାପାଖି ୭୫ଗୋଟି ଏପରି ୟୁନିଟ୍ ସ୍ଥାପନ କରିବା ନେଇ ଘୋଷଣା କରିଥିଲେ। ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍‌ର ସ୍ଥାପନ ଉପରେ ଆର୍‌ବିଆଇ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଉକ୍ତ ୟୁନିଟ୍‌ଗୁଡ଼ିକରେ ଖାତା ଖୋଲିବା, ଟଙ୍କା ଉଠାଣ ଓ ଜମା, କେୱାଇସି ଅପ୍‌ଡେଟ୍, ଋଣ ଏବଂ ଅଭିଯୋଗ ପଞ୍ଜୀକରଣ ଭଳି ସେବା ପ୍ରଦାନ କରାଯିବ।

# ରେପୋ ରେଟ୍ ଅପରିବର୍ତ୍ତିତ

- ଦେଶର ଆନୁମାନିକ ଆର୍ଥିକ ଅଭିବୃଦ୍ଧି ୭.୨%
- ୫.୭% ମହଙ୍ଗା ଅନୁମାନ


ଶକ୍ତିକାନ୍ତ ଦାସ

**ନୂଆଦିଲ୍ଲୀ, ୮।୪**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ଶୁକ୍ରବାର ଦେଶର ମୁଦ୍ରାନୀତି ସମୀକ୍ଷା ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ଏହି ପ୍ରଥମ ସମୀକ୍ଷା ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ଏବଂ ରିଭର୍ସ ରେପୋ ରେଟ୍ ଅର୍ଥାତ୍ ନୀତିଗତ ସୁଧ ହାର ପରିବର୍ତ୍ତନ କରି ନାହିଁ। ରେପୋ ରେଟ୍ ୪% ଏବଂ ରିଭର୍ସ ରେପୋ ରେଟ୍ ୩.୩୫%ରେ ଅପରିବର୍ତ୍ତିତ ରହିବ। ଏଥିସହ ଆର୍‌ବିଆଇ ମୁଦ୍ରାନୀତି ସମ୍ପର୍କରେ ମନୋଭାବରେ କୌଣସି ପରିବର୍ତ୍ତନ ଆଣିନାହିଁ ଏବଂ ଫ୍ଲେକ୍ସିବିଲିଟି ବଜାୟ ରଖିଛି। ଆର୍‌ବିଆଇ ମନିଟାରି ପଲିସି କମିଟି (ଏମ୍‌ପିସି)ର ବୈଠକ ବୁଧବାର ଆରମ୍ଭ ହୋଇଥିଲା। ଏମ୍‌ପିସିର ନୀତିଗତ ହାରକୁ ଯଥାବିଧି ରଖିବା ସହିତ ଆର୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ଦେଶର ଆନୁମାନିକ ଆର୍ଥିକ ଅଭିବୃଦ୍ଧି ସମ୍ପର୍କିତ ହ୍ରାସ ଘଟାଇଛି। ଆର୍‌ବିଆଇର ପୂର୍ବ ୧୦ଟି ଏମ୍‌ପିସି ବୈଠକ ଭଳି ଚଳିତ ବୈଠକରେ ମଧ୍ୟ ରେପୋ ରେଟ୍ ଏବଂ ରିଭର୍ସ ରେପୋ ରେଟ୍‌ର ନୀତିଗତ ସୁଧ ହାର ଅପରିବର୍ତ୍ତିତ ରଖିଛି। ଏହା ପୂର୍ବରୁ ୨୨ ମେ' ୨୦୨୦ରେ ଅନୁଷ୍ଠିତ ବୈଠକରେ ଆର୍‌ବିଆଇ ଶେଷଥର ପାଇଁ ରେପୋ ରେଟ୍‌ରେ ହ୍ରାସ କରିଥିଲା। ସେବେଠାରୁ ଏହା ୪%ରେ ସ୍ଥିର ରହିଛି। ଆର୍‌ବିଆଇର ଅନୁମାନ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ମାସରେ ୧୬.୨%, ୨ୟ ତ୍ରୈମାସରେ ୬.୨%, ୩ୟ ତ୍ରୈମାସରେ ୪.୧% ଏବଂ ୪ର୍ଥ ତ୍ରୈମାସରେ ୪% ଆର୍ଥିକ ଅଭିବୃଦ୍ଧି ରହିଛି। ତେବେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ବୃଦ୍ଧି ହାର ୭.୨% ରହିବ ବୋଲି ଅନୁମାନ କରାଯାଇଛି। ଏହାଛଡ଼ା ଚଳିତ ଆର୍ଥିକ ବର୍ଷରେ ଦରଦାମ ଉଚ୍ଚ (୫.୭%) ରହିବ ବୋଲି ମଧ୍ୟ ଆର୍‌ବିଆଇ ଅନୁମାନ କରିଛି। ଆର୍ଥିକ ବର୍ଷର ୧ମ ତ୍ରୈମାସରେ ମହଙ୍ଗା ୬.୩%, ୨ୟ ତ୍ରୈମାସରେ ୫%, ୩ୟ ତ୍ରୈମାସରେ ୫.୪% ଏବଂ ୪ର୍ଥ ତ୍ରୈମାସରେ ୫.୧% ରହିବ ବୋଲି ଅନୁମାନ କରାଯାଉଛି। ଦେଶରେ ମହଙ୍ଗା ହାର ୪% ରହିବ। ତେବେ ଏଥିରେ ୨% ହ୍ରାସ ବୃଦ୍ଧି ଘଟିପାରେ। ଗ୍ରାହକ ଖୁବ୍‌ଶୀଘ୍ର ୟୁପିଆଇ ବ୍ୟବହାର କରି ବ୍ୟାଙ୍କ୍ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ବୈଠକରେ ଆର୍‌ବିଆଇ ପକ୍ଷରୁ 'କାର୍ଡଲେସ୍' ଟ୍ରାଞ୍ଜାକ୍ସନରେ ଉନ୍ନତି ଆଣିବା ଦିଗରେ ପ୍ରସ୍ତାବ ରଖାଯାଇଛି। ଏହି ସୁବିଧା ଅଳ୍ପ କିଛି ବ୍ୟାଙ୍କ ପାଇଁ ଉପଲବ୍ଧ ରହିଛି। ତେବେ ବର୍ତ୍ତମାନ ସମସ୍ତ ବ୍ୟାଙ୍କରେ ଏହି ସୁବିଧା ଉପଲବ୍ଧ କରାଯିବ ବୋଲି ଦାସ କହିଛନ୍ତି।

## ଜୀ ସାର୍ଥକର 'ସର୍ବଜିତା ଅନୁ' ଧାରାବାହିକ ଦର୍ଶକଙ୍କ ପ୍ରଥମ ପସନ୍ଦ




**ଭୁବନେଶ୍ୱର,୮।୪**

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ନିକଟରେ ଆରମ୍ଭ କରାଯାଇଥିବା ଓଡ଼ିଆ ଧାରାବାହିକ 'ସର୍ବଜିତା ଅନୁ' ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଜୀ ସାର୍ଥକରେ ପ୍ରସାରିତ ଉକ୍ତ ନୂଆ ମେଗା ଧାରାବାହିକ ମାତ୍ର ୧୫ ଏପିସୋଡ୍‌ରେ ସର୍ବାଧିକ ଜନାଦୃତି ହାସଲ କରିପାରିଛି।ମାର୍ଚ୍ଚ ୧୪ରୁ 'ସର୍ବଜିତା ଅନୁ'ର ପ୍ରସାରଣ ଆରମ୍ଭ ହୋଇଥିବା ବେଳେ ମାତ୍ର କମ୍ ଦିନ ମଧ୍ୟରେ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ।

ଉକ୍ତ ଧାରାବାହିକର ଆଗାମୀ ଅଧ୍ୟାୟରେ ରହିଛି ଏକ ଭରପୂର ରୋମାଞ୍ଚ, ଯେଉଁଥିରେ ସୋସାଇଟି ମଧ୍ୟରେ ଏକ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହେଉଥିବା ବେଳେ ଏଥିରେ ଅନୁର ଝିଅ ସାରା ବି ଅଂଶ ଗ୍ରହଣ କରିବାକୁ ଚାହୁଁଛି, କିନ୍ତୁ ତାକୁ ଜଣେ ସହଯୋଗୀ (ପାର୍ଟନର)ର ଆବଶ୍ୟକତା ରହିଛି। ତେବେ ସାରା ପାଇଁ କ'ଣ ସହଯୋଗୀ ହେବେ କି ମା ଅନୁ? ଆଉ ଯଦି ମା'ଙ୍କ ସହ ସାରା ଏହି ପ୍ରତିଯୋଗିତାରେ ଭାଗ ନିଏ ତା' ହେଲେ କ'ଣ ସେ ପ୍ରତିଯୋଗିତା ଜିତିପାରିବ? ଏଭଳି କିଛି ଅସମାହିତ ପ୍ରଶ୍ନର ଉତ୍ତର ପାଇଁ ଦର୍ଶକଙ୍କୁ ଆଗାମୀ ଅଧ୍ୟାୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ପ୍ରତି ସୋମବାରରୁ ଶନିବାର ରାତି ୮ଟାରେ ଜୀ ସାର୍ଥକରେ ମେଗା ଧାରାବାହିକ 'ସର୍ବଜିତା ଅନୁ' ପ୍ରସାରିତ ହେଉଛି। ମାତ୍ର କମ୍ ଦିନରେ ଦର୍ଶକଙ୍କ ଆଦୃତି ଲାଭ କରିଥିବା ଏହି ଧାରାବାହିକକୁ ଦର୍ଶକ ଆଗକୁ ଆହୁରି ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା କରାଯାଉଛି।

## ଆପଲ୍ ଆଇଡେଷ୍ଟିନିର ନୂତନ ଆଉଟ୍‌ଲେଟ୍

**ଭୁବନେଶ୍ୱର,୮।୪**



ପ୍ରିମିୟମ ସ୍ମାର୍ଟଫୋନ୍ ବ୍ରାଣ୍ଡ ଆପଲ'ର ସ୍ୱୀକୃତିପ୍ରାପ୍ତ ରିସେଲର ଷ୍ଟୋର 'ଆଇଡେଷ୍ଟିନି' ଶୁକ୍ରବାର ସ୍ଥାନୀୟ ଶହୀଦନଗର ଜନପଥ ରୋଡ୍‌ରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ୧୦୦୦ ବର୍ଗଫୁଟ ପରିମିତ ଜମିରେ ଆପଲ ଇଣ୍ଡିଆର ଗାଇଡ୍‌ଲାଇନ ଓ ମାନ ଅନୁସାରେ ଏହାର ନିର୍ମାଣ କରାଯାଇଛି। ଆକର୍ଷଣୀୟ ଡିଜାଇନ ଓ ଆପଲର ସମଗ୍ର ଉତ୍ପାଦ ବର୍ଗମାଳା ଯଥା ଡେସ୍କଟପ୍, କମ୍ପ୍ୟୁଟର, ଲାପ୍‌ଟପ୍, ମୋବାଇଲ ଓ ଆଇପ୍ୟାଡ୍‌ର ସମ୍ପୂର୍ଣ୍ଣ ବର୍ଗମାଳା ଆଦି ଏଠାରେ ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ଆଇଡେଷ୍ଟିନିର ନିର୍ଦ୍ଦେଶକ ବିଜୟ ଡୁଗର କହିଛନ୍ତି, ସହରବାସୀଙ୍କ ଚାହିଦା ଓ ଯୁବବର୍ଗଙ୍କ ଉତ୍ସାହକୁ ଆଖି ଆଗରେ ରଖି ଭୁବନେଶ୍ୱରରେ ଆଉ ଏକ ଷ୍ଟୋରର ଶୁଭାରମ୍ଭ କରିପାରିଛୁ। ଏହା ଆମର ୨ୟ ଷ୍ଟୋର, ଆମେ ଗ୍ରାହକ ଅନୁଭୂତି ଉପରେ ଗୁରୁତ୍ୱାରୋପ କରିଆସିଛୁ। ଆପଲ ଆଇଫୋନ୍‌ର ଶୋ'ରୁମ୍ ମୂଲ୍ୟ ଭିନ୍ନ ଓ ଡିଜାଇନ ଏବଂ ମଡେଲ ଅନୁସାରେ ରହିଛି। ବିଶେଷକରି ଏହାର ଫୋନ୍‌ଗୁଡିକର ମୂଲ୍ୟ ୪୨,୯୦୦ ଟଙ୍କାରୁ ଆରମ୍ଭ କରି ପ୍ରାୟ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଆଇଡେଷ୍ଟିନି ପକ୍ଷରୁ ଇଏମ୍‌ଆଇ ଓ ବାଏବ୍ୟାକ୍ ସ୍କିମ୍ ସୁବିଧା ଦିଆଯାଉଛି ଯାହା ଗ୍ରାହକମାନଙ୍କୁ ସହଜ ମାସିକ କିସ୍ତିରେ ଉତ୍ପାଦ କିଣିବାରେ ସହାୟକ ହେବ। ଏପରିକି ୩ ମାସରୁ ଆରମ୍ଭକରି ୨ବର୍ଷ ଅବଧି ପର୍ଯ୍ୟନ୍ତର କିସ୍ତି ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ର ଓ ବ୍ୟବସାୟୀ ଗ୍ରାହକମାନଙ୍କ ଲାଗି ସ୍ୱତନ୍ତ୍ର ଅଫର ଆଦି ରହିଛି।

## ୨୭.୦୭ ଟ୍ରିଲିୟନର ଟିକସ ସଂଗ୍ରହ ହୋଇଛି

**ନୂଆଦିଲ୍ଲୀ, ୮।୪**

ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ଟିକସ ସଂଗ୍ରହ ରେକର୍ଡ ସ୍ତରରେ ପହଞ୍ଚିଯାଇଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ସଂଗ୍ରହରେ ବୃଦ୍ଧି ଫଳରେ ମୋଟ୍ ଟିକସ ସଂଗ୍ରହ ୨୭.୦୭ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ରାଜସ୍ୱ ସଚିବ ତରୁଣ ବଜାଜ ଶୁକ୍ରବାର ସୂଚନା ଦେଇଛନ୍ତି। ତେବେ ୨୦୨୧-୨୨ ବର୍ଷ ପାଇଁ ବଜେଟରେ ଆନୁମାନିକ ଟିକସ ସଂଗ୍ରହ ୨୨.୧୭ ଲକ୍ଷ କୋଟି ରହିଥିଲା। ଏଥିମଧ୍ୟରୁ ଡାଇରେକ୍ଟ ଟ୍ୟାକ୍ସ (ମୁଣ୍ଡ ପିଛା ଇନ୍‌କମ୍ ଟ୍ୟାକ୍ସ ଏବଂ କମ୍ପାନୀ ଟ୍ୟାକ୍ସ) କଲେକ୍ସନ୍‌ରେ ୪୯% ବୃଦ୍ଧି ଘଟି ୧୪.୧୦ ଲକ୍ଷ କୋଟିରେ ପହଞ୍ଚିଛି। ଏହି ହାର ଆନୁମାନିକ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନଠାରୁ ୩.୦୨ଲକ୍ଷ କୋଟି ଟଙ୍କା ଅଧିକ ରହିଛି। ଟ୍ୟାକ୍ସ-ଜିଡିପି ଅନୁପାତ ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇ ୧୧.୭% ରେ ପହଞ୍ଚିଥିଲା। ଏହା ୨୦୨୦-୨୧ ଆର୍ଥିକ ବର୍ଷରେ ୧୦.୩% ରହିଥିଲା।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନ

**ଭୁବନେଶ୍ୱର,୮।୪**

ଗ୍ରାହକମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନର ଶୁଭାରମ୍ଭ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଭ୍ରାମ୍ୟମାଣ ସବ୍‌ଷ୍ଟେଶନରେ ବିତରଣ ଟ୍ରାନ୍ସଫରମର, ହାଇ ଟେନ୍‌ସନ ଓ ଲୋ ଟେନ୍‌ସନ ସୁରକ୍ଷା ଉପକରଣ ସହ ଏକ ଭ୍ରାମ୍ୟମାଣ ଟ୍ରଲିରେ ଅନ୍ୟାନ୍ୟ ଉପକରଣ ଆଦିର ସଂଯୋଗ ରହିଛି। କ୍ଷୁଦ୍ର ଆକୃତିର ଏହି ସବ୍‌ଷ୍ଟେଶନ ହେଉଛି ପ୍ଲଗ୍-ଇନ୍ ପ୍ରକାରର ସବ୍‌ଷ୍ଟେଶନ ଓ ପରିବହନ ସମୟ ବ୍ୟତୀତ ସେବା ପାଇଁ ମଧ୍ୟ ଏହାକୁ ଉପଯୋଗୀ କରିହେବ। ଏ ସମ୍ପର୍କରେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଛନ୍ତି, ନୂତନ ପ୍ରଯୁକ୍ତି ପ୍ରୟୋଗ କରିବା ଏବଂ ଗ୍ରାହକମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ରହିଥିବା ଲକ୍ଷ୍ୟର ଏହା ହେଉଛି ଏକ ଅଂଶ। ଗ୍ରାହକ ସନ୍ତୁଷ୍ଟି ଉପରେ ଗୁରୁତ୍ୱ ଦେଇ ନବସୃଜନ ଜାରି ରଖିବେ ଏବଂ ନୂତନ ସେବାର ଆରମ୍ଭ କରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

# ଫେରିବାକୁ ଚାହୁଁ, ହେଲେ ଘର ନାହିଁ

**ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିବା ସତ୍ତ୍ୱେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ଲାଗି ସେମାନଙ୍କୁ ଥାଇଲାଣ୍ଡ ତାଗିଦ୍ କରିଛି । ଥାଇଲାଣ୍ଡ ସୀମାନ୍ତ ଏକ ନଦୀକୂଳ ଘାସ ବଣରେ ଆଶ୍ରୟ ନେଇଛନ୍ତି ହେ ନାମ୍ନୀ ଯୁବତୀ ଓ ତାଙ୍କ ପରିବାର। ଗୋଟିଏ ପଟେ ଥାଇଲାଣ୍ଡ ସେମାନଙ୍କୁ ଅବାଞ୍ଛିତ ମନେକରି ଫେରାଇ ଦେଉଛି ଅନ୍ୟପକ୍ଷେ ମ୍ୟାନ୍‌ମାରରେ ସେନା ହାତରେ ହତ୍ୟା ଭୟ। ଏଭଳି ଜଟିଳ ଫାଶରେ ଛନ୍ଦି ହୋଇଯାଇଛନ୍ତି ହେ ।**



**ନୂଆଦିଲ୍ଲୀ:** ମ୍ୟାନ୍‌ମାରରେ ଗତବର୍ଷ ଫେବୃୟାରୀରେ ସାମରିକ ଦମନଲୀଳା ଯୋଗୁ ହିଂସା ପରେ ଗଣପଳାୟନ କରିଥିଲେ ହଜାର ହଜାର ସଂଖ୍ୟାଲଘୁ ରୋହିଙ୍ଗ୍ୟା। ହେ ମଧ୍ୟ ସୁରକ୍ଷା ଆଶାରେ ପଡ଼ୋଶୀ ଥାଇଲାଣ୍ଡକୁ ଚାଲିଆସିଥିଲେ। ଏବେ ମ୍ୟାନ୍‌ମାରକୁ ଫେରିଲେ ତାଙ୍କ ସହ ପରିବାର ସଦସ୍ୟଙ୍କ ଜୀବନ ବିପଦରେ ପଡ଼ିଯିବ। ପଡ଼ୋଶୀ ଦେଶର ସାମରିକ ଶାସକଙ୍କ ସହ ସମ୍ପର୍କ ଖରାପ ହେବା ଚିନ୍ତାରେ ଥାଇଲାଣ୍ଡ ସପ୍ତାହକ ଅନ୍ୟୂନ ଥରେ ଏଭଳି ବିତାଡ଼ନ କରିଚାଲିଛି ବୋଲି ହେ କହିଛନ୍ତି।

ସେମାନେ ଆମକୁ ଫେରିଯିବାକୁ କହିବାରୁ ଘରକୁ ଫେରି ନ ପାରିବାର କାରଣ ଆମେ ଜଣାଇଥିଲୁ। ଫେରିଯିବାକୁ ଚାହୁଁ, ହେଲେ ସେଠାରେ ଆମର ଘର ନାହିଁ। ଗଲେ କେଉଁଠି ରହିବୁ ବୋଲି ଦୁଇ ଦେଶ ମଝିରେ ପ୍ରବାହିତ ମୋଇ ନଦୀ କୂଳ ଏକ ତମ୍ବୁରେ ଜୀବନ ବିତାଉଥିବା ହେ ପ୍ରଶ୍ନ କରିଛନ୍ତି। ଗାଁରେ କେତେବେଳେ ଉତ୍ତେଜନା ଲାଗିରହୁଛି ତ ପୁଣି କେବେ ପ୍ରଶମିତ ହେଉଛି। ଏହାକୁ ଦେଖି ମୋଇ ନଦୀର ଦୁଇ ପାର୍ଶ୍ୱରେ ହେ ଓ ଅନ୍ୟ ରୋହିଙ୍ଗ୍ୟା ଶରଣାର୍ଥୀ ଏଣେତେଣେ ତମ୍ବୁ ପକାଇ ରହିବାକୁ ବାଧ ହେଉଛନ୍ତି। ବେଳେବେଳେ ଆମେ ନଦୀ ପାର ହୋଇ ମ୍ୟାନ୍‌ମାର ପଟକୁ ଚାଲିଯାଉଥିଲୁ। କିନ୍ତୁ ଗାଁରେ ପାଦ ଦେଇ ନ ଥିଲୁ ବୋଲି ସେ ପ୍ରକାଶ କରିଛନ୍ତି।

### ରୋହିଙ୍ଗ୍ୟା ଯୁବତୀଙ୍କ କ୍ଷୋଭ

ଗତବର୍ଷ ଫେବୃୟାରୀରେ ମ୍ୟାନ୍‌ମାର ସେନା ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ତଥା ଷ୍ଟେଟ୍ କାଉନ୍‌ସେଲର୍ ଅଙ୍ଗ୍ ସାଙ୍ଗ୍ ସ୍ୟୁ ଚୀଙ୍କୁ କ୍ଷମତାଚ୍ୟୁତ କରି ଜେଲ୍‌କୁ ପଠାଇ ଦେଇଥିଲା। ସ୍ୟୁ ଚୀଙ୍କ ମୁକ୍ତି ଏବଂ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଦାବିରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ସେନା ଓ ପୋଲିସର ଗୁଳିମାଡ଼ରେ ୧,୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଅଦ୍ୟାବଧି ୧୩ ହଜାର ଜଣଙ୍କୁ ଗିରଫ କରାଯାଇଛି। ଶିଶୁ, ମହିଳା ଓ ପୁରୁଷ ସମସ୍ତଙ୍କୁ ସାମରିକ ବଳ ନିର୍ଯାତନା ଦେଉଛି। ପ୍ରାଣ ବିକଳରେ ଲୋକେ ଥାଇଲାଣ୍ଡକୁ ପଳାୟନ କରିଥିବାବେଳେ ପଡ଼ୋଶୀ ଦେଶ ସେମାନଙ୍କୁ ଫେରିଯିବାକୁ କହୁଛି। କାରଣ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ଥାଇଲାଣ୍ଡ ସ୍ୱାକ୍ଷର କରିନାହିଁ। ସେନାର କ୍ଷମତା ଦଖଲ ପରଠାରୁ ୧୭ ହଜାର ମ୍ୟାନ୍‌ମାର ଶରଣାର୍ଥୀ ଥାଇଲାଣ୍ଡର ଆଶ୍ରୟ ଲୋଡ଼ିଥିବା ଜଣାପଡ଼ିଛି। ତେବେ ମାତ୍ର ୨ ହଜାର ଶରଣାର୍ଥୀ ବର୍ତ୍ତମାନ ଥାଇଲାଣ୍ଡରେ ରହୁଥିବା ନେଇ ଥାଇ-ମ୍ୟାନ୍‌ମାର ସୀମା କମାଣ୍ଡ ସେଣ୍ଟର ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ଶରଣାର୍ଥୀ ଆଇନ ଲୋକଙ୍କୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଦେଶକୁ ଫେରିବାରେ ବାରଣ କରିଥାଏ। ଏହା ସତ୍ତ୍ୱେ ମ୍ୟାନ୍‌ମାର ସେନାର ବର୍ବରତା ଯୋଗୁ ପଳାୟନ କରିଥିବା ହଜାର ହଜାର ଲୋକଙ୍କୁ ଚାଲିଯିବା ପାଇଁ ଥାଇଲାଣ୍ଡ ବାଧ କରିଥିବା ହେ କ୍ଷୋଭ ବ୍ୟକ୍ତ କରିଛନ୍ତି।

## ରାଗିଗଲେ ୟାମୀ



**ମୁମ୍ବାଇ:** ବଲିଉଡ୍ ହେଉ ଅବା ହଲିଉଡ୍ ପ୍ରାୟ ସମୟରେ ସିନେ କଳାକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥାଏ। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଦଶବି'କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। କିଛି ୟୁଜର ଫିଲ୍ମରେ ୟାମୀଙ୍କ କାମକୁ ପସନ୍ଦ କରିଥିବା ବେଳେ କିଛି ତାଙ୍କୁ ଓ ଫିଲ୍ମକୁ ନେଇ ନକରାତ୍ମକ କମେଣ୍ଟ ଦେଇଛନ୍ତି । ତେବେ ଟୁଇଟରରେ ଜଣେ ୟୁଜର ୟାମୀଙ୍କୁ କଟାକ୍ଷ କରି କମେଣ୍ଟ ଦେଇଥିବାବେଳେ ୟାମୀ କମେଣ୍ଟକୁ ନେଇ ରାଗିଯାଇଛନ୍ତି। ତାଙ୍କ ପ୍ରତିକ୍ରିୟାରୁ ଜଣାପଡୁଛି ଯେମିତି ୟୁଜରଙ୍କ କମେଣ୍ଟ ତାଙ୍କୁ ବଡ଼ ଆଘାତ ଦେଇଛି। 'ହିନ୍ଦୀ ଫିଲ୍ମରେ ୟାମୀ ଆଉ ମୃତ ପ୍ରେମିକା ହୋଇ ନାହାନ୍ତି, ଧୀରେ ଧୀରେ ତାଙ୍କ ହସ ଫୁଟିବାରେ ଲାଗିଛି।' କହି ଜଣେ ୟୁଜର କମେଣ୍ଟ କରିଥିବାବେଳେ ଏହାର ସ୍କ୍ରିନ୍‌ସଟ୍ ନେଇ ୟାମୀ ନିଜ ଟୁଇଟରରେ ରିପୋଷ୍ଟ କରିଥିଲେ। ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ନିହାତିପକ୍ଷେ କଷ୍ଟକର। ଏ ପର୍ଯ୍ୟନ୍ତ ବି-ଟାଉନ୍‌ରେ ତିଷ୍ଠିବା ପାଇଁ ମୋତେ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଏଭଳି କମେଣ୍ଟ ମୋ ଆତ୍ମ ସମ୍ମାନକୁ ବାଧା ଦେଇଥିବା ସେ ନିଜ ପୋଷ୍ଟରେ ଲେଖିଛନ୍ତି। ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦଶବି' ଗୁରୁବାର ମୁକ୍ତିଲାଭ କରିଛି। ଦର୍ଶକଙ୍କୁ ଫିଲ୍ମଟି ଖୁବ୍ ପସନ୍ଦ ଆସିଛି। ୟାମୀ ଗୌତମ ଫିଲ୍ମରେ ଜଣେ ପୋଲିସ ଭୂମିକାରେ ନଜରକୁ ଆସିଛନ୍ତି।

## ଅଟୋରେ ଗାର୍ଡେନ୍

**ନୂଆଦିଲ୍ଲୀ:** ଅଟୋରେ ବଗିଚା। ଅଟୋ ଉପରେ ଲାଗିଛି ଘାସର ଗାଲିଚା ଆଉ ଆଗ ପଛ ଦୁଇ କଡ଼, ସବୁ ପଟରେ ଲାଗିଛି ବିଭିନ୍ନ ପ୍ରକାରର ଗଛ। ଏମିତି ଢଙ୍ଗରେ ସଜେଇ ହୋଇ ଅଟୋ ଅପେକ୍ଷା କରିଛି ଗ୍ରାହକଙ୍କୁ। କଥାଟା ଶୁଣି ଅଦ୍ଭୁଆ ଲାଗୁଛି କି! ହେଲେ ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ ଏମିତି ଏକ ଗ୍ରୀନ୍ ଅଟୋର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏରିକ୍ ସୋଲହେମ୍ ନାମକ ଜଣେ ବ୍ୟକ୍ତି ଏମିତି ଏକ ଗ୍ରୀନ୍ ଅଟୋର ଫଟୋ ପ୍ରଥମେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ତାଙ୍କର ସେହି ପୋଷ୍ଟ ଅନୁସାରେ ଫଟୋରେ ଦେଖାଯାଇଥିବା ଅଟୋ ରିକ୍‌ସାଟି ରାସ୍ତା ଉପରେ ଗ୍ରାହକମାନଙ୍କୁ ଅପେକ୍ଷା କରିଛି ସତ କିନ୍ତୁ ଦେଖିବାକୁ ଅନ୍ୟ ସାଧାରଣ ଅଟୋ ପରି ନୁହେଁ। ଏହି ଅଟୋ ଉପରେ ଲାଗିଛି କିଛି ଘାସ, ଯାହା ସମ୍ପୂର୍ଣ୍ଣ ସବୁଜ ଆଉ ସୁନ୍ଦର ଦେଖାଯାଉଛି। ଏହା ବ୍ୟତୀତ ଅଟୋର ଉଭୟ ପାର୍ଶ୍ୱରେ ମଧ୍ୟ ଫୁଲକୁଣ୍ଡକୁ ଖଞ୍ଜି ବେଶ୍ ସୁନ୍ଦରଭାବେ ଗଛ ଲଗାଯାଇଛି। ତେଣୁ ଅଟୋର ଉପର ଅଂଶରୁ ଆରମ୍ଭ କରି ଚାରିପଟ ଗଛଲତାରେ ପୂର୍ଣ୍ଣ ହୋଇଥିବାରୁ ତାହା ଅତ୍ୟନ୍ତ ଆକର୍ଷଣୀୟ ମନେହେଉଛି। ତେବେ ଅଟୋ କେବଳ ଯେ ସୁନ୍ଦର ଲାଗୁଛି ତାହା ନୁହେଁ ଖରାଦିନେ ଏହି ଅଟୋରେ ଯାତ୍ରା କରିଲେ ନିଶ୍ଚିତଭାବେ ବେଶ୍ ଭଲ ଲାଗିବ। କହିବାକୁ ଗଲେ ଖରାଦିନକୁ ଲକ୍ଷ୍ୟ କରି ବୋଧହୁଏ ବ୍ୟକ୍ତିଜଣକ ଏଭଳି ଅଟୋ ଡିଜାଇନ୍ କରିଛନ୍ତି। ସୋସିଆଲ ମିଡିଆରେ ଏଭଳି ଏକ ଅଟୋର ଫଟୋକୁ ଦେଖି ଲୋକେ ଖୁବ୍ ଖୁସି ହୋଇ ଯାଇଛନ୍ତି।



## ୭୦୪ ଗ୍ରାମ୍‌ର ଶିଶୁ



**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀର ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଫରଟିସ୍ ହସ୍ପିଟାଲରେ ଜଣେ ମହିଳା ପ୍ରି-ମାଚ୍ୟୁଅର ଯମଜ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଜନ୍ମ ହେବାର କିଛି ସମୟ ମଧ୍ୟରେ ଗୋଟିଏ ଶିଶୁର ମୃତ୍ୟୁ ହୋଇଥିଲା। ଜୀବିତ ଶିଶୁର ଓଜନ ମାତ୍ର ୭୦୪ ଗ୍ରାମ ଥିବାବେଳେ ହୃତ୍‌ପିଣ୍ଡ ସାଙ୍ଗକୁ ମସ୍ତିଷ୍କ ଜନିତ ସମସ୍ୟା ଶିଶୁଠାରେ ଦେଖିବାକୁ ମିଳିଥିଲା। ୧୧୫ ଦିନର ଚିକିତ୍ସା ପରେ ଶିଶୁଟି ଏବେ ନିଜ ଘରକୁ ଫେରିଛି। ଗର୍ଭଧାରଣର ୬ ମାସ ପରେ ମହିଳା ପ୍ରସବ କରିଥିବାବେଳେ ଏପରିସ୍ଥିତିରେ ଶିଶୁ ବଞ୍ଚିବାର ୫୦% ସୁଯୋଗ ଥିବା ଡା. ରାହୁଲ ନାଗପାଲ କହିଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଶିଶୁର ଚିକିତ୍ସା କରାଯାଇଥିଲା।

# ଶରଦ ପାୱାରଙ୍କ ଘରକୁ ଟେକାମାଡ଼



ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଘର ଆଗରେ ଏମ୍‌ଏସ୍‌ଆର୍‌ଟିସି କର୍ମଚାରୀଙ୍କ ବିକ୍ଷୋଭ।

ମୁମ୍ବାଇ,୮।୪ (ଆଇଏଏନ୍‌ଏସ୍)

ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ (ଏମ୍‌ଏସ୍‌ଆର୍‌ଟିସି)ର ଆନ୍ଦୋଳନରତ କର୍ମଚାରୀମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାରଙ୍କ ବାସଭବନରେ ଧସେଇ ପଶିବା ସହ ଟେକା ଓ ଜୋତା ଫିଙ୍ଗିଥିଲେ। ଏମ୍‌ଏସ୍‌ଆର୍‌ଟିସିକୁ ରାଜ୍ୟ ସରକାରରେ ସାମିଲ କରିବା ଦାବିରେ ଉତ୍ୟକ୍ତ କର୍ମଚାରୀମାନେ ପ୍ରଥମ ଥର ପାଇଁ ଏଭଳି ହିଂସାତ୍ମକ ଆନ୍ଦୋଳନ କରିଥିଲେ। ସେମାନେ ମହା ବିକାଶ ଅଘାଡ଼ି ସରକାର ଏବଂ ପାୱାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ପରେ ଆନ୍ଦୋଳନକାରୀଙ୍କ ଏକ ଛୋଟ ଗୋଷ୍ଠୀ ବ୍ୟାରିକେଡ୍ ଭାଙ୍ଗି ପାୱାରଙ୍କ ସିଲ୍‌ଭର ଓକ୍ସ ବିଲ୍ଡିଂ ନିକଟକୁ ଧାଇଁଯାଇ ଢେଲାମାଡ଼ କରିବା ସହ ଜୋତା ଫିଙ୍ଗିଥିଲେ। ପାୱାରଙ୍କ ଝିଅ ତଥା ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ଆନ୍ଦୋଳନକାରୀଙ୍କ ନିକଟକୁ ଆସି ସେମାନଙ୍କୁ ଶାନ୍ତ ହେବା ଲାଗି ଅନୁରୋଧ କରିଥିଲେ। ବୁଝାମଣା ପାଇଁ ସୁଲେ ସେମାନଙ୍କ ସହ ବସିବେ ବୋଲି କହିବା ସତ୍ତ୍ୱେ ଉତ୍ତେଜିତ ଆନ୍ଦୋଳନକାରୀମାନେ କିଛି ଶୁଣି ନ ଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

ପାୱାରଙ୍କୁ ଜେଡ୍-ପ୍ଲସ୍ ସୁରକ୍ଷା ମିଳିଥିବାବେଳେ ଏଭଳି ଅଭୂତପୂର୍ବ ଆକ୍ରମଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୃହ ବିଭାଗ ଏନ୍‌ସିପି ମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲଙ୍କ ହାତରେ ଥିବାବେଳେ ଗୋଇନ୍ଦା ବିଫଳତାକୁ ନେଇ ପ୍ରଶ୍ନ ଉଠିଛି।

# ଆର୍‌ଏସ୍‌ଏସ୍,ମୋଦି ବିରୋଧୀ ଏକାଠି ହୁଅନ୍ତୁ: ରାହୁଲ

ନୂଆଦିଲ୍ଲୀ,୮।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ବିରୋଧ କରୁଥିବା ଦଳଗୁଡ଼ିକ ଏକାଠି ହେବା ଆବଶ୍ୟକ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବାକୁ ହେଲେ ସବୁ ବିରୋଧୀ ମେଣ୍ଟ ମଜଭୁତ ହେବା ଆବଶ୍ୟକ। ଏଥିପାଇଁ ଆଲୋଚନା ଚାଲିଥିବା ରାହୁଲ ଶୁକ୍ରବାର ଆର୍‌ଜେଡି ନେତା ଶରଦ ଯାଦବଙ୍କୁ ଭେଟିବା ପରେ କହିଛନ୍ତି। ରାହୁଲ କଂଗ୍ରେସ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରନ୍ତୁ ବୋଲି ଯାଦବ ଗଣମାଧ୍ୟମକୁ କହିଛନ୍ତି। ଆର୍‌ଜେଡି ନେତା କହିଥିଲେ, ସେ ଦେଶ ପାଇଁ ଚିନ୍ତିତ। ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଇଁ କାର୍ଯ୍ୟ ହେବା ଦରକାର ବୋଲି ସେ ମତ ଦେଇଥିଲେ। ରାହୁଲ ଦଳ ପାଇଁ ଦିନରାତି କାମ କରୁଛନ୍ତି। ତେଣୁ କଂଗ୍ରେସ ତାଙ୍କୁ ଅଧ୍ୟକ୍ଷ କରାଇବା ଉଚିତ ବୋଲି ଯାଦବ କହିଥିଲେ। ଯାଦବ ତାଙ୍କ ଗୁରୁ ବୋଲି ରାହୁଲ କହିଥିଲେ। ଘୃଣାର ପ୍ରସାର ସହ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଉଥିବା କଥାରେ ରାହୁଲ ଆର୍‌ଜେଡି ନେତାଙ୍କ ସହ ଏକମତ ହୋଇଥିଲେ।



ଦିଲ୍ଲୀରେ ଆର୍‌ଜେଡି ନେତା ଶରଦ ଯାଦବଙ୍କୁ ଭେଟୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ବିଜେଡିରେ ହିଞ୍ଜିଳିର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୮।୪(ବ୍ୟୁରୋ)

ହିଞ୍ଜିଳିକାଟୁର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଦେବାନନ୍ଦ ମହାପାତ୍ର ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦେବାନନ୍ଦ ମହାପାତ୍ର ଓ ତାଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ସେ ବିଜେଡିରେ ମିଶିଥିବା କହିଛନ୍ତି। ହିଞ୍ଜିଳିକାଟୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ। ଅନ୍ୟ ସବୁଠି ବି ସେପରି କାମ ଚାଲିଛି। ବିଜେଡିରେ ମାନ, ସମ୍ମାନ ଓ ଅଭିମାନ କାଏମ ରହିବ ବାଲି ମୁଖ୍ୟମନ୍ତ୍ରୀଙ୍କ ସନ୍ଦେଶ ଥିବା ପ୍ରଣବ ପ୍ରକାଶ କହିଛନ୍ତି। ଗତ ୬ ତାରିଖରେ ଦେବାନନ୍ଦ ଭାଜପାର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ୧୯୮୮ରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୦୯ ଓ ୨୦୧୪ରେ ହିଞ୍ଜିଳିକାଟୁ ବିଧାନସଭା ଆସନରେ ଭାଜପାର ବିଧାୟକ ପ୍ରାର୍ଥୀ ଭାବେ ଦେବାନନ୍ଦ ନିର୍ବାଚନ ଲଢ଼ିଥିଲେ।



ମିଶ୍ରଣ ପର୍ବରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦେବାନନ୍ଦ ମହାପାତ୍ର ଓ ଅନ୍ୟ ନେତୃବୃନ୍ଦ।

# ପ୍ରଦୀପ ମୁନି ବିଜେଡିରୁ ନିଲମ୍ବିତ

**ଫୁଲବାଣୀ ଅଫିସ, ୮।୪:** ଫୁଲବାଣୀ ପୌର ପରିଷଦ ନିର୍ବାଚନରେ ଦଳ ବିରୋଧରେ କାମ କରିବା ଅଭିଯୋଗରେ କନ୍ଧମାଳ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମୁନିଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ(ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ଏକ ପ୍ରେସ୍ ବିବୃତିରେ ଏହା ଜଣାଇଛନ୍ତି । ସୂଚନାଯୋଗ୍ୟ, ମୁନି ପୂର୍ବରୁ ଫୁଲବାଣୀ ପୌର ପରିଷଦର କାଉନସିଲର ଥିବା ବେଳେ ତାଙ୍କ ସ୍ତ୍ରୀ ପୌରାଧ୍ୟକ୍ଷ ଥିଲେ। ଚଳିତ ନିର୍ବାଚନରେ ପୌରାଧ୍ୟକ୍ଷା ପଦବୀରେ ନିଜ ସ୍ତ୍ରୀଙ୍କୁ ଟିକେଟ ଦେବା ଲାଗି ପ୍ରଦୀପ ଉଦ୍ୟମ କରିଥିଲେ। ଶେଷ ପର୍ଯ୍ୟନ୍ତ ଟିକେଟ ତାଙ୍କ ସପକ୍ଷରେ ଥିବା ଆଲୋଚନା ହେଉଥିଲା। ହେଲେ ଅନ୍ତିମ ପର୍ଯ୍ୟାୟରେ ଟିକେଟ ମିଳି ନ ଥିଲା । ଏପରିକି ନିଜ ୱାର୍ଡରେ ଦଳୀୟ କାଉନସିଲର ପ୍ରାର୍ଥୀଙ୍କୁ ସେ ଜିତାଇବାରେ ବି ସକ୍ଷମ ହୋଇ ନ ଥିଲେ । ଅପରପକ୍ଷେ ଏହି ପୌର ପରିଷଦ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଜେଡିର ୩ ନଂ ୱାର୍ଡର ପୂର୍ବତନ କାଉନସିଲର ଭାଗବତ ବେହେରା ଓ ୧୦ ନଂ ୱାର୍ଡର ପୂର୍ବତନ କାଉନସିଲର ଶ୍ରୀବତ୍ସ ବେହେରାଙ୍କୁ ଜିଲା ସଭାପତି ସରୋଜ କର୍ଣ୍ଣ ନିଲମ୍ବିତ କରିଥିଲେ ।



# ସବୁ ହିତାଧିକାରୀଙ୍କୁ କେବେ ମିଳିବ ପକ୍କାଘର: ଭାଜପା

ଭୁବନେଶ୍ୱର,୮।୪(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସମସ୍ତଙ୍କୁ ପକ୍କାଘର' ଯୋଗାଇବା ଲାଗି ଦେଖିଥିବା ସ୍ୱପ୍ନକୁ ଧୂଳିସାତ୍ କରିବା ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଷଡ଼ଯନ୍ତ୍ର ଚଳାଇଛନ୍ତି। କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ, ପ୍ରକୃତ ଓ ନିରପେକ୍ଷ ହିତାଧିକାରୀ ତାଲିକା ପ୍ରସ୍ତୁତ ହୋଇପାରିବ ତଥା ଗରିବ ହିତାଧିକାରୀଙ୍କୁ କେବେସୁଦ୍ଧା ପକ୍କାଘର ଆବଣ୍ଟନ ହେବ ତାହାର ସମୟସୀମା ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ଭାଜପା ଦାବି କରିଛି।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଆବାସ ଯୋଜନାରୁ ବାଦ୍ ପଡିଥିବା ଗରିବ ବାସହୀନଙ୍କ ଦରଖାସ୍ତ ଯାଞ୍ଚ କରାଯାଇ କେବେ ସୁଦ୍ଧା ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ସେ କରିଛନ୍ତି। ଏହାସହ ରାଜ୍ୟ ସରକାର କେବଳ ଚୋରି, ଭ୍ରଷ୍ଟାଚାର, ପକ୍ଷପାତିତା, ଅସହିଷ୍ଣୁ ମନୋଭାବ ପ୍ରଦର୍ଶନ କରିଆସୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟର ସାଧାରଣ ଗରିବ ବାସହୀନ ଲୋକଙ୍କ ସ୍ୱାର୍ଥକୁ କୌଣସି ପ୍ରକାରରେ ହତ୍ୟା କରିବାକୁ ଦିଆଯିବ ନାହିଁ। ଆବାସ ବଣ୍ଟନ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଗରିବ ଶ୍ରେଣୀର ଲୋକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟ ରଖି ସେମାନଙ୍କୁ ପ୍ରଥମେ ବାସଗୃହ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ରରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଭାରମ୍ଭ କରିଥିଲେ। ଏବେସୁଦ୍ଧା ୩ କୋଟିରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ ସମ୍ଭବ ହୋଇଛି। ଦେଶର ଗ୍ରାମାଞ୍ଚଳରେ ବାସହୀନଙ୍କ ପାଇଁ ୨.୫୨ କୋଟି ବାସଗୃହ ଓ ସହରାଞ୍ଚଳରେ ୫୮ ଲକ୍ଷ ଗୃହ କାମ ଶେଷ ହୋଇଛି। ଓଡ଼ିଶାରେ ଏବେ ସୁଦ୍ଧା ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୧୬.୮୫ ଲକ୍ଷ ବାସଗୃହ ନିର୍ମାଣ ଶେଷ ହୋଇଛି। ଏହି ଯୋଜନାର ରାଜ୍ୟରେ ସୁଫଳ କାର୍ଯ୍ୟାନ୍ୱୟନ ଲାଗି ଭାଜପା ବାରମ୍ବାର ଆନ୍ଦୋଳନ କରିଛି। ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାକୁ ଗୋଟିଏ ହେଲେ ବାସଗୃହ ଆବଣ୍ଟନ କରା ନ ଯିବା ରାଜ୍ୟ ସରକାରଙ୍କ ରାଜନୈତିକ ଅସହିଷ୍ଣୁ ମନୋଭାବକୁ ସ୍ପଷ୍ଟ କରୁଥିବା ସେ ଅଭିଯୋଗ କରିଛନ୍ତି।


## TPCODL
## TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha

**NOTICE INVITING TENDER**

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee Incl. of GST(Rs.)* | EMD (Rs. Lakh)** | Last date for Payment of Tender Fee |
|---|---|---|---|---|---|
| 1 | Supply of 3ph.Changeover Switch Manual Type | TPCODL/P&S/ 1000000195/22-23 | 5000 | 0.5 | 16-04-2022 |
| 2 | Supply of 33 & 11 KV 3P4W 0.5 accuracy cl. oil cooled CTPT combined Metering Units | TPCODL/P&S/ 1000000188/22-23 | 5000 | 2.0 | 16-04-2022 |
| 3 | Calibration of Equipment | TPCODL/P&S/ 1000000194/22-23 | 5000 | 0.5 | 16-04-2022 |

* MSMEs registered in the State of Odisha shall pay tender fee of Rs.1,000/- including GST.
** EMD is exempted for MSMEs registered in the State of Odisha.
For further details, please visit "Tender" section on TPCODL website https://tpcentralodisha.com.



## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., BOUDH
**(2nd Floor, Collectorate, At/Po/Dist-Boudh, PIN-762014)**
**Dist. Website- www.boudh.nic.in**

**No.1031/2022** **Date:8.04.2022**

**No.CAD-93:**District Manager, Odisha State Civil Supplies Corporation Ltd., Boudh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of paddy from Paddy Purchase Centres (PPC) to rice mills in Boudh district for the KMS 2021-22. |
| 2 | Availability of bid document in the portal | **From dt.12.04.2022** |
| 3 | Last Date / Time for receipt of bids in the portal | **Dt.18.04.2022 upto 5.00 PM** |
| 4 | Date / Time of opening of Technical Bid | **Dt.19.04.2022 at 10.00 AM** |
| 5 | Name and address of the Officer inviting Tender | **District Manager, OSCSC Ltd., Boudh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tenderodisha.gov.in and district website www.boudh.nic.in. Amendments / corrigendum / cancellation / re-tenders etc. if any shall be published only in above websites.

**Sd./- District Manager, OSCSC Ltd., Boudh**
**OIPR-07042/11/0001/2223**



## ତହସିଲଦାରଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା
**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)**

No. F-11: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ୍‌ପାଇଁ ତହସିଲଦାର, ଝାରସୁଗୁଡ଼ାଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule 2016ରେ Form-M ପୂରଣ କରି ତିନି କପି ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି Sealed Cover ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୨୦।୦୪।୨୦୨୨ରିଖ ଅପରାହ୍ନ ୫.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Boxରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। Tender Box ତା୨୧।୦୪।୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ୍ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ଯେଉଁ ଉତ୍ସଗୁଡ଼ିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ଗ୍ରହଣ ହୋଇନଥିବ କିମ୍ବା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ଓ ତୃତୀୟଥର ପାଇଁ ଯଥାକ୍ରମେ ତା୨୫।୦୪।୨୦୨୨ ଓ ୨୮।୦୪।୨୦୨୨ ପୂର୍ବାହ୍ନ ୧୧.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Boxରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ପୂର୍ବ ମତେ ଖୋଲାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website: **"http//www.jharsuguda.nic.in"** ଏବଂ ତହସିଲ କାର୍ଯ୍ୟାଳୟରୁ ପାଇପାରିବେ।

**ତହସିଲଦାର, ଝାରସୁଗୁଡ଼ା**
**OIPR-24127/11/0002/2223**



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: **5895/IND-II-PH-941** ତାରିଖ: **08.04.2022**

**ବିଜ୍ଞାପନ**

No. CAD-96: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଗୁରୁବ୍ରତ ଖଣ୍ଡେଇ ଓଡ଼ିଶାର କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ଜମ୍ବାରା ଗ୍ରାମରେ ୮.୬୨ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବୈତରଣୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୩।୦୫।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଜମ୍ବାରା ଗ୍ରାମ (ହାଟପଡ଼ିଆ ବ୍ରିଜ ଛକ) (ଖାତା ନଂ. ୨୩୪, ପ୍ଲଟ ନଂ. ୧୦୭୨, କିସମ: ବଗାୟତ ଦୁଇ, ୯.୦୦ ଏକର ସ୍ଥାନ)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ. ୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Enviornmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0012/2223** ସ୍ୱା./- ସଦସ୍ୟ ସଚିବ



## ODISHA PUBLIC SERVICE COMMISSION, CUTTACK
**NOTICE**
**No.3287/PSC, Dt.8.4.22**
**(1R-54-21-22) (DR-V)**

**No.D-09:**It is for information of all concerned that, pursuant to the advertisement No. 08 of 2020-2021, **185 (one hundred eighty five)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "Zoology".**

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **25.04.2022, 26.04.2022, 27.04.2022, 28.04.2022, 29.04.2022** & **30.04.2022** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time | PPSAN |
|---|---|---|
| 25.04.2022 | 10.30 A.M. | 00076771, 00090979, 00090987, 00092498, 00093667, 00087598, 00087818, 00091642, 00091691, 00095282, 00099375, 00079369, 00092162, 00088558, 00094494, 00077118, 00090939 & 00097273 = **18 Candidates** |
| | 02.30 P.M. | 00083837,00093009,00092935,00078032,00092903,00092001, 00078110, 00094982,00086546,00079620,00089828,00097428 & 00090932= **13 Candidates** |
| 26.04.2022 | 10.30 A.M. | 00077424,00081082,00081643,00082151,00082165,00086101,00086448, 00086470, 00086499, 00087317, 00087615, 00087798, 00087988, 00088064, 00089010, 00089026, 00089475 & 00089734 = **18 Candidates** |
| | 02.30 P.M. | 00091362,00091706,00092044,00093459,00094235,00094687,00096546,00097165 00077712,00093081,00097160,00086923 & 00088849 = **13 Candidates** |
| 27.04.2022 | 10.30 A.M. | 00090958,00091295,00092215,00092640,00094296,00095588, 00088477, 00086540, 00088869, 00086341, 00090604, 00089305, 00089144, 00095456, 00097124, 00087319, 00093860 & 00085064 = **18 Candidates** |
| | 02.30 P.M. | 00097263,00096668,00082860,00084242,00087300,00025846,00086425 ,00087354, 00087515, 00088071, 00088276, 00088497 & 00088920 = **13 Candidates** |
| 28.04.2022 | 10.30 A.M. | 00089546,00089813,00090853,00091243,00092417,00092654, 00092661, 00092957, 00093180, 00093805, 00094945, 00095136, 00096016,00096078, 00096593, 00098831,00099731 & 00100589 = **18 Candidates** |
| | 02.30 P.M. | 00087602, 00089609, 00076740, 00095186, 00096724, 00091446, 00094646, 00086530, 00091648, 00092310, 00097429, 00095574 & 00082056 = **13 Candidates** |
| 29.04.2022 | 10.30 A.M. | 00086255,00088158, 00089889, 00096417, 00095586, 00080180, 00078219, 00087121, 00071398, 00090263, 00080972, 00090504, 00091084, 00088780,00094231,00089182, 00088148 & 00091266 = **18 Candidates** |
| | 02.30 P.M. | 00087845, 00019363, 00087158, 00088798, 00064588, 00083159, 00089348, 00029321, 00033140, 00053906, 00060512, 00092242 & 00095566 = **13 Candidates** |
| 30.04.2022 | 10.30 A.M. | 00095501, 00016038, 00045004, 00095720, 00077312, 00018671, 00092842, 00088553, 00094726, 00095981, 00088464, 00095220, 00026897, 00046788, 00090287, 0005199'7, 00094854 & 00080511 = **18 Candidates** |
| | 02.30 P.M. | 00079300, 00029416, 00094281, 00097056, 00091497, 00036413, 00063633, 00060552, 00079070, 00015837, 00035144 & 00097078 = **12 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Five passport size **photographs.**
3. **Self-attested** photo copies of all relevant certificates and such other documents etc. with **original** as per Para -9 of the advertisement.
4. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
5. **One set** of xerox copies of published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Sd./-Secretary**
**OIPR-12002/11/0009/2223**


See Career Appointment on every Wednesday & Saturday

**ସଂକ୍ଷେପରେ**

## ଏମ୍ସର ୯ ଛାତ୍ରୀଛାତ୍ରଙ୍କୁ ଆଇସିଏମ୍ଆର୍ ସ୍ନାତକୋତ୍ତର ଗବେଷଣା ବୃତ୍ତି

ଭୁବନେଶ୍ୱର, ୮।୪(ବ୍ୟୁରୋ) ୨୦୨୨ ଜାନୁୟାରୀ ଅଧିବେଶନ ପାଇଁ ସର୍ବଭାରତୀୟ ସ୍ତରରେ ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ସ୍ନାତକୋତ୍ତର ଗବେଷଣା ବୃତ୍ତି ପ୍ରଦାନ କରାଯାଇଛି। ସାରା ଦେଶରୁ ପ୍ରାୟ ୫୦ଜଣ ମେଡିକାଲ ଛାତ୍ରୀଛାତ୍ର ଏହି ମର୍ଯ୍ୟାଦାଜନକ ବୃତ୍ତି ପାଇଥିବାବେଳେ ଏମ୍ସ ଭୁବନେଶ୍ୱରର ୯ଜଣ ରହିଛନ୍ତି। ସେମାନେ ହେଲେ ଅସ୍ଥିଶଲ୍ୟ ବିଭାଗରୁ ଡା. ରାଘବେନ୍ଦ୍ର ଭି ବାଲାଗୋଡ଼, ମାଇକ୍ରୋବାୟୋଲୋଜିରୁ ଡା. ପ୍ରୀତିକା ଗେହଲେଟ, ବାୟୋକେମିଷ୍ଟ୍ରି ବିଭାଗର ଡା. ସୁନକୋଜି ଶ୍ରୁଜନ, ଅଞ୍ଜୁ ଅଶୋକ ଏ କେ, ଭାରତ କୁମାର କୋପିସେଟ୍ଟି ଏବଂ ଡା. ଆଲିଆ ତହସିନ, ସିଏମ୍ଏଫ୍ଏମ୍‌ରୁ ଡା. ଶ୍ରୀଜାନି ମଣ୍ଡଳ, ଫାର୍ମାକୋଲୋଜି ବିଭାଗର ଡା. ଗୋବିନ୍ଦ ମିଶ୍ର ଏବଂ ଡା. ଶମ୍ପା ମାଜି ଏମ୍ସ ଭୁବନେଶ୍ୱରର ଡା. ସୁଜିତ କୁମାର ତ୍ରିପାଠୀ, ଡା. ବିନୟ କୁମାର ହାଲୁର, ଡା. ସୁଚନ୍ଦ ସାହୁ, ଡା. ଗୌତମ କୁମାର ସାହାରିଆ, ଡା. ପ୍ରକୃତି ଦାଶ, ଡା. ସୁଚିତ୍ରା କୁମାରୀ, ଡା. ପ୍ରିୟମାଧବ ବେହେରା, ଡା. ଦେବାଶିଷ ହୋତା ଏବଂ ଡା. ରିତୁପର୍ଣ୍ଣ ମାଇତି ପ୍ରମୁଖ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଗାଇଡ୍ ଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ, ମେଡିକାଲ ଅଧୀକ୍ଷକ ଡା. ଏସ୍. ଏନ୍. ମହାନ୍ତି ପ୍ରମୁଖ ଏହି ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଗାଇଡ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରତି ୬ ମାସରେ ୪୫ ମେଡିକାଲ ଏବଂ ୫-୬ ଡେଣ୍ଟାଲ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଏହି ଗବେଷଣା ବୃତ୍ତି ପ୍ରଦାନ କରାଯାଇଥାଏ। ଦେଶର ବିଭିନ୍ନ ମେଡିକାଲ କଲେଜରୁ ହଜାର ହଜାର ଛାତ୍ରୀଛାତ୍ର ଏନେଇ ଆବେଦନ କରିଥାଆନ୍ତି।

## ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ଦେଓଗାଁ, ୮।୪ (ଡି.ଏନ୍.ଏ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉ ଏକ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ର୍ୟାକେଟ୍‌କୁ ଧରିଛି। ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ସହାୟତାରେ ଏସ୍‌ଟିଏଫ୍ ଟିମ୍ ବଲାଙ୍ଗୀର ଜିଲା ତୁସୁରା ଥାନା ଅଇଁଆପଲ୍ଲୀ ଗ୍ରାମ ନିକଟ ରାସ୍ତାରେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧ କେଜି ଓଜନର ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବଲାଙ୍ଗୀର ଜିଲା ସଦର ଥାନା ଅନ୍ତର୍ଗତ ଖଲିଆପଲ୍ଲୀ ଗ୍ରାମର ହେମାସାଗର ମହାନନ୍ଦ ଓ ତୁସୁରା ଥାନା ଅଇଁଆପଲ୍ଲୀ ଗ୍ରାମର ଲକ୍ଷ୍ମୀଧର ନାୟକ। ଗିରଫ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ବଲାଙ୍ଗୀର ବନ ବିଭାଗକୁ ଓ ସୁରକ୍ଷା ପାଇଁ ବଜ୍ରକାପ୍ତାକୁ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବଜ୍ରକାପ୍ତା କେଉଁଠୁ ଆଣିଲେ, କାହାକୁ ବିକ୍ରି କରିଥାନ୍ତେ, ଏହା ପୂର୍ବରୁ କେତୋଟି ବଜ୍ରକାପ୍ତାକୁ ବିକ୍ରି କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନ ବିଭାଗ ତଦନ୍ତ ଜାରି ରଖିଛି। ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ବନ୍ୟଜନ୍ତୁ ଶିକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚାଲୁ ରହିଛି। ଏଯାବତ୍ ୨୬ ବାଘଛାଲ, ୧୫ ହାତୀଦାନ୍ତ, ୭ ହରିଣ ଛାଲ, ୧୨ ଜୀବନ୍ତ ବଜ୍ରକାପ୍ତା, ୨୩.୫ କେଜି ବଜ୍ରକାପ୍ତା କାତି, ୨ ବାଘ ଦାନ୍ତ, ୨୯ ବାଘ ନଖ, ୪୬ ଜୀବନ୍ତ ଶୁଆ ଜବତ କରାଯିବା ସହ ସମ୍ପୃକ୍ତ ୬୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା
## କୋର୍ଟରେ ହାଜର ହେଲେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର

ପାଟଣାଗଡ,୮।୪ (ଡି.ଏନ୍.ଏ.)- ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଶୁକ୍ରବାର ପାଟଣାଗଡ ଅତିରିକ୍ତ ଜିଲାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ଅନୁପସ୍ଥିତ ଥିବାରୁ ପୁଞ୍ଜିଲାଲଙ୍କୁ କନିଷ୍ଠ ଦୌରାଜଜ୍ ପାଟଣାଗଡଙ୍କ ଠାରେ ହାଜର କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୩ ତାରିଖ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ ବ୍ଲକ ଛକ ବାସିନ୍ଦା ଅଧାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିଲା। ବୋମା ବିସ୍ଫୋରଣରେ ଅଧାପକ ସାହୁଙ୍କ ନବବିବାହିତ ପୁତ୍ର ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ।

# ମାର୍ଚ୍ଚ ୩୧ ସୁଦ୍ଧା ୫୭,୨୨,୩୦୪ ଏମ୍‌ଟି ଖରିଫ ଧାନ ସଂଗ୍ରହ

ଭୁବନେଶ୍ୱର,୮।୪(ବ୍ୟୁରୋ)

ରାଜ୍ୟରେ ୨୦୨୨ ମାର୍ଚ୍ଚ ୩୧ରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ଶେଷ ହୋଇଛି। ଏହି ସମୟରେ ୫୭ ଲକ୍ଷ ୨୨ ହଜାର ୩୦୪ ମେଟ୍ରିକ୍ ଟନ(ଏମ୍‌ଟି) ଧାନ ସଂଗ୍ରହ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ଚାଷୀଙ୍କ ନିକଟରୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ପ୍ରଦାନ କରି ୧୧ ହଜାର ୧୦୧ କୋଟି ୨୭ ଲକ୍ଷ ଟଙ୍କାର ଖରିଫ ଧାନ ସଂଗ୍ରହ କରାଯାଇଛି। ସମସ୍ତ ୩୦ ଜିଲାରୁ ଧାନ ସଂଗ୍ରହ କରାଯାଇଥିବାବେଳେ ଯାଞ୍ଚ ହୋଇଥିବା ଚାଷୀଙ୍କ ମଧ୍ୟରୁ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ସେମାନଙ୍କର ଖରିଫ୍ ଧାନ ବିକ୍ରୟ କରିଛନ୍ତି। ତନ୍ମଧ୍ୟରେ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ୪ ଲକ୍ଷ ୭୦ ହଜାର କ୍ଷୁଦ୍ର ଏବଂ ୬ ଲକ୍ଷ ୨୨ ହଜାର ନାମମାତ୍ର ଚାଷୀ ଖରିଫ ଧାନ ବିକ୍ରି କରିଛନ୍ତି।

୨୦୨୦-୨୧ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ୧୧ ଲକ୍ଷ ୯୧ ହଜାର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୨୧-୨୨ରେ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି କରିଛନ୍ତି। ୨୦୧୮-୧୯ ତୁଳନାରେ ୨୦୧୯-୨୦, ୨୦୨୦-୨୧ ଏବଂ ୨୦୨୧-୨୨ ଖରିଫ ବର୍ଷରେ ଧାନ ସଂଗ୍ରହରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଭାଗୀଦାରିତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ୨୦୧୮-୧୯ରେ ୫ ଲକ୍ଷ ୬୦ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୧୯-୨୦ରେ ୭ ଲକ୍ଷ ୨୨ ହଜାର, ୨୦୨୦-୨୧ରେ ୯ ଲକ୍ଷ ୭ ହଜାର ଏବଂ ୨୦୨୧-୨୨ରେ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଛନ୍ତି। ୨୦୧୮-୧୯ ବର୍ଷର ଖରିଫ୍ ଧାନ ସଂଗ୍ରହ ତୁଳନାରେ ୨୦୨୧-୨୨ ଖରିଫ୍ ଧାନ ସଂଗ୍ରହରେ ୯୫ ପ୍ରତିଶତ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି । ସେହିପରି ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ୨୦ ପ୍ରତିଶତ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରି କରିଛନ୍ତି। ସୂଚନାଯୋଗ୍ୟ, ଅଧିକ ଖରିଫ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼, କଳାହାଣ୍ଡି, ଗଞ୍ଜାମ, ସୁବର୍ଣ୍ଣପୁର, ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, କୋରାପୁଟ ଓ ବାଲେଶ୍ୱର ରହିଛି।



ରମଜାନ ମାସର ପ୍ରଥମ ଶୁକ୍ରବାରରେ ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦରେ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରୁଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୮।୪

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର କନ୍ଧମାଳ ଜିଲା ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଅତିରିକ୍ତ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି । ଏହା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡା ଥାନା ଅଞ୍ଚଳର ପ୍ରସନ୍ନ କୁମାର ବେହେରା(୫୫) । ୨୦୧୮ ଜୁଲାଇ ୪ରେ ଏହି ଥାନା ଅଞ୍ଚଳର ଜଣେ ୮ ବର୍ଷୀୟା ନାବାଳିକା ଘର ପାଖରେ ଥିବା ନଳକୂପରେ ଗାଧୋଉଥିଲେ। ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ପ୍ରସନ୍ନ ତାଙ୍କ ମୁହଁରେ ଏକ ଟାୱେଲ ପକାଇ ସେଠାରୁ ନିଜ ଘରକୁ ଟେକି ନେଇ ବଳାତ୍କାର କରିଥିଲେ । ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଝିଅକୁ ଘର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ସାଢ଼େ ୧୦ଟା ବେଳେ ନାବାଳିକା ଜଣକ ଘରକୁ ଫେରି ଘଟଣା ବିଷୟରେ ପରିବାର ଲୋକଙ୍କୁ କହିଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ. ୫୪/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରସନ୍ନଙ୍କୁ ଗିରଫ କରିଥିଲା। ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ବାଘଛାଲ ଜବତ: ୩ ଗିରଫ



ଖବରଦାତା ସମ୍ମିଳନୀରେ ୩ ଅଭିଯୁକ୍ତ।

ଦେବଗଡ଼, ୮।୪ (ଡି.ଏନ୍.ଏ.)

ଦେବଗଡ଼ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବାଘଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଣ୍ଢେଇଗୋଳା ଥାନା ଖଣ୍ଡାଧୂଆଁ ଗ୍ରାମର ରଞ୍ଜିତ ନାଏକ, ସମ୍ବାରୁ ନାୟକ ଓ କୁଚିଣ୍ଡା ଥାନା କରଙ୍ଗାମାଲ ଗ୍ରାମର ବିଷ୍ଣୁ ଲୁହୁରା। ସେମାନଙ୍କ ନିକଟରୁ ପୋଲିସ ଚିତାବାଘ ଛାଲ, ନଖ ଓ ବିଦ୍ୟୁତ୍ ତାର ଜବତ କରିଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି। ଖଣ୍ଡାଧୂଆଁ ଗ୍ରାମର କେତେକ ବ୍ୟକ୍ତି ଗୁରୁବାର ବିଦ୍ୟୁତ୍ ତାର ଦ୍ୱାରା ଏକ ଚିତାବାଘ ଶିକାର କରି ତା ଛାଲ ଓ ନଖକୁ ବିକ୍ରି ଲାଗି ଯୋଜନା କରୁଥିବା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇଥିଲା। ଏହି ଖବର ପାଇ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ କୁଣ୍ଢେଇଗୋଳା ଥାନା କର୍ମଚାରୀଙ୍କ ସହ ମିଶି ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। କୁଣ୍ଢେଇଗୋଳା ଥାନାରେ ଏନେଇ ଏକ ମାମଲା (ନଂ. ୧୨୦/୨୨) ରୁଜୁ ହୋଇଛି।

## ୧୦ରୁ ଭୁବନେଶ୍ୱର ନୂଆ ଷ୍ଟେଶନରେ ରହିବ ୪ ଯୋଡ଼ା ଟ୍ରେନ

ଭୁବନେଶ୍ୱର, ୮।୪(ବ୍ୟୁରୋ)

ଯାତ୍ରୀଙ୍କ ସୁବିଧା ପାଇଁ ରେଳପଥ ପକ୍ଷରୁ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ନୂତନ ଷ୍ଟେଶନରେ ପର୍ଯ୍ୟାୟକ୍ରମେ ୪ ଯୋଡ଼ା ଟ୍ରେନର ରହଣି କରିବ। ବିଶେଷ ଟ୍ରେନ ଭାବେ ଚଳାଚଳ କରୁଥିବା ପୁରୀ-କଟକ-ପୁରୀ ପାସେଞ୍ଜର ଏବଂ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର (ବର୍ତ୍ତମାନ ଖୋର୍ଦ୍ଧା ରୋଡ଼ ଓ କେନ୍ଦୁଝରଗଡ଼ ମଧ୍ୟରେ ଚଳାଚଳ କରୁଛି) ଟ୍ରେନଗୁଡ଼ିକ ଆସନ୍ତା ୧୦ ତାରିଖରୁ ଅଟକିବ। ପୁରୀ-କଟକ-ପୁରୀ ମେମୁ (୬୮୪୧୬/୬୮୪୧୫) ଭୁବନେଶ୍ୱର ନୂଆ ଷ୍ଟେଶନଠାରେ ପୂର୍ବାହ୍ନ ୧୦ଟା ୦୫ରେ ପହଞ୍ଚି ପୂର୍ବାହ୍ନ ୧୦ଟା ୬ରେ କଟକ ଆଡକୁ ଯିବ। କଟକରୁ ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରି ଭୁବନେଶ୍ୱର ନୂଆ ରେଳ ଷ୍ଟେଶନରେ ଅପରାହ୍ନ ୫ଟା ୨୦ମିନିଟ୍‌ରେ ପହଞ୍ଚି ୫ଟା ୨୧ରେ ପୁରୀ ଅଭିମୁଖେ ଯାତ୍ରା କରିବ। ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ମେମୁ (୬୮୪୨୬/୬୮୪୨୫) ଭୁବନେଶ୍ୱର ନୂଆ ଷ୍ଟେଶନରେ ଅପରାହ୍ନ ୪ଟା ୫୪ରେ ପହଞ୍ଚି ୪ଟା ୫୫ରେ କେନ୍ଦୁଝରଗଡ଼ ଅଭିମୁଖେ ଯାତ୍ରା କରିବ। କେନ୍ଦୁଝରଗଡ଼ରୁ ଏହି ଟ୍ରେନ ବାହାରି ଭୁବନେଶ୍ୱର ନୂଆ ଷ୍ଟେଶନଠାରେ ପୂର୍ବାହ୍ନ ୧୦ଟା ୧୪ରେ ପହଞ୍ଚି ପୂର୍ବାହ୍ନ ୧୦ଟା ୧୫ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଅପରପକ୍ଷେ ପଲାସା-କଟକ-ପଲାସା ପାସେଞ୍ଜର ଏବଂ ଖଡ଼ଗ୍‌ପୁର-ଖୋର୍ଦ୍ଧା ରୋଡ଼-ଖଡ଼ଗ୍‌ପୁର ଫାଷ୍ଟ ପାସେଞ୍ଜର ଟ୍ରେନକୁ ଭୁବନେଶ୍ୱର ନୂତନ ଷ୍ଟେଶନରେ ରହଣି ପାଇଁ ସ୍ଥିର କରାଯାଇଛି। ପଲାସା-କଟକ-ପଲାସା ପାସେଞ୍ଜର (୫୮୫୩୪/୫୮୫୩୩) ଭୁବନେଶ୍ୱର ନୂଆ ଷ୍ଟେଶନରେ ସକାଳ ୯ଟା ୫୪ରେ ପହଞ୍ଚି ୯ଟା ୫୫ରେ କଟକ ଆଡକୁ ଯିବ। କଟକରୁ ଏହି ଟ୍ରେନ ବାହାରି ଭୁବନେଶ୍ୱର ନୂଆ ଷ୍ଟେଶନଠାରେ ଅପରାହ୍ନ ୪ଟା ୩୮ରେ ପହଞ୍ଚି ୪ଟା ୩୯ରେ ପଲାସା ଅଭିମୁଖେ ଯାତ୍ରା କରିବ। ସେହିପରି ଖଡ଼ଗ୍‌ପୁର ଠାରୁ ୫୮୦୦୫/୫୮୦୦୬ ଖଡ଼ଗପୁର-ଖୋର୍ଦ୍ଧା ରୋଡ଼-ଖଡ଼ଗ୍‌ପୁର ଫାଷ୍ଟ ପାସେଞ୍ଜର ଭୁବନେଶ୍ୱର ନୂଆ ଷ୍ଟେଶନ ଠାରେ ପୂର୍ବାହ୍ନ ୧୦ଟା ୫୪ରେ ପହଞ୍ଚି ୧୦ଟା ୫୫ରେ ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯାତ୍ରା କରିବ। ଖୋର୍ଦ୍ଧା ରୋଡ଼ରୁ ଏହି ଟ୍ରେନ ଭୁବନେଶ୍ୱର ନୂଆ ଷ୍ଟେଶନଠାରେ ଅପରାହ୍ନ ୫ଟା ୨୯ରେ ପହଞ୍ଚି ଖଡ଼ଗ୍‌ପୁର ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ଦିଆଯାଇଛି।

# ରାଜ୍ୟରେ ଆରମ୍ଭ ହେବ 'ମାଇଣ୍ଡ୍ ୱାର୍ସ' ଶିକ୍ଷା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୪(ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ଜ୍ଞାନର ବିକାଶ ନିମନ୍ତେ ଓଡ଼ିଶାରେ 'ମାଇଣ୍ଡ୍ ୱାର୍ସ' ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବ। ରାଜ୍ୟର ପ୍ରାୟ ୬୪,୦୦୦ରୁ ଅଧିକ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ପରିଚାଳନା କରୁଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) ଏବଂ ଜିଇ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ ଲିମିଟେଡ୍ ଦ୍ୱାରା 'ମାଇଣ୍ଡ ୱାର୍ସ' ଅନୁଷ୍ଠାନ ସହଯୋଗିତାରେ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଦେଶର ପ୍ରାୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ପ୍ରାୟ ୨୮ହଜାର ବିଦ୍ୟାଳୟର ୨ କୋଟିରୁ ଅଧିକ ପିଲାଙ୍କ ନିକଟରେ 'ମାଇଣ୍ଡ୍ ୱାର୍ସ'ର ଶିକ୍ଷା କାର୍ଯ୍ୟକ୍ରମ ପହଞ୍ଚିପାରିଛି। ଏହି ଅନୁଷ୍ଠାନ ପିଲାଙ୍କ ଜ୍ଞାନର ବିକାଶ ନିମନ୍ତେ ପ୍ରାୟ ଦୁଇ ଲକ୍ଷରୁ ଅଧିକ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରି ରାଜ୍ୟ ତଥା କେନ୍ଦ୍ରରେ ବ୍ୟାପକ ଭାବେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିପାରିଛି। ଉଭୟ 'ଓସେପା' ଏବଂ 'ମାଇଣ୍ଡ ୱାର୍ସ' ସହଭାଗିତା ଓ ସହଯୋଗିତା ଆମ ରାଜ୍ୟର ହଜାର ହଜାର ପିଲାଙ୍କ ନିମନ୍ତେ ଏକ ବୃହତ୍ ସୁନ୍ଦର ଉପାଦେୟ ଜ୍ଞାନର ଭଣ୍ଡାର ଓ ପରିବେଶ ସୃଷ୍ଟି କରିବ ଏବଂ କୁଇଜ୍ ଓ ଅନ୍ୟାନ୍ୟ ପ୍ରତିଯୋଗିତା ନିମନ୍ତେ ପିଲାଙ୍କ ମନରେ ଆଗ୍ରହ ତଥା ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିପାରିବ ବୋଲି ବିଭାଗ ଆଶା ରଖିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ମାଇଣ୍ଡ ୱାର୍ସ' ଅନୁଷ୍ଠାନ ମାଗଣାରେ ତା'ର ଶିକ୍ଷା ଉପକରଣଗୁଡ଼ିକୁ ଡାଉନ୍‌ଲୋଡ୍ କରିବାର ସୁବିଧା ଯୋଗାଇ ଦେବା ସହ ପିଲାମାନଙ୍କୁ ପୁରସ୍କାର, ସାର୍ଟିଫିକେଟ୍ ଆଦି ପ୍ରଦାନ କରି ରାଜ୍ୟସ୍ତରରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି।

# ଭାଜପା କୃଷକ ମୋର୍ଚ୍ଚାର ନୂଆ ଜିଲା ପ୍ରଭାରୀ

ଭୁବନେଶ୍ୱର,୮।୪ (ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ କୃଷକ ମୋର୍ଚ୍ଚା ଜିଲା ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଛି। ଏନେଇ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ସୂଚନା ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲା ପାଇଁ ରାମଚନ୍ଦ୍ର ପାତ୍ର, ବାଲେଶ୍ୱର ଜିଲା ପାଇଁ ସରୋଜ ମଲ୍ଲିକ, ବରଗଡ ପାଇଁ ମନୋରଞ୍ଜନ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଭଦ୍ରକ ଜିଲା ପାଇଁ ଶ୍ରୀଧର ସାହୁ ଓ ବଲାଙ୍ଗୀର ପାଇଁ ବିଶ୍ୱଜିତ୍ ସ୍ୱାଇଁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବୌଦ୍ଧ ପାଇଁ ଚନ୍ଦ୍ରଶେଖର ପଣ୍ଡା, କଟକ ସହର ପାଇଁ ପ୍ରଶାନ୍ତ ଗଣ୍ଡିଆ, କଟକ ସଦର ପାଇଁ ଶ୍ରୀରଞ୍ଜନ ମଙ୍ଗରାଜ, ଦେବଗଡ଼ ପାଇଁ କିଶୋର ସୂତାର, ଢେଙ୍କାନାଳ ପାଇଁ ହୃଷୀକେଶ ଜେନା, ଗଜପତି ପାଇଁ ଭଗବାନ ପଣ୍ଡା, ଗଞ୍ଜାମ ପାଇଁ ପ୍ରଦୀପ ସାହୁ, ଘୁମୁସର ପାଇଁ ରାଜେଶ କୁମାର ସାହୁ, ଜଗତ୍‌ସିଂହପୁର ପାଇଁ ଦୁର୍ଯ୍ୟୋଧନ ସାହୁ, ଯାଜପୁର ପାଇଁ ତୁଷାର ଚକ୍ରବର୍ତ୍ତୀ, ଝାରସୁଗୁଡା ପାଇଁ ଉପାଧ୍ୟାୟ ପାଣିଗ୍ରାହୀ, କଳାହାଣ୍ଡି ଲକ୍ଷ୍ମଣ ବାଗ୍ ଯାଦବ ଓ କନ୍ଧମାଳ ପାଇଁ ସୁନୀଲ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡା ପାଇଁ ସତ୍ୟବାଦୀ ଚଇନି, କେନ୍ଦୁଝର ପାଇଁ ତ୍ରିପୁରା ଦେହୁରୀ, ଖୋର୍ଦ୍ଧା ପାଇଁ ହିତେଶ୍ ମହାପାତ୍ର, କୋରାପୁଟ ପାଇଁ ଶ୍ରୀକାନ୍ତ ହୋତା, ମାଲକାନଗିରି ପାଇଁ ବିପଦ ଭଞ୍ଜନ ଦାସ, ମୟୂରଭଞ୍ଜ (ରାଇରଙ୍ଗପୁର ଓ ବାରିପଦା) ପାଇଁ ରାଧାକାନ୍ତ ମହନ୍ତ, ନବରଙ୍ଗପୁର ପାଇଁ ଦେବ ପ୍ରସାଦ ସିଂହଦେଓ, ନୟାଗଡ ପାଇଁ କାମାକ୍ଷା ପ୍ରସାଦ ପ୍ରଧାନ, ନୂଆପଡା ପାଇଁ ଗୋବର୍ଦ୍ଧନ ଅଗ୍ରୱାଲ୍, ପୁରୀ ପାଇଁ ସନ୍ତୋଷ ପ୍ରଧାନ, ସମ୍ବଲପୁର ପାଇଁ କୈଳାସ ଚନ୍ଦ୍ର ରଥ, ସୁବର୍ଣ୍ଣପୁର ପାଇଁ ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁନ୍ଦରଗଡ ଜିଲା ପାଇଁ ଶ୍ରୀକୃଷ୍ଣ ପରିଡା, ସୁନ୍ଦରଗଡ (ବଣାଇ) ପାଇଁ କୈଳାସ ଚନ୍ଦ୍ର ରାଉତ ଓ ସୁନ୍ଦରଗଡ (ପାନପୋଷ) ପାଇଁ ପ୍ରଦୀପ କୁମାର ମହନ୍ତଙ୍କ ନାମକୁ କୃଷକ ମୋର୍ଚ୍ଚା ଜିଲା ପ୍ରଭାରୀ ଦାୟିତ୍ୱ ଦିଆଯାଇଛି।

## କାଳବୈଶାଖୀ: ଗଛ ପଡ଼ି ଘର ଭାଙ୍ଗିଲା

ପାଟଣା, ୮।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଏକ ଗଛ ଭାଙ୍ଗି ପଡ଼ିବାରୁ ବୁଢ଼ୀକାପୁଡ଼ି ପଞ୍ଚାୟତ ତେନ୍ତେଳା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ସମୟରେ ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ତାଙ୍କ ଘର ନିକଟରେ ଥିବା ଏକ କୁକୁଡ଼ା ଫାର୍ମର ଆଜ୍‌ବେଷ୍ଟସ ଛପର ଉଡ଼ିଯାଇଛି। ପୂର୍ଣ୍ଣଚନ୍ଦ୍ର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ମନେ ପଡ଼ନ୍ତି
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୬ଡାକ୍ତର ଦୌପଦୀ ଦେବୀ
(ଅବସରପ୍ରାପ୍ତ ପ୍ରଫେସର)
ଶ୍ରୀରାମଚନ୍ଦ୍ର ମେଡ଼ିକାଲ କଲେଜ, କଟକ
ଆବିର୍ଭାବ: ୧୮.୦୫.୧୯୩୯
ତିରୋଧାନ : ୨୪.୦୩.୨୦୧୮
ଆପଣ ଥିଲେ ଯୋଗଜନ୍ମା ଦେବୀପ୍ରତିମା। ସମସ୍ତଙ୍କୁ ଭଲ ପାଉଥିଲେ, ନିଜର କରିଥିଲେ। ଆପଣଙ୍କ ବିହୁନେ ଆପଣଙ୍କ ପରିବାର, ସୁପ୍ରତିଷ୍ଠିତ ଦେବୀ ନର୍ସିଂହୋମର ଅଗଣିତ ରୋଗୀ ଆପଣଙ୍କୁ ସଜଳ ନୟନରେ ଝୁରୁଛନ୍ତି। ଆପଣଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ କୃପାରୁ ଆପଣ ଶାନ୍ତିରେ ରୁହନ୍ତୁ, ଏତିକି ସମସ୍ତଙ୍କ ପ୍ରାର୍ଥନା।
ଶୋକସନ୍ତପ୍ତ: ଜୀବନସାଥୀ-ଲଳିତ ମିଶ୍ର, ପୁତ୍ର-ଡଃ ତୁଷାର ଓ ଡଃ ସାଗର, ବୋହୂ-ଡଃ ସସ୍ମିତା, ଓ ପ୍ର. ସ୍ୱାତୀ, ନାତିନାତୁଣୀମାନେ।
ଧ-୦୭୧

# ପର ହେଲେ ପୋଲିଓ ଆକ୍ରାନ୍ତ ଶିଶୁ

ଢେଙ୍କାନାଳ ଅଫିସ୍, ୮।୪

ସନ୍ତାନ ଉପରକୁ ସାମାନ୍ୟ ବିପଦ ଆସିଲେ ଛାତି ଦେଖାଇ ଛିଡ଼ା ହୁଅନ୍ତି ମା'ବାପା। ମା'ର ପଣତକାନି ତଳେ ନିଜକୁ ବେଶ୍ ସୁରକ୍ଷିତ ମଣେ ଶିଶୁ। ବାପାଙ୍କ ଅନୁଶାସନରେ ବଡ଼ ହୁଏ। ହେଲେ ଜଣେ ମାନସିକ ଅନଗ୍ରସର ପୋଲିଓ ଆକ୍ରାନ୍ତ ଦିବ୍ୟାଙ୍ଗ ଶିଶୁପୁତ୍ରଙ୍କୁ ପର କରିଦେଇଛି ପରିବାର। ଉହଡ଼ହ ଖରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ରାହା ଧରି କାନ୍ଦୁଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ଅବୋଧ ଶିଶୁକୁ ଉଦ୍ଧାର କରିଛନ୍ତି ପ୍ରଶାସନିକ ଅଧିକାରୀ। ଢେଙ୍କାନାଳ ସହରରେ ଶୁକ୍ରବାର ଘଟିଥିବା ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା। ଜିଲା କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା ହୃଦୟ ବିଦାରକ ଦୃଶ୍ୟ। ଅଫିସ୍ ବାରଣ୍ଡାରେ ଅସହାୟ ଅବସ୍ଥାରେ ପଡ଼ିରହିଥିଲେ ଜଣେ କୋମଳମତି ଶିଶୁ। ରାହା ଧରି କାନ୍ଦୁଥିଲେ ବି ଛିଡ଼ା ହୋଇପାରୁ ନ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଏବଂ ସେଠାରେ ଉପସ୍ଥିତ କେତେଜଣ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରିଥିଲେ। ଦୀର୍ଘ ସମୟ ଯାଏ ଛୁଆକୁ ନେବାକୁ କେହି ନ ଆସିବାରୁ ତାଙ୍କୁ କେହି ଛାଡ଼ି ଚାଲିଯାଇଥିବା ସ୍ପଷ୍ଟ ହୋଇଥିଲା।

ଶିଶୁଟିର ଆନୁମାନିକ ବୟସ ୩ରୁ ୪ବର୍ଷ ମଧ୍ୟରେ ହେବ। ପୋଲିଓ ଆକ୍ରାନ୍ତ କାରଣରୁ ତାଙ୍କ ଦୁଇ ଗୋଡ଼ ଅଚଳ। ସେ ଚାଲିପାରୁନାହାନ୍ତି। ମାନସିକ ଅବସ୍ଥା ମଧ୍ୟ ଠିକ୍ ନାହିଁ। କେହି ଜଣେ କୌଶଳକ୍ରମେ ଜିଲା କାର୍ଯ୍ୟାଳୟ ବାରଣ୍ଡାରେ ଶିଶୁକୁ ଶୁଆଇଦେଇ ଛୁ' ମାରିଛନ୍ତି। ଘଟଣାସ୍ଥଳରୁ ଏକ ବ୍ୟାଗ୍ ମିଳିଛି। ସେଥିରେ କିଛି କାଗଜପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଅଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ ପ୍ରମୁଖ ପହଞ୍ଚି ଶିଶୁକୁ ହେପାଜତକୁ ନେଇଛନ୍ତି। ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯିବା ପରେ ତାକୁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ଶିଶୁଗୃହରେ ରଖାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଛି। ଅନ୍ୟପଟେ ସମ୍ପୃକ୍ତ ଶିଶୁ ଜଣକ ସିମିଳଇ ଅଞ୍ଚଳର ବୋଲି ବ୍ୟାଗ୍‌ରୁ ଉଦ୍ଧାର କାଗଜପତ୍ରରୁ ସୂଚନା ମିଳିଛି। ସେହିପରି ତାଙ୍କ ମା'ବାପା ସଦର ବ୍ଲକ କଙ୍କଡ଼ାହାଡ଼ ଅଞ୍ଚଳର ଏକ କାଜୁ ଫ୍ୟାକ୍ଟ୍ରିରେ କାମ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିବା ପରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଶିଶୁଟିର ମା'ବାପା କିଏ ତାହାର ତଦନ୍ତ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି।



ଉଦ୍ଧାର ଭିନ୍ନକ୍ଷମ ଶିଶୁ।

**ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରୁ ଅସହାୟ ଅବସ୍ଥାରେ ଉଦ୍ଧାର**

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦୃଶ୍ୟ: ତେର

ଗଳ୍ପ

**ବିପ୍ଳବ**

**ମୁ**ହଁର ଦାଢ଼ି ଆଉ ମୁଛକୁ ଭଲକରି ସାଉଁଳିଦେଲେ ସାନୁ ଦାସ। ଦର୍ପଣ ସାମ୍ନାରେ ଭଲ କରି ଆଉଥରେ ନିଜକୁ ପରଖିନେଲେ ଚରିତ୍ର ଅନୁଯାୟୀ ମେକପ୍ ଠିକ୍ ଅଛି କି ନାହିଁ। ପାନିଆ ଧରି ବୁଟିକୁ ସାଇଜ୍ କରି କୁଣ୍ଡେଇଦେଲେ। ଗ୍ରୀନ୍‌ରୁମ୍‌ରୁ ସାମାନ୍ୟ ପରଦା ହଟେଇ ଦେଖିଲେ ଦର୍ଶକ ଭରପୂର। କୋଭିଡ୍ କଟକଣା ସତ୍ତ୍ୱେ ଦର୍ଶକମାନେ ସମସ୍ତେ ନିୟମ ମାନି ଯାତ୍ରା ଦେଖିବା ପାଇଁ ଆସିଯାଇଛନ୍ତି। ସତରେ ଉତ୍କର୍ଷ କଳାର ଦେଶ ଉତ୍କଳ। ଏଇ କଥା ମନେପକେଇ ନିଜକୁ ଧନ୍ୟବାଦ ଦେଲେ ସେ।

କଳା ତାଙ୍କ ରକ୍ତରେ ରହିଛି। ତାଙ୍କ ବାପା ଜଣେ ପ୍ରସିଦ୍ଧ ପାଲା ଗାୟକ। ଆଖପାଖ ମୌଜାରେ ନୁହେଁ, ସମଗ୍ର ଉତ୍କଳ ଭୂଖଣ୍ଡରେ ଊଣାଅଧିକେ ପାଲାପ୍ରେମିଏ ତାଙ୍କ ନାଁ ଶୁଣିଥିବେ। ବୟସର ସାୟାହ୍ନରେ ସେ ପାଲା ଛାଡ଼ି ଦେଇଥିଲେ ବି ଏବେ ମଧ ବିଭିନ୍ନ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ ତାଙ୍କୁ ମନେପକାନ୍ତି। ରାତି ରାତି ଅନିଦ୍ରା ହୋଇ ସେ ବାଦୀପାଲା କରନ୍ତି ଆଉ ଶେଷରେ ମୁକୁଟ ପିନ୍ଧି ଆସନ୍ତି। ଏବେ ବି ଡିଡି-୧ ଚ୍ୟାନେଲରେ ତାଙ୍କ ଅଭିନୀତ ପାଲା ବେଳେବେଳେ ଦୃଶ୍ୟମାନ ହୁଏ। ସେ ସିନା ପାଲା ଗାୟକ ହୋଇପାରିଲେନି, ହେଲେ ବାପାଙ୍କ ପରି ସାଉଁଟିଛନ୍ତି ଯଥେଷ୍ଟ ତାଳି, ଶ୍ରଦ୍ଧା ଓ ସମ୍ମାନ। ଜଣେ ଚରିତ୍ର ଅଭିନେତା ଯାତ୍ରା କଳାକାର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ନାଟ୍ୟକାର ଆଉ ନିର୍ଦ୍ଦେଶକମାନେ ଗୋଟିଏ ଗୋଟିଏ ବହିର ସମ୍ପୂର୍ଣ୍ଣ ଭାର ତାଙ୍କ କାନ୍ଧରେ ରଖିଦିଅନ୍ତି। ସାନୁ ଦାସର ଅଭିନୟ ଜବରଦସ୍ତ ତ ବହି ହିଟ୍, ନ ହେଲେ ବହି ଫ୍ଲପ୍। ଦୀର୍ଘ ବର୍ଷଟିଏ ପରେ ପୁଣି ପାଉଡର ମାରି ମଞ୍ଚକୁ ଫେରିଛନ୍ତି। ଏଇ ପାଉଡର, ନକଲି ଦାଢ଼ି, ରାତି ଅନିଦ୍ରା, ଦର୍ଶକଙ୍କ ତାଳି ଆଉ ଗାଳି ତାଙ୍କୁ ଖାଇବା ଯୋଗାଇଛି। ତାଙ୍କ କଳାକାର ଜୀବନକୁ ସାର୍ଥକ କରିଛି।

ମେଲୋଡିର ଶେଷ ଗୀତ ବୋଧହୁଏ ଚାଲିଛି। ପ୍ରଥମ ଦୃଶ୍ୟର ମଧ୍ୟଭାଗରେ ତାଙ୍କର ଭୂମିକା ଆରମ୍ଭ। ନିଜକୁ ଆଉଥରେ ପରଖିନେଲେ। ମୋବାଇଲ ଡିସ୍‌ପ୍ଲେ ଲାଇଟ୍ ଜଳି ଉଠିଲା। ମେସେଜ୍‌ଟିଏ ଆସିଲା ନା କ'ଣ! ତୃତୀୟ ରଜନୀରେ ଦେଖନ୍ତୁ ଆପଣଙ୍କ ଅନୁରୋଧର ଅନୁସନ୍ଧାନମୂଳକ ନାଟକ “ଜଗା ଛାଡ଼ିଦେଲା ସୁଭଦ୍ରା ହାତ” ଆଜି... ଆଜି... ଆଜି... ଜାତମୁଣ୍ଡିଆ କେନାଲ ଛକରେ...”। ଖୁବ୍ ଜୋର୍‌ରେ ଶୁଭୁଥିଲା ପ୍ରଚାର। ନିଜ ଭିତରେ ନିଜର ଚରିତ୍ରକୁ ଅନୁଭବ କରି ହଜୁଥିଲେ ସାନୁ ଦାସ। ଆଉଥରେ ମୋବାଇଲ ଲାଇଟ୍ ଜଳିଉଠିଲା। ମୋବାଇଲ ହାତରେ ଧରି



ଖୋଲିଲେ ଆଉ ମେସେଜ୍‌ଟିକୁ ପଢ଼ିଲେ।

ଫୋନ୍‌ଟି ଅନ୍ୟମନସ୍କତାବଶତଃ ହାତରୁ ଖସିପଡ଼ିଲା, ଆଉ ଆଖିରୁ ଦୁଇବୁନ୍ଦା ଅଶ୍ରୁ। ପାଖରେ ବସିଥିଲେ ସହ ଅଭିନେତା ବିବେକ। ସେ ତାଳିମାରିଲେ ଦୁଇ ହାତରେ।

“ବାଃ... ସାର୍... ଦୃଶ୍ୟ ଆରମ୍ଭ ନ ହେଉଣୁ ଆପଣ ଚରିତ୍ର ଭିତରେ ହଜିଗଲେଣି। ସେଥିପାଇଁ ଯାତ୍ରାପାର୍ଟିମାନେ ଆପଣଙ୍କୁ ନେବା ପାଇଁ ପ୍ରତିଯୋଗିତା କରନ୍ତି। ନାଟ୍ୟକାରମାନେ ଆପଣଙ୍କୁ ଲକ୍ଷ୍ୟ କରି ସଂଳାପ ଲେଖନ୍ତି। ଦର୍ଶକମାନେ ଆପଣଙ୍କୁ ଦେଖିବା ପାଇଁ ଟିକେଟ୍ କାଉଣ୍ଟରରେ ଭିଡ଼ ଜମାନ୍ତି। କଳାକାରମାନେ ଆପଣଙ୍କ ସହିତ ସିନ୍ କରିବା ପାଇଁ ସୌଭାଗ୍ୟ ମଣନ୍ତି।

“ସେ କଥା ନୁହେଁ ବିବେକ ବାବୁ। ଝିଅ ମେସେଜ୍ କରିଛି।”

ଏତିକି କଥାରେ ତାଙ୍କର କଣ୍ଠ ଆର୍ଦ୍ର ହୋଇଆସିଲା। ଆଉ ସେ ଫୋନ୍‌ଟିକୁ ବିବେକବାବୁଙ୍କ ହାତକୁ ବଢ଼େଇଦେଲେ। ସେ ମେସେଜ୍‌ଟିକୁ ପଢ଼ିଲେ।

“ବାପା, ଶୀଘ୍ର ଆସିବ। ଜେଜେ ଚାଲିଗଲେ।”

ମେସେଜ୍‌ଟିକୁ ପଢ଼ି ବିବେକ ବାବୁଙ୍କ ଆଖି ଲୁହ ଡବଡବ ହୋଇଗଲା। ଆଉ ପାଟିରୁ ମନକୁ ମନ ବାହାରିଲା “ମୁଁ ଦୁଃଖିତ ସାର୍।”

“ବର୍ଷଟିଏ ଘରେ ବସି ତାଙ୍କ ସେବାଯତ୍ନ କରିବାର ସୌଭାଗ୍ୟ ପାଇଥିଲି। ହେଲେ ସେ ଗଲାବେଳେ ଏ ଆଖି ଦେଖିପାରିଲାନି ତାଙ୍କୁ। ବହୁତ କଷ୍ଟ ଲାଗୁଛି। ସତରେ ବହୁତ କଷ୍ଟ ଏ କଳାକାର ଜୀବନ। କିଛିଦିନ ହେବ ସେ କଥାବାର୍ତ୍ତା ଠିକ୍‌ରେ କରିପାରୁ ନ ଥିଲେ। ମୁଁ ଘରୁ ବାହାରି ଆସୁଥିବା କଥା ଜାଣି ମୋ' ହାତକୁ ଭିଡ଼ି ଧରୁଥିଲେ ଆଉ ଯେମିତି କିଛି କହିବାକୁ ଚାହୁଁଥିଲେ। ମ୍ୟାନେଜର ସ୍ୱାଇଁବାବୁ ଯେତେବେଳେ ଫୋନ୍ କଲେ “ଆଖଡ଼ା ଆରମ୍ଭ ହେଉଛି। ହୃଦୟ ଉପରେ ପଥର ଲଦି ସ୍ନେହ ସମ୍ପର୍କକୁ ପଛରେ ପକେଇ ଚାଲିଆସିଲି। ଆଉ କ'ଣ ବା ବିକଳ୍ପ ଥିଲା ମୋର? ମୁଁ ବି ଘରର ଗୋଟିଏ ପୁଅ। ଚାରିଜଣ ସଦସ୍ୟ ମୋ' ଉପରେ ନିର୍ଭରଶୀଳ।”

ଏତକ କହିସାରି କଇଁ କଇଁ ହୋଇ କାନ୍ଦି ଉଠିଲେ ସାନୁ ଦାସ।

“ମୁଁ ନ ଗଲେ ଶବ ଉଠିବନି ବାପାଙ୍କର। ମୁଁ ହତଭାଗ୍ୟ। ମୋ' ପାଇଁ ବାପାଙ୍କ ଶବ ଆଜି ବାସିମଡ଼ା ହେବ।”

ଖବର ପାଇ ମ୍ୟାନେଜର ସ୍ୱାଇଁବାବୁ ଗ୍ରିନ୍‌ରୁମ୍‌ରେ ପହଞ୍ଚିଲେ। ସେ ବି ବହୁତ ଭଲ ଲୋକ। ଆଉ ଭଦ୍ରଲୋକ ବି। ସାନୁ ଦାସଙ୍କୁ ବୁଝାଇଲେ।

ମୁଁ ମର୍ମାହତ ସାନୁବାବୁ ଏ ଦୁଃଖଦ ଖବରରେ। ହେଲେ ଜଣେ କଳାକାର ହିସାବରେ ଭାବନ୍ତୁ। ଆପଣ ଏ ବହିର ମୁଖ୍ୟ ଚରିତ୍ର, ଆଉ ଅଳ୍ପ କେଇକ୍ଷଣ ପରେ ଆପଣଙ୍କ ସିନ୍ ଆରମ୍ଭ ହେବ। ପ୍ରଥମ ଦୃଶ୍ୟରେ ଆପଣ। ଦର୍ଶକମାନଙ୍କୁ ଥରେ ଦେଖିନିଅନ୍ତୁ, ଚେୟାର ଫୁଲ୍। ଅନେକ ମାସର ବ୍ୟବଧାନ ପରେ ଆମେ ମୁହଁରେ ପାଉଡର ମାରିଛେ। ମାତ୍ର ତିନି ଘଣ୍ଟାର କଥା। ଦୃଶ୍ୟ ତେରରେ ଆପଣଙ୍କ ହୃଦ୍‌ଘାତଜନିତ ମୃତ୍ୟୁ ହେଉହେଉ ଆପଣଙ୍କ ଅଭିନୟ ସରିଯିବ। ରାତି ଆହୁରି ଘଣ୍ଟେ ଥିବ। ରାତି ଜାଗୁଲ ଜାଗୁଲ ହେଉଥିବ। ମୁଁ ନିଜେ ଯିବି ଆପଣଙ୍କ ଗାଁକୁ। ମୋ' କାର୍‌ରେ ସାଙ୍ଗ ହୋଇ ଯିବା। ମୁଁ କଥା ଦେଉଛି। ମୋ' ଅନୁରୋଧ ରଖନ୍ତୁ। ଆପଣଙ୍କର ସବୁ ସିନ୍ ପାଥେଟିକ୍, ଅଭିନୟ ଭିତରେ ମନଭରି କାନ୍ଦିନେବେ। ବାହାରକୁ ଜଣାପଡ଼ିବନି। ମୋ' ଇଜ୍ଜତ ବଞ୍ଚାନ୍ତୁ। ନା ଆଜିର ଯାତ୍ରା କ୍ୟାନ୍‌ସେଲ୍ କରିହେବ ନା ଟିକେଟ ଫେରେଇ ହେବ! ବହି ବଦଳେଇବା ସମ୍ଭବ ନୁହେଁ। ମାଲିକ ଜାଣିଲେ ସବୁ ଅସୁବିଧା। ପ୍ଲିଜ୍ ସାନୁ ବାବୁ।

ମେଲୋଡ଼ି ସରିଲା। ଆଖିର ଲୁହକୁ ଓଠରେ ପିଇ ଉଠିଲେ ସାନୁ ଦାସ। କେତେବେଳେ ଦୃଶ୍ୟ ସବୁ ଚାଲିଗଲା ଜଣାପଡ଼ିଲାନି। ତେର ଦୃଶ୍ୟକୁ ସେ ପାଗଳଙ୍କ ପରି ଅପେକ୍ଷା କରିଥିଲେ। କେମିତି ଅଭିନୟ ସାରି ଗାଁକୁ ବାହୁଡ଼ିଯିବେ। ଆଉ ବାପାଙ୍କ ପାଦତଳେ ନିଜକୁ ଲୋଟେଇଦେଇ ମନଭରି କାନ୍ଦିବେ। କ୍ଷମା ପ୍ରାର୍ଥନା କରିବେ। ଦୃଶ୍ୟ ଆରମ୍ଭ ହେଲା। ଭାଇବୋହୂଙ୍କୁ ମିଛ ବଳାତ୍କାର କେସ୍‌ରେ ପୋଲିସ୍ ତାଙ୍କୁ ଆରେଷ୍ଟ କରି ବାନ୍ଧିନେବାର ଦୃଶ୍ୟ। ସେ ଏ ଅପମାନ ସହି ନ ପାରି ଏ ମିଛ ଅଭିଯୋଗକୁ ହଜମ ନ କରିପାରି ହୃଦ୍‌ଘାତରେ ମରିବାର ଦୃଶ୍ୟ।

ଛାତିରେ ପଥର ଲଦି ମଞ୍ଚକୁ ଉଠିଲେ। ଆଖିରୁ ଧାର ଧାର ଲୁହ ବୋହୁଥାଏ।

“ମୁଁ ସତ କହୁଛି ପୋଲିସ ବାବୁ। ମୁଁ ଦେଢ଼ଶୁର, ସେ ଭାଇବୋହୂ। ତାଙ୍କୁ ଆଖି ଉଠେଇ ଜୀବନରେ କେବେ ବି ଚାହିଁନି। ମୋ' ଝିଅ ପରି ସେ। ତାଙ୍କୁ ଅଲଗା ନଜରରେ କେବେ ଦେଖିନି। ମୁଁ ଜାଣେନା କ'ଣ ପାଇଁ ସେ ଏତେବଡ଼ ମିଛ ଅଭିଯୋଗ ମୋ' ନାଁରେ କରୁଛନ୍ତି। ଯଦି ମୁଁ ଜେଲ୍ ଗଲେ କି ଏ ଘରୁ ବାହାରିଗଲେ ସେ ଖୁସିହେବେ ତେବେ ମୁଁ ପ୍ରସ୍ତୁତ। ହେଲେ ଏ ମିଛ ନିନ୍ଦାର ବୋଝ ମୋ' ଉପରେ ଲଦି ଦିଅନି। ମୁଁ ଜିଇ ଥାଉଥାଉ ମରିଯିବି।”

ଛାତିକୁ ଜାବୁଡ଼ି ଧରି ଟଳିପଡ଼ିଲେ ସାନୁ ଦାସ। ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଜାକିଧରି କାନ୍ଦୁଥିଲେ। ହସୁଥିଲେ ଭାଇବୋହୂ। ମୁଣ୍ଡର ଟୋପି ଖୋଲି ଶେଷ ସମ୍ମାନ ଜଣାଉଥିଲେ ପୋଲିସ ବାବୁ। ମଞ୍ଚ ଅନ୍ଧାର ହୋଇଗଲା। ସମସ୍ତ କଳାକାର ଚାଲିଗଲେ। ମାତ୍ର ଉଠୁ ନ ଥିଲେ ସାନୁ ଦାସ। ଦର୍ଶକମାନଙ୍କର ତାଳିମାଡ଼ ଥମିଗଲା। ମଞ୍ଚ ନିକଟରେ ବସିଥିବା ଜଣେ ବାଦ୍ୟକାର ନିମ୍ନ ଗଳାରେ ଡାକିଲେ- “ସାନୁ ସାର୍ ଉଠନ୍ତୁ। ସିନ୍ ସରିଲା।” ଲାଇଟ୍‌ବାଲା ଲାଇଟ ଦେଉ ନ ଥିଲା। ସାନୁ ଦାସ ଉଠୁ ନ ଥିଲେ। ତାଙ୍କୁ କାର୍‌ରେ ନେବା ପାଇଁ ଅପେକ୍ଷା କରିଥିବା ମ୍ୟାନେଜର ସ୍ୱାଇଁବାବୁ ଷ୍ଟେଜ୍‌କୁ ଦୌଡ଼ି ଆସିଲେ।

“ସାନୁ ବାବୁ ଉଠନ୍ତୁ। ଡେରି ହେଉଛି।”

ସାନୁ ବାବୁ ଶୋଇଥିଲେ ଚିରନିଦ୍ରାରେ। ତାଙ୍କ ଦେହ ବରଫ ଖଣ୍ଡେପରି ଶୀତଳ ହୋଇଯାଇଥିଲା।

ମୋ: ୯୪୩୭୪୬୮୦୧୬

---

## କବିତା

### ଈପ୍‌ସିତା ଈଶ୍ୱରୀ

**ପ୍ରବୋଧ ରାଉତ**

(୧)
**ଭୋ**ଗି ନ ଥିଲା ତ ହୃଦୟ କେବେ
ଆରବୀ ରାତିର ସ୍ୱର୍ଣ୍ଣ ବ୍ୟଥା
କାନପାଖେ କାଇଁ ଗୁରାଳି କରିନି
ମହୁ ପରି ପଦେ କଥା ?
ମନ ମରୁରେ ତ ମୁସାଫିର୍ ପରି
ଭେଟ ଦୈବାତ୍ ଯେବେ
ନ ଥିଲା ତ ଜମା ଭେଟିବାର ଇଚ୍ଛା
ଏତେ ଦୁର୍ବାର କେବେ ?

ଜାଣିନି କେମିତି ଈଶ୍ୱରୀ ହେଇ
ଫଗୁଣ ଫର୍ଦ୍ଦେ ମୋର
ଭଲପାଇବାର ଭୋଦୁଏ ଭିଜେଇ
ସବୁ ସକାଳର ଭୋ'ର୍ ॥
(୨)
ବ୍ୟକ୍ତ କେମିତି କରିବି ତମକୁ
ଭଲକରି ଟିକେ ଦେଖିନି
ଛାତିତଳେ କେତେ ଶୋଷ ଯେ ମରିଛି
ଥରୁଟିଏ କେବେ ଛୁଇଁନି।

ଆଗୋ ସୁନାଗୋରୀ
ଅବ୍ୟକ୍ତ ଈଶ୍ୱରୀ
ଜାଣେନା ଜାଣେନା ଏଇ ଜନ୍ମରେ
ଛୁଇଁପାରିବି କି ନା
ନୀଳନୟନରେ ତୃଷ୍ଣା ମୋ' ଥରେ
ତର୍ପଣ କର
ବ୍ୟର୍ଥ ମୁଁ ତମ ବିନା ॥
(୩)
ଇଚ୍ଛାହୁଏ ତୋର ନିରୀହ ମୁହଁଟି
ପାପୁଲିରେ ଟେକି ଧରିବି
ନୀଳ ଆଖିରେ ତୋ' ସାଗରେ ଲହରି
ସେଇ ଲହରିରେ ହଜିବି।

ଅପରୂପା ଗୋରୀ
ସୁଷମା ଈଶ୍ୱରୀ
ଆଖି ମୁଦିଦେଲେ, ଆଖି ଖୋଲିଦେଲେ
ଦିଶିଯାଉଛୁ ଲୋ ତୁ'
ଦୁନିଆର ସବୁ ଶବ୍ଦ ତରଙ୍ଗ
ନିଶବଦ ହେଉ
ତୋତେ ଶୁଣୁଥିବି ମୁଁ ॥
(୪)
ହୃଦୟ ତ ନୁହେଁ ବେଦୁଇନ୍ ବସା
ବନ୍‌ଜାରା ନୁହେଁ ମନ
ରେଶମୀ ରାତିର ବାସନାରେ ଫେରେ
ନୀଳଇଚ୍ଛା ନିରିଜନ।
କାମନା ଈଶ୍ୱରୀ
ହେମଅଙ୍ଗୀ ଗୋରୀ
ଯେତେ ଦୂରେ ଥିଲେ ଥା'
ମହୁର ମହଲ ଗଢ଼ିଛି ତୋ' ପାଇଁ
ଫୁଲ ସବାରିରେ ଆ'
ସବୁ ଅପ୍ରାପ୍ତିର ପ୍ରାପ୍ତି ଗୋ ତୁମେ
ରାତିଟିଏ ରହି ଯା' ॥
(୫)
ଆସ ଆଜି ଆମେ କରିନେବା ଗୋଟେ
ଛୋଟିଆ ରାଜିନାମା
ପ୍ରେମ ପରମେଶ୍ୱରୀ
ମୁଁ ଦେବି ତମକୁ ତନୁର ତନ୍ମୟ
ମହୁଲର ମହକୁମା
ତମେ ଦେବ ମୋତେ ନହୁଲି ଓଠରେ
ଚାମୁଚେ ଚିନିର ଚୁମା
ବାତିଲ ଆଜିଠୁ ସବୁ କଟକଣା
ପ୍ରଣୟର ପରିସୀମା
ତମଠୁ ତମକୁ ମାଗିବା ବଦଳେ
ହୃଦୟକୁ ଦେଲି ଜିମା ॥

ମୋ: ୮୨୮୦୦୭୯୯୮୨

### ମହିଷା

**ସଂଘମିତ୍ରା ପଟ୍ଟନାୟକ**

**ଗ**ରଜୁଛି ମହିଷା, ଆଦିମ କ୍ଷୁଧାରେ
ଅଟ୍ଟହାସ୍ୟେ ତା'ର ପ୍ରକମ୍ପେ ମେଦିନୀ
କାମନା ତା'ର ଏକ ଭୟଙ୍କର
ଲେଲିହାନ ଶିଖା
ପରିବ୍ୟାପ୍ତ ସମଗ୍ର ଆର୍ଯ୍ୟଭୂମି।

ନିଷ୍ଠୁର ଦଂଶନେ ତା'ର
ବଳି ପଡ଼େ ନିରୀହ ଅବଳା
ନାହିଁ ତାରତମ୍ୟ ତା'ର ବୟସରେ
କୋମଳ ନିଷ୍ପାପ କରେ ଆର୍ତ୍ତନାଦ
ବିକଳରେ ଭୀତତ୍ରସ୍ତା ଖୋଜିହୁଏ
ନିରାପତ୍ତା
ହେଲେ, ନିରାଶାର ଅନ୍ଧକାରେ
ମନପ୍ରାଣ ତା'ର ହୁଏ ବ୍ୟାକୁଳିତ।

ସତେ କ'ଣ ନିରାପଦ ସ୍ଥାନ ତା'ର
ଜନନୀ ଜଠରେ ଅବା ଶ୍ମଶାନରେ ?
କେଉଁଠି ତୁ ଅଛୁ ଦଶଭୁଜା !
କେଉଁ ଆବାହନୀ ମନ୍ତ୍ରର ଅପେକ୍ଷାରେ ତୁ ?
ଅପେକ୍ଷା କି ମାଙ୍ଗଳିକ ଶୁଭ ମୁହୂର୍ତ୍ତକୁ ?
କିମ୍ବା ଅନ୍ୟ ଏକ ଆଗ୍ନେୟ କମ୍ପନ,
ସନ୍ଧିକ୍ଷଣ ଯାଏଁ !

ମୋ: ୯୪୩୭୦୯୫୫୬୦

---

## ପୁସ୍ତକ ପରିଚୟ

### ଅନାମ କାବ୍ୟ ଆନ୍ଦୋଳନ




**ସମ୍ପାଦନା:** ମନୁ ଦାଶ
**ପ୍ରକାଶକ:** ଧଉଳି ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୯୫/-

୭୭୨ ପୃଷ୍ଠାର, ମଲାଟରୁ ମଲାଟ ଆଖି ପାଉ ନ ଥିବା ବହିଟିଏ ପ୍ରକାଶ କରିଛନ୍ତି 'ଧଉଳି ବୁକ୍ସ', ଯାହାର ସମ୍ପାଦକ କବି ମନୁ ଦାଶ। ବହିଟିର ଶୀର୍ଷକ 'ଅନାମ କାବ୍ୟ ଆନ୍ଦୋଳନ'। ୧୯୬୯ ଶ୍ରୀପଞ୍ଚମୀରୁ ପୁରୀର ସ୍ୱର୍ଗଦ୍ୱାରଠାରେ ଯେଉଁ ସାରସ୍ୱତ ପ୍ରଦୀପଟି ଜଳି ୧୯୯୫ରେ ଅନାମ-ସାରଥୀ କୁମାର ମହାନ୍ତିଙ୍କ ମୃତ୍ୟୁଶଯ୍ୟାରେ ଲିଭିବ ଲିଭିବ ହେଇ ଥରିଉଠିଥିଲା, ସେଇ ପ୍ରଦୀପଟିର ନାଆଁ 'ଅନାମ ସାହିତ୍ୟ'। ମଧୁ ମହାନ୍ତିଙ୍କ ଅଭିଭାବକତ୍ୱରେ ଗୋକୁଳି ମହାନ୍ତିଙ୍କ ସହଯୋଗରେ, କୁମାର ମହାନ୍ତିଙ୍କ ଅଧିନାୟକତ୍ୱରେ ଓଡ଼ିଶାର କିଛି ତରୁଣ କବି ଓ କବୟିତ୍ରୀ ଓଡ଼ିଆ କବିତାରେ ଏକ ନୂଆଧାରା ସୃଷ୍ଟି କରିବାକୁ ସଂକଳ୍ପ ନେଇଥିଲେ, ଯାହା ତତ୍‌କାଳୀନ ଓଡ଼ିଆ କବିତାର ନୈରାଜ୍ୟ ଭିତରୁ ଏକ ପରିଚ୍ଛନ୍ନ ଆଲୋକବର୍ତ୍ତିକା ଭଳି ଜଳି ଉଠିଥିଲା, ତାହା ଥିଲା ଅନାମ କବିତା। 'ଅନାମ' ବା 'ଅନାମ'ଙ୍କ ସୃଷ୍ଟିର ସମୟୋଚିତ ଆକଳନର ଅଭାବ ଓ 'ଅନାମ କବିତା'ର ଅଣପଂଜୀକରଣକୁ ଲକ୍ଷ୍ୟକରି ଅନାମ-ସତୀର୍ଥ ମନୁ ଦାଶ ଆଲୋଚ୍ୟ ବୃହତ୍ ପୁସ୍ତକଟିର ସମ୍ପାଦନା କରିଛନ୍ତି, ଯାହା ଅନାମ କବିତା ସମ୍ପର୍କରେ ସର୍ବପ୍ରଥମ ମହତ୍ତର ରକ୍ଷଣାବେକ୍ଷଣ ବୋଲି କୁହାଯାଇପାରିବ। ସମଗ୍ର ପାଠକୁ 'ସମ୍ପାଦନ ବୃତ୍ତାନ୍ତ' (ଅନାମ କବିତାର ଇତିହାସ ଓ ପାଠ୍ୟଚର୍ଚ୍ଚା), 'ବିବେଚନା' (ଅନାମ କବିତାର ଆକଳନ), 'ସୃଷ୍ଟି: ନିର୍ବାଚିତ କବିତା' (ଚୟିତ ଅନାମ କବିତା), 'ସୃଷ୍ଟି: ନିର୍ବାଚିତ ଗଦ୍ୟ ରଚନା' (ଅନାମ ସମ୍ପର୍କିତ ଗଦ୍ୟ), 'ଆଳାପ' (ମନୁ ଦାଶଙ୍କ ସହ ପବିତ୍ରମୋହନ ଦାଶଙ୍କ କଥାବାର୍ତ୍ତା), 'ଏଣୁତେଣୁ' (ଅନାମ ଚିଠି, ପ୍ରଚ୍ଛଦ ଚିତ୍ର ଇତ୍ୟାଦି) ଆଦି ବିଭାଗରେ ବିଭାଜିତ କରି 'ଅନାମ କାବ୍ୟ ଆନ୍ଦୋଳନ'ର ଯେଉଁ ପ୍ରଥମ ବୃହତ୍ତର ଦଲିଲ ପ୍ରସ୍ତୁତ କରିଛନ୍ତି, ଏହା କେବଳ ଅଭିନନ୍ଦନୀୟ ନୁହେଁ, 'ଅନାମ କବିତା'ର ଗବେଷଣାରେ ମଧ ଆଲୋକବର୍ତ୍ତିକା ସଦୃଶ ହେବ।

### କବିତା ପଥରେ




**କବି:** ଅକ୍ଷୟ ବେହେରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୯୫/-

ଆଲୋଚ୍ୟ ପୁସ୍ତକରେ ଅକ୍ଷୟଙ୍କର ପ୍ରଥମ ଦୁଇଟି କବିତା ସଂକଳନ ଏକତ୍ର ଗ୍ରଥିତ ହୋଇଛି- 'ଯେତେ ସବୁ ଗୋପନୀୟ' (୧୯୯୪) ଓ 'ମାଟିମନ୍ତ୍ର' (୧୯୯୮)। ଗ୍ରନ୍ଥସ୍ଥ କବିତାଗୁଡ଼ିକରୁ ଅକ୍ଷୟଙ୍କର ସୃଜନ-ଉନ୍ମୁଖ ଏକ ତାଜା-ଦୀପ୍ତିକୁ ଯେ କେହି ଅନୁରାଗୀ ପାଠକ ଯେ ଆବିଷ୍କାର କରିପାରିବ, ଏଥିରେ ସନ୍ଦେହ ନାହିଁ। ସାଦା ଅନୁଭବ ଭିତରେ ପ୍ରାଣ କିଣିନେଲା ଭଳି ଆବେଗ ଯେପରି ପ୍ରାୟ କବିତାରେ ସ୍ପନ୍ଦିତ ହେଇ ରହେ, କବିଙ୍କ ସମକାଳରେ ଏହାର ବିକଳ୍ପଟିଏ ଖୋଜିଲାବେଳକୁ ବହୁ କ୍ଷଣ ଭାବିବାକୁ ହୁଏ। “ସବୁ କିଛି ସ୍ପଷ୍ଟ ଦିଶେନି ବୋଲି/ ଜହ୍ନରାତି ଭଲ ଲାଗେ” ('ତୁମ ଗାଁ ଜହ୍ନରାତି'), “ବସନ୍ତର ଉତ୍ସବରେ ଉଦାସ ଈଶ୍ୱର ଏଠି/ ଚୁପ୍‌ଚାପ୍ ନିଛାଟିଆ ବରଗଛ ଭଳି” (ଦୁଃଖେଶ୍ୱରୀ) ଓ “କିଏ ଜଣେ ପଛରୁ ଡାକେ ରହିଯାଅ, ରହିଯାଅ/ xx ମୋତେ ଆଗକୁ ଯିବାକୁ ପଡ଼େ” ('କେହି ଜଣେ ଡାକେ') ଭଳି ଧାଡ଼ିମାନଙ୍କରେ ଯେଉଁ ହାହାକାର ଥାଏ, ତାକୁ ଡେଇଁଯିବା ପାଠକର ସାଧ ବାହାରେ। କବି ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମିଶ୍ର ଓ ଚନ୍ଦ୍ର କୁମାର ମହାନ୍ତି ଅକ୍ଷୟଙ୍କ କବିତାର ଯେଉଁ ଆକଳନ ସମୟାନ୍ତରରେ କରିଛନ୍ତି, ତାହାକୁ ଅକ୍ଷୟ ବହିଟିରେ ସମ୍ପାଦିଛନ୍ତି। ନିଜେ ବି ନିଜ କଥା ଲେଖିଛନ୍ତି, ଦି'ଟିଯାକ ବହିରେ। ଏ ସବୁ ଅକ୍ଷୟଙ୍କ କବିତାକୁ ଅଲଗା ଅଲଗା ଭାବେ ବୁଝିବାରେ ମନଯୋଗୀ ପାଠକଙ୍କୁ ଅବଶ୍ୟ ସହାୟତା କରିବ। ବ୍ୟକ୍ତିଗତ ଅନୁଭବର ହୋଇ ବି ସାର୍ବଜନୀନ ହେବାର ତପୋମୁଦ୍ରାଟି ବହି ଦୁଇଟିର ବହୁ କବିତାରେ ଯେ ମୁଦ୍ରିତ, ଏହା ନିଃସନ୍ଦେହ।

---

## ପତ୍ନୀଧର୍ମ

**ମୂଳ ହିନ୍ଦୀ- ଶ୍ୟାମ ସୁନ୍ଦର ଅଗ୍ରୱାଲ**
**ଅନୁସୃଜନ- ବିନୟ କୁମାର ଦାସ**

ଅନୁବାଦ ଗଳ୍ପ

**ନି**ଶାରେ ଚୁର୍ ଚୁର୍ ହୋଇ ଘରକୁ ଫେରି ଆସିଥିବା ପତିଦେବଙ୍କୁ ରୁଟି ଥାଳି ବଢ଼ାଇ ଦେଲା ରେବତୀ। ରୁଟିକୁ ଦେଖି ପତିଦେବ ରାଗରେ ଗର୍ଜିଉଠିଲା। “ହଇଲୋ... ଏ ରୁଟି ଏମିତି ଲାଲ ଦିଶୁଛି କାହିଁକି?”

“ଆଜି ଅଟା ଚକଟିବା ବେଳେ ସବୁଦିନ ପରି ଆଖିରୁ ସେତେ ଲୁହ ଝରିପାରିଲା ନାହିଁ ତ... ତେଣୁ ବାଧ ହୋଇ ଆମ ସମ୍ପର୍କର କଟୁତାରୁ କିଛି ଲହୁ ସେଥିରେ ମିଶାଇ ଦେଲି। ବୋଧହୁଏ ସେଇଥିପାଇଁ ରୁଟି ଲାଲ୍ ଦେଖାଯାଉଛି।” କିଛି ସାହସ ସଞ୍ଚୟ କରି ଏକା ନିଃଶ୍ୱାସରେ କହିଦେଲା ରେବତୀ।

“ଆଲୋ ହେ... ତୁ ତ କହୁଥିଲୁ ଘରେ ଚାମୁଚେ ବି ଅଟା ନାହିଁ, ତାହେଲେ ଏ ରୁଟି କଲୁ କେମିତି? କୋଉଠୁ ଆଣିଲୁ ଅଟା?”

“ସେଗୁଡ଼ା ତୋର ବୁଝିବା କ'ଣ ଦରକାର? ତୁ ତ ଘରକୁ ଫେରି ରୁଟି ଖାଇବୁନା... ତେଣୁ ଯେମିତି ହେଲେ ମୋ' ପତ୍ନୀଧର୍ମ ମୋତେ ପାଳନ କରିବାକୁ ହେବ। ଅଟା ପାଇଁ କିଛି ସମୟ ସକାଶେ ବିକି ଦେଲି ମୋ' ଦେହକୁ... ମିଳିଗଲା ଅଟା। ବାସ୍।”

“ହେଲେ ଚୁଲି ଜଳିବା ପାଇଁ ତ ଘରେ କିଛି ବି ଜାଳେଣି ନ ଥିଲା।”

“ମଦ ନିଶାରେ ତୁ ପ୍ରତିଦିନ ମୋତେ ପିଟି ମୋ' ହାଡ଼କୁ ଯୋଉ ଭାଙ୍ଗିଦେଉ... ସେଇତକ ଜାଳି ସେକିଦେଲି ରୁଟି।”

“ହାଁ... ଏମିତି ମାଡ଼ ଖାଇଲେ ହିଁ ତୋର କିଛି ଅକଲ ହବ। ଭଲ ଭାବରେ ଘର ଚଳାଇବା ବି ଶିଖିଯିବୁ। ହଉ... ଶୁଣ୍, ଏଣିକି କିଛି ସଜ ପନିପରିବା ଆଣି ତରକାରିଟିଏ ବି କର... ଖାଲି ରୁଟି ଭଲ ଲାଗୁନି। ମୋତେ ତ ଜଣାଯାଉଛି... ଏମିତି ସୁନ୍ଦର ଭାବରେ ତୁ ତୋ' ପତ୍ନୀଧର୍ମ ପାଳନ କରି ଚାଲିଲେ ତୁ ସିଧା ସ୍ୱର୍ଗକୁ ଚାଲିଯିବୁ।”

“ସ୍ୱର୍ଗକୁ ଯିବି କି ନାହିଁ ଜାଣେନି... ତେବେ ଏ ନର୍କରେ ଆଜି ମୋର ପତ୍ନୀଧର୍ମ ପାଳନ କରିବାର ଶେଷଦିନ। ଆସନ୍ତାକାଲିଠାରୁ ନିଜେ ରୋଷେଇ କରି ଖାଇବୁ...” ଏତକ କହିଦେବ ବୋଲି ଭାବିଥିଲା ରେବତୀ, କିନ୍ତୁ କହି ପାରିଲାନି।

ମୋ: ୭୯୭୮୮୬୦୩୬୩

---

## କାଳକାଳକୁ



**“ଯେତେବେଳେ ଧନୀମାନେ ଯୁଦ୍ଧକୁ ଓହ୍ଲାନ୍ତି, ଏଥିରେ ମରନ୍ତି କେବଳ ଗରିବଲୋକେ।”**
**- ଜାଁ ପଲ୍ ସାର୍ତ୍ରେ**

**ଜାଁ ପଲ୍ ସାର୍ତ୍ରେଙ୍କ** ଜନ୍ମ ୨୧ ଜୁନ୍ ୧୯୦୫ରେ ଓ ପରଲୋକ ୧୫ ଏପ୍ରିଲ ୧୯୮୦ରେ, ଫ୍ରାନ୍ସର ପ୍ୟାରିସ୍‌ରେ। ବିଚକ୍ଷଣ ପ୍ରତିଭାଧର ଏହି ଲେଖକ ଏକାଧାରରେ ଥିଲେ ନାଟ୍ୟକାର, ଔପନ୍ୟାସିକ, ଜୀବନୀକାର, ସାହିତ୍ୟ ସମାଲୋଚକ ଓ ରାଜନୈତିକ କର୍ମୀ। ସ୍ଥିତିବାଦୀ ଦର୍ଶନର ସେ ଥିଲେ ଅନ୍ୟତମ ପ୍ରମୁଖ ଉଦ୍‌ଗାତା। ତାଙ୍କ ରଚନା ସମାଜ ବିଜ୍ଞାନ, ସମାଲୋଚନା ତତ୍ତ୍ୱ ଓ ଉତ୍ତର-ଉପନିବେଶବାଦୀ ସାହିତ୍ୟକୁ ବହୁଭାବେ ପ୍ରଭାବିତ କରିଥିଲା। ତାଙ୍କର ପ୍ରଭାବଶାଳୀ ସାହିତ୍ୟକୃତି ମଧ୍ୟରେ ସବୁଠୁ ଉଲ୍ଲେଖନୀୟ ତାଙ୍କର ଉପନ୍ୟାସ "The Roads to Freedom". ୧୯୬୪ରେ ସାହିତ୍ୟ ପାଇଁ ମିଳିଥିଲା ତାଙ୍କୁ ବିଶ୍ୱର ସର୍ବୋଚ୍ଚ ସାରସ୍ୱତ ସ୍ୱୀକୃତି 'ନୋବେଲ ପୁରସ୍କାର', ଯାହାକୁ ସେ ପ୍ରତ୍ୟାଖ୍ୟାନ କରି କହିଥିଲେ- “ପ୍ରାତିଷ୍ଠାନିକତାରେ ସେ ବାନ୍ଧିହେବାକୁ ଚାହାନ୍ତି ନାହିଁ। କୌଣସି ଲେଖକ ବି ଏଥିପାଇଁ ନିଜକୁ ଅନୁମତି ଦେବା ଉଚିତ ନୁହେଁ।” ଏହି ସାର୍ତ୍ରେ ଏକଦା କହିଥିଲେ: “ଶବ୍ଦମାନେ ହେଉଛନ୍ତି ଗୁଳିଭରା ପିସ୍ତଲ।”

---

## ବାପା ଥିଲେ ବୋଲି

**ପ୍ରଦୀପ କୁମାର ମହାପାତ୍ର**

ଲଘୁ ଗଳ୍ପ

**ସୁ**ମିତ୍ର ଗୋଟିଏ ଧାରଣା ଧୀରେ ଧୀରେ ବଳବତ୍ତର ହେଉଥିଲା ଯେ, ତା'ର ବାପା, ଯେ କି ଏବେ ଅଶୀବର୍ଷ ଛୁଇଁଲେଣି ସେ ଆଉ ବିଶେଷ କାର୍ଯ୍ୟରେ ଆସିବେ ନାହିଁ। ବୃଦ୍ଧ ବାପା ତା'ର ଔଷଧ ବଳରେ ଯାହାକିଛି ଅଳ୍ପ କାର୍ଯ୍ୟକ୍ଷମ ଅଛନ୍ତି। ପରିସ୍ରା ଜନିତ ବେମାରି ଯୋଗୁ ସେ ଆଉକିଛି କରିପାରୁନାହାନ୍ତି ଓ ଦିନର ଅଧିକାଂଶ ସମୟ କେବଳ ଶୋଇ ରହୁଛନ୍ତି। ସେ ଏବେ ଅଳ୍ପ କଥାରେ ଚିଡ଼ି ଉଠୁଛନ୍ତି। ତାଙ୍କର କାନକୁ ଅଳ୍ପ ଶୁଭୁଥିବାରୁ ସେଇ ଗୋଟିଏ କଥାକୁ ବାରମ୍ବାର ପଚାରି ବ୍ୟସ୍ତ କରିପକାଉଛନ୍ତି। ମାତ୍ର ଏଥିପାଇଁ ଉପାୟ ବା କ'ଣ ଅଛି? ତାଙ୍କୁ ସେଇ ଅବସ୍ଥାରେ ହିଁ ଛାଡ଼ିଦେବାକୁ ହେବ। କିଏ ଜାଣେ ଆଉ କେତେ ବର୍ଷ ଆଗକୁ ଏପରି ଚାଲିବ?

ସୁମିତ୍ ଦୂରରେ ଚାକିରି କରେ, ମାସକୁ ଥରେ ଅଧେ ଘରକୁ ଆସେ ଓ ଘରକଥା ବୁଝିଦେଇ ଚାଲିଯାଏ। ତା'ର ଭାଗ୍ୟ ଭଲ ସେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଏଥର ଅନ୍‌ଲାଇନରେ ବଦଳି ଆବେଦନ କରିଛି। ବିଭାଗୀୟ ସର୍ତ୍ତାବଳୀକୁ ସମ୍ମାନ ଜଣାଇ ସେ ବାପାଙ୍କର ରୋଗକୁ ମୁଖ୍ୟକାରଣ ଦର୍ଶାଇଛି ଓ ଆନୁଷଙ୍ଗିକ କାଗଜପତ୍ର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଦାଖଲ କରିଛି। ଏବେ କେବଳ ଅପେକ୍ଷା କରିବାକୁ ହେବ। କିନ୍ତୁ ସେ ଆଶାବାଦୀ ନୁହେଁ। କାରଣ- ବଦଳି ହେବାଟା ଏବେ ସହଜସାଧ ବ୍ୟାପାର ନୁହଁ। ଜଣେ ବରିଷ୍ଠ ଅଧ୍ୟାପକଙ୍କ ମତରେ- ବୃହସ୍ପତି ଓ ଶନି ଏ ଉଭୟ ଗ୍ରହ ଏକତ୍ର ଅବସ୍ଥାନ କଲେ ଯାଇ ବଦଳି ସମ୍ଭବ ହେବ, ଅନ୍ୟଥା ନୁହେଁ।

କିନ୍ତୁ ଏଥର କିଛି ଅଲଗା ଘଟିଲା। ଦୀର୍ଘ ଛଅମାସ ପରେ ବଦଳି ଆଦେଶଟିଏ ଆସିଲା ଓ ସର୍ବାଗ୍ରେ ଥିଲା ସୁମିତ୍ରର ନାମ। ଘର ପାଖକୁ ତା'ର ବଦଳି ହୋଇଛି। ସେ ଜାଣିବାକୁ ପାଇଲା ଯେ, ଯେଉଁ କେତେଜଣ ଭାଗ୍ୟଶାଳୀଙ୍କର ବଦଳି ହୋଇଛି ସେମାନଙ୍କର ବୃଦ୍ଧ ପିତା କିମ୍ବା ମାତା କେହିଜଣେ ଭୀଷଣ ପୀଡ଼ିତ ଅଛନ୍ତି। ବିଭାଗୀୟ ମୁଖ୍ୟ ଘଟଣାର ଗୁରୁତ୍ୱକୁ ବୁଝି ଆଶାୟୀମାନଙ୍କର ବଦଳି କରିଛନ୍ତି। ଯାହାର ରୋଗବ୍ୟାଧି ଯେତେ ଗୁରୁତର, ତାକୁ ସେତେ ଅଧିକ ଗୁରୁତ୍ୱ ଦିଆଯାଇଛି ଏଥର। ସୁମିତ୍ର ସ୍ପଷ୍ଟ ମନେପଡ଼ିଲା। ସେ ବାପାଙ୍କର ମୂତ୍ରଜନିତ ରୋଗ ସହ ହୃତ୍‌ପିଣ୍ଡ, ଯକୃତ, ଆଣ୍ଠୁଗଣ୍ଠି, ଦୃଷ୍ଟିଶକ୍ତିହୀନତା ଆଦି ଅନେକ ରୋଗର ଚିକିତ୍ସାପତ୍ର ସବୁ ଯୋଗାଡ଼କରି କିପରି ବିଭାଗର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରିଥିଲା। ଆଉ ସମୟର ସ୍ୱଳ୍ପତା ହେତୁ ଅନ୍ୟ ଦୁଇ ଚାରୋଟି ରୋଗକୁ ବାପାଙ୍କ ଦେହରେ ଖଞ୍ଜିପାରି ନ ଥିବାରୁ ବେଶ୍ ହତାଶ ବି ଲାଗିଥିଲା ତାକୁ। ସେ ନିଜକୁ ପ୍ରଶ୍ନ କରିଥିଲା ଯେ, ବାପାଙ୍କର ଏତକ ରୋଗ କ'ଣ ତା'ର ବଦଳି ପାଇଁ ଯଥେଷ୍ଟ ହେବ?

ବାପା ଶୋଇଛନ୍ତି ଓ ବେଳେବେଳେ କାଶୁଛନ୍ତି। ସୁମିତ୍ ବାପାଙ୍କୁ ଦେଖୁଛି ଓ ଅବିଶ୍ୱାସର ସହ ଆତ୍ମଚିନ୍ତନ କରୁଛି। ସତରେ, ବୃଦ୍ଧ ଓ ରୁଗ୍‌ଣ ବାପାମାନେ ଚାକିରିଆ ପୁଅମାନଙ୍କ ପାଇଁ ବେଶ୍ ଅଧିକ କାର୍ଯ୍ୟରେ ଆସନ୍ତି ସେମାନଙ୍କର ରୁଗ୍‌ଣ ଅବସ୍ଥାରେ।

କଲେଜ ସମୟ ଉପଗତ। ସୁମିତ୍ରର ସ୍ତ୍ରୀ ତପସ୍ୱିନୀ ଜଳଖିଆ ଟ୍ରେ ସଜାଡ଼ି ଦେଉଦେଉ ଚଢ଼ାଗଳାରେ କହିଉଠିଲା- ତମେ ଗତ ରାତିରେ କ'ଣ ସବୁ ବିଳିବିଳଉଥିଲ- “ରୋଗଣା ବାପା ଚାକିରିଆ ପୁଅଙ୍କ ପାଇଁ ବେଶ୍ କାମରେ ଆସନ୍ତି।” ହେଇଟି ଶୁଣ, ବାପାଙ୍କ ରୋଗ ବିଷୟରେ ମାତ୍ରାଧିକ ଚିନ୍ତା କରୁକରୁ ଯେମିତି ତୁମର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ନ ଯାଏ। ସୁମିତ୍ କିଛି ନ କହି ନିଜର ବ୍ୟାଗ୍ ଓ ଲ୍ୟାପଟପ୍ ଖୋଜୁଥିଲା କଲେଜ ଯିବାପାଇଁ।

ମୋ: ୮୨୮୦୪୫୫୪୮୦



# କୋରିଆକୁ ହରାଇ ସେମିରେ ଭାରତ

**ଜୁନିୟର ମହିଳା ହକି ବିଶ୍ୱକପ୍**

ପୋଚ୍‌ଫେଷ୍ଟ୍ରୁମ, ୮।୪ (ପି.ଟି.)

ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପର ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ଅପରାଜେୟ ଧାରା ବଜାୟ ରଖି ଭାରତୀୟ ଦଳ ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କୋରିଆକୁ ୩-୦ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ଥର ପାଇଁ ଭାରତ ଏହି ବିଶ୍ୱକପର ସେମିଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚରେ ବିଜୟ ହାସଲ କରି ଶୀର୍ଷରେ ରହିଥିବା ଭାରତ କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ପକ୍ଷରୁ ମୁମ୍ତାଜ ଖାଁ ୧୧ତମ ମିନିଟରେ ପ୍ରଥମ ଗୋଲଟି ଦେଇଥିଲେ। ଏହାର ୪ ମିନିଟ ପରେ ଅର୍ଥାତ୍ ୧୫ତମ ମିନିଟରେ ଲାଲରିଣ୍ଡିକି ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୧ତମ ମିନିଟରେ ସଙ୍ଗୀତା କୁମାର ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ଭାରତ ସେମିଫାଇନାଲରେ ୩ ଥର ଚାମ୍ପିୟନ ନେଦରଲାଣ୍ଡ୍ସକୁ ଭେଟିବ। ୧୦ ତାରିଖରେ ଏହି ମ୍ୟାଚ ଖେଳାଯିବ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ୫-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଶ୍ରେଷ୍ଠ ୪ ପର୍ଯ୍ୟାୟରେ ପ୍ରବେଶ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ ଜିପ୍ ଡିକେ ୪ ଓ ୧୫ ଏବଂ ଲୁନା ଫୋକେ ୪୫ ଓ ୫୭ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ନୁର ଓମରାନି ୪୪ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ୨୦୧୩ରେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ନିର୍ଦ୍ଧାରିତ ସମୟରେ ଗୋଲ ୧-୧ରେ ବରାବର ରହିବା ପରେ ଶୁଟ୍‌ଆଉଟରେ ଭାରତ ୩-୨ରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଏ ପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ରହି ଆସିଛି।


ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଗୁଜରାଟର ରୋମାଞ୍ଚକ ବିଜୟ

ମୁମ୍ବାଇ, ୮।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଶେଷ ୨ ବଲ୍‌ରେ ୨ଟି ଛକା ମାରି ଗୁଜରାଟକୁ ରୋମାଞ୍ଚକ ବିଜୟ ଭେଟି ଦେଇଛନ୍ତି ରାହୁଲ ଟେୱାଟିଆ। ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚଳିତ ଲିଗ୍‌ରେ ଗୁଜରାଟର ୩ ମ୍ୟାଚରୁ ଏହା ହ୍ୟାଟ୍ରିକ ବିଜୟ। ଅନ୍ୟପକ୍ଷରେ ପଞ୍ଜାବ ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ହାସଲ କରିଛି। ଗୁଜରାଟ ପକ୍ଷରୁ ଶୁବମନ ଗିଲ ସର୍ବାଧିକ ୯୪ (୫୯ ବଲ, ୧୧ ଚୌକା, ୧ ଛକା), ସାଇ ସୁଦର୍ଶନ ୩୦ ବଲ୍‌ରୁ ୩୫ (୩ ଚୌକା, ୧ ଛକା) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ବଲ୍‌ରୁ ୨୭ ରନ ସ୍କୋର କରିଥିଲେ। ତେବେ ୩ ମ୍ୟାଚରୁ ୨ ଛକା ସହାୟତାରେ ୧୩ ରନରେ ଅପରାଜିତ ରହି ମ୍ୟାଚର ହିରୋ ହୋଇ ଯାଇଥିଲେ ଟେୱାଟିଆ। ପଞ୍ଜାବ ପକ୍ଷରୁ କାଗିଶୋ ରାବାଡ଼ା ୨ଟି ଓ ରାହୁଲ ଚହର ଗୋଟିଏ ଉଇକେଟ ନେଇଥିଲେ।

ଗୁଜରାଟ ଟାଇଟାନ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପଞ୍ଜାବ କିଙ୍ଗ୍ସ ଦଳୀୟ ସ୍କୋର ମାତ୍ର ୧୧ ହୋଇଥିବାବେଳେ ଅଧିନାୟକ ମୟଙ୍କ ଅଗ୍ରୱାଲ (୫ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଚଳିତ ସିଜନରେ ନିଜର ପ୍ରଥମ ମ୍ୟାଚ ଖେଳିଥିବା ଜନି ବେୟାରଷ୍ଟୋ ମାତ୍ର ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଅଭିଜ୍ଞ ଶିଖର ଧାୱନ ଓ ଫର୍ମରେ ଥିବା ଲିଆମ ଲିଭିଂଷ୍ଟୋନ ତୃତୀୟ ଉଇକେଟରେ ୫୨ ରନ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ଧାୱନ ୩୦ ବଲ୍‌ରୁ ୪ ଚୌକା ସହାୟତାରେ ୩୫, ଜୀତେଶ ଶର୍ମା ୧୧ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୩ ଏବଂ ଲିଭିଂଷ୍ଟୋନ ୨୭ ବଲ୍‌ରୁ ୭ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ରଶିଦ ଖାଁ ସବୁଠାରୁ ପ୍ରଭାବୀ ବୋଲିଂ କରି ୨୨ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ଦର୍ଶନ ନଲକନ୍ଦେ ୨ଟି ଏବଂ ଲୋକି ଫର୍ଗୁସନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୯/୯ (ଲିଆମ ଲିଭିଂଷ୍ଟୋନ-୬୪, ଶିଖର ଧାୱନ-୩୫, ଜୀତେଶ ଶର୍ମା-୨୩, ରାହୁଲ ଚହର-୨୨*, ରଶିଦ ଖାଁ-୩/୨୨, ଦର୍ଶନ ନଲକନ୍ଦେ-୨/୩୭, ଲୋକି ଫର୍ଗୁସନ-୧/୩୩, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୬, ମହମ୍ମଦ ଶାମି-୧/୩୬)। ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୯୦/୪ (ଶୁବମନ ଗିଲ-୯୬, ସାଇ ସୁଦର୍ଶନ-୩୫, କାଗିଶୋ ରାବାଡ଼ା-୨/୩୫, ରାହୁଲ ଚହର-୧/୪୧)।


ରଶିଦ ଖାଁ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଚେନ୍ନାଇ ସୁପରକିଙ୍ଗ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

MONTE BIANCO
— Smart Everyday —
FORMAL | CASUAL | MENSWEAR

# ଅଭିପ୍ସା ସିଙ୍ଗଲ୍ସ, ଡବଲ୍ସ ଚାମ୍ପିୟନ



ଭୁବନେଶ୍ୱର, ୮।୪ (କ୍ରୀଡ଼ା ପ୍ରତିନିଧି): ହରିୟାଣାର ରୋହତକରେ ଅନୁଷ୍ଠିତ ସର୍ବଭାରତୀୟ ସିଏସ-୭ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଅଭିପ୍ସା ଦେହୁରି ଡବଲ ସଫଳତା ପାଇଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ବିଭାଗ ଫାଇନାଲରେ ଅଭିପ୍ସା ଦିଲ୍ଲୀର ଆହାନା ଚୌଧାରୀଙ୍କୁ ୭-୫, ୬-୨ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ସେହିପରି ସେ ରାଜସ୍ଥାନର ହର୍ଭିଶା ଚୌଧାରୀଙ୍କୁ ସାଥିକରି ବାଳିକା ଡବଲ୍ସରେ ଦିଲ୍ଲୀର ଆଉରା ମଲିକ ଓ ଅଭିଜ୍ଞା ପାଲ୍ ଯୋଡ଼ିଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢୁଥିବା ଅଭିପ୍ସା ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଇ ପ୍ରଦର୍ଶନରେ ଉନ୍ନତି କରି ଚାଲିଛନ୍ତି। ଫରହାନଙ୍କ ନିକଟରୁ ମାତ୍ର ଗୋଟିଏ ବର୍ଷ କୋଚିଂ ନେଇ ସେ ଦେଶର ୩୫୦ ର୍‍ୟାଙ୍କ୍‌ରୁ ଟପ୍-୩୦ରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ତାଙ୍କ ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ବୋଲି କୋଚ୍ ଫରହାନ ପ୍ରକାଶ କରିଛନ୍ତି।

# ନେଦରଲାଣ୍ଡ୍ସକୁ ହରାଇଲା ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି**

ଭୁବନେଶ୍ୱର, ୮।୪ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚରେ ଭାରତ ବିଶ୍ୱର ନମ୍ବରୱାନ ଦଳ ନେଦରଲାଣ୍ଡ୍ସକୁ ୨-୧ ଗୋଲରେ ପରାସ୍ତ କରିଛି। ଶକ୍ତିଶାଳୀ ନେଦରଲାଣ୍ଡ୍ସ ବିପକ୍ଷରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଫାଇଦାରେ ରହିଥିଲା। ମ୍ୟାଚର ୧୧ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ନେହା ଏହାକୁ ଗୋଲରେ ପରିଣତ କରି ଘରୋଇ ଦଳକୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୨୮ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନରକୁ ଗୋଲକରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ ସୋନିକା। ତୃତୀୟ କ୍ୱାର୍ଟରରେ ଏକ ଗୋଲ ଦେଇ ନେଦରଲାଣ୍ଡ୍ସ ପ୍ରତ୍ୟାବର୍ତ୍ତନ ପଥ ପରିଷ୍କାର କରିଥିଲା। ୪୦ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ନେଦରଲାଣ୍ଡ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆ ଯାଇଥିଲା। ଯିବି ଜାନସେନ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମ୍ୟାଚକୁ ସମାନ ସ୍ତରକୁ ଆଣିବାକୁ ନେଦରଲାଣ୍ଡ୍ସ ଆପ୍ରାଣ ଉଦ୍ୟମ କରିଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ପ୍ରତିପକ୍ଷର ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥିଲେ। ଖୋର୍ଦ୍ଧା ଜିଲାର ସ୍ୱତନ୍ତ୍ର ସ୍କୁଲରୁ ୩୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପିଲା ଏହି ମ୍ୟାଚକୁ ଉପଭୋଗ କରିଥିଲେ।

ଏହା ପୂର୍ବରୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦୁଇ ଦଳ ମଧ୍ୟରେ ହୋଇଥିବା ମୁକାବିଲାରେ ନେଦରଲାଣ୍ଡ୍ସ ୫-୧ ଗୋଲରେ ଜିତିଥିଲା। ଏବେ ସେହି ଦଳକୁ ହରାଇ ଭାରତ ତା'ର ମଧୁର ପ୍ରତିଶୋଧ ନେଇଛି। ଏଠାରେ ଜିତିବା ପରେ ଭାରତ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୭ ମ୍ୟାଚରୁ ଦଳ ୪ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୫ ପଏଣ୍ଟ ପାଇ ଜର୍ମାନୀ (୧୩) ଓ ଆର୍ଜେଣ୍ଟିନା (୧୨)କୁ ପଛରେ ପକାଇ ଦେଇଛି। ପରାଜୟ ସତ୍ତ୍ୱେ ନେଦରଲାଣ୍ଡ୍ସ ୭ ମ୍ୟାଚରୁ ୧୭ ପଏଣ୍ଟ ସହିତ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି।


ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ପ୍ରୋ ଲିଗ୍ ମହିଳା ହକି ମ୍ୟାଚ। (ଫଟୋ: ବିକାଶ ନାୟକ)

# ଶ୍ରୀକାନ୍ତ, ସିନ୍ଧୁ ସେମିଫାଇନାଲରେ

ସୁନ୍‌ଚେନ, ୮।୪ (ପି.ଟି.): ଭାରତର ତାରକା ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ସିନ୍ଧୁ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍ରୁଙ୍ଗଫାନଙ୍କୁ ୨୧-୧୦, ୨୧-୧୬ରେ ହରାଇଛନ୍ତି। ସେମିଫାଇନାଲରେ ସେ କୋରିଆର ଆନ୍ ସିୟଙ୍ଗଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ଶ୍ରୀକାନ୍ତ ସ୍ଥାନୀୟ ଖେଳାଳି ସନ୍ ୱାନ ହୋଙ୍କୁ ୨୧-୧୨, ୧୮-୨୧, ୨୧-୧୨ରେ ପରାସ୍ତ କରିଛନ୍ତି। ଗତ ୩ ଥର ମୁକାବିଲାରେ ସନ୍‌ଙ୍କଠାରୁ ଶ୍ରୀକାନ୍ତ ହାରିଥିଲେ। ଶ୍ରୀକାନ୍ତ ସେମିଫାଇନାଲରେ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ଭେଟିବେ।



## ନଭନୀତ ଖେଳିଲେ ୧୦୦ତମ ମ୍ୟାଚ

ଏହି ମ୍ୟାଚରେ ଭାରତୀୟ ଫରୱାର୍ଡ ନଭନୀତ କୌର କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ମ୍ୟାଚ ପୂର୍ବରୁ ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ତାଙ୍କୁ ୧୦୦ ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ହରିୟାଣାର ନଭନୀତ ଏବେ ଭାରତୀୟ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟାଭାବେ ପରିଗଣିତ ହେଉଛନ୍ତି। ୨୦୧୭ରେ ମହିଳା ଏସିଆ କପ୍ ବିଜେତା ଦଳର ସେ ସଦସ୍ୟ ଥିଲେ। ସେଥିରେ ସେ ୪ଟି ଗୋଲ ଦେଇଥିଲେ। ଏହା ପୂର୍ବରୁ ୨୦୧୩ରେ ଜର୍ମାନୀରେ ଜୁନିୟର ମହିଳା ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ। ୨୦୧୮ରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରେ ମଧ୍ୟ ସେ ଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଦଳରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମାଇଲଖୁଣ୍ଟ ମ୍ୟାଚ ପାଇଁ ନଭନୀତଙ୍କୁ ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ଆଥ୍‌ଲେଟିକ୍ ମିଟ୍ ଆରମ୍ଭ

ଭୁବନେଶ୍ୱର, ୮।୪ (କ୍ରୀଡ଼ା ପ୍ରତିନିଧି): କିଟ୍ ଆଥ୍‌ଲେଟିକ ଷ୍ଟାଡିୟମରେ ୬୮ତମ ରାଜ୍ୟ ସିନିୟର ଓ ଜୁନିୟର ଆଥ୍‌ଲେଟିକ ମିଟ୍ ଶୁକ୍ରବାର ଆରମ୍ଭ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୦ ଜିଲା, ପାରାଦୀପ ବନ୍ଦର ଓ ଟେଲିକମ୍ ଆଦିରୁ ୨ହଜାରରୁ ଊର୍ଦ୍ଧ୍ୱ ଆଥ୍‌ଲେଟ, କୋଚ ଓ ଅଫିସିଆଲ୍ ଯୋଗ ଦେଇଛନ୍ତି। କିଟ୍-କିସ୍ ଆଥ୍‌ଲେଟିକ ଷ୍ଟାଡିୟମରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। କିଟ୍ ପକ୍ଷରୁ ଦୂତୀ ଚାନ୍ଦ, ଅମିୟ ମଲିକ ଓ ଜଉନା ମୁର୍ମୁଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ଭାଗ ନେଉଥିବା ବେଳେ ରାଜ୍ୟର ବହୁ ପ୍ରତିଭାଧାରୀ ଖେଳାଳି ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ୍ ଓ କିଟ୍-କିସ୍ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କୋଷାଧ୍ୟକ୍ଷ ଅଧିପ ଦାସ ଓ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

**ଦଣ୍ଡସେନାଙ୍କ ରେକର୍ଡ**

ପ୍ରତିଯୋଗିତାର ପ୍ରଥମ ଦିବସରେ ନୂଆ ରାଜ୍ୟ ରେକର୍ଡ ସୃଷ୍ଟି କରିଛନ୍ତି ଅଶୋକ ଦଣ୍ଡସେନା। ପୁରୁଷ ୫୦୦୦ ମିଟର ରେସ୍‌କୁ ସେ ୧୪:୪୯.୪ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି।



ଶୁକ୍ରବାର ମହିଳା ବିଭାଗ ରେସ୍ ଅବସରରେ ଦୂତୀ ଚାନ୍ଦ ଓ ଅନ୍ୟ ପ୍ରତିଯୋଗୀ। ପ୍ରଥମ ଦିବସରେ ନୂଆ ରାଜ୍ୟ ରେକର୍ଡ ସୃଷ୍ଟି କରିଥିବା ଅଶୋକ ଦଣ୍ଡସେନା।


ଖୋର୍ଦ୍ଧା ଜିଲା ସ୍ୱତନ୍ତ୍ର ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପିଲା କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଉପଭୋଗ କରୁଛନ୍ତି।

# ଓଡ଼ିଶା ୧୩୨ ରନରେ ବିଜୟୀ

**ସି.କେ. ନାଇଡୁ ଟ୍ରଫି**

ଭୁବନେଶ୍ୱର, ୮।୪ (କ୍ରୀଡ଼ା ପ୍ରତିନିଧି)

ତ୍ରିଭେନ୍ଦ୍ରମର ସେଣ୍ଟ ଜାଭିୟର ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୩୨ ରନରେ ହାଇଦ୍ରାବାଦକୁ ହରାଇ ଦେଇଛି। ଏଲିଟ ଗ୍ରୁପ୍-ସି'ର ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୩୪୫ ଓ ହାଇଦ୍ରାବାଦ ୨୩୨ ରନ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ୧୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୩୦୦ ରନ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଦ୍ୱିତୀୟ ଇନିଂସରେ ୧୬୭ ରନରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ପକ୍ଷରୁ ତାରିଣୀ ସ' ୩୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ସୌରଭ କନୋଜିଆଙ୍କୁ ୨ଟି ଉଇକେଟ ମିଳିଥିଲା। ନିଜର ପ୍ରଥମ ମ୍ୟାଚରେ ଝାଡ଼ଖଣ୍ଡଠାରୁ ହାରିଥିବା ଓଡ଼ିଶା ପ୍ରତିଯୋଗିତାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଓଡ଼ିଶା ଦଳ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଓଡ଼ିଶା ମୋଟ ୧୨ ପଏଣ୍ଟ ସହିତ ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା ସନ୍ଦେହ

**ଭଞ୍ଜନଗର,୮।୪(ଡି.ଏନ.ଏ):** ଗଞ୍ଜାମ ଜିଲା ତାରସିଂ ଥାନା ଗାଲେରି ଫାଣ୍ଡି ଅନ୍ତର୍ଗତ ପଥରଗଣ୍ଡା ଜଙ୍ଗଲରେ ଶୁକ୍ରବାର ଏକ ପ୍ରେମୀ ଯୁଗଳଙ୍କର ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସାମାଜିକ ସ୍ୱୀକୃତି ନମିଳିବାରୁ ଉଭୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ମୃତ୍ୟୁର ଠିକ କାରଣ ଜଣାପଡିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଗାଲେରି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ. ୫/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ଉଭୟ ଗ୍ରାମ ଛାଡି ପଳାଇଥିବା ବେଳେ ପଥରଗଣ୍ଡା ଜଙ୍ଗଲରେ ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲୁଥିବା ପୋଲିସକୁ ସୂଚନା ମିଳିଥିଲା।

### ବଳାତ୍କାର ମାମଲାରେ ଫେରାର ଯୁବକଙ୍କୁ ଧରିଲା ଝାଡ଼ଖଣ୍ଡ ପୋଲିସ

**ଗୋପାଳପୁର ୮।୪(ଡି.ଏନ.ଏ.):** ଯୁବତୀଙ୍କୁ ବଳାତ୍କାର ମାମଲାରେ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ଗୋପାଳପୁର ଥାନା ଅଞ୍ଚଳରୁ ଗିରଫ କରି ଝାଡ଼ଖଣ୍ଡ ପୋଲିସ ନେଇଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ଭାରଜାମୁଡା ଗ୍ରାମର ଆଶିର୍ବାଦ କୁମାର ପ୍ରିତମ। ଝାଡଖଣ୍ଡ ରାଜ୍ୟ ନାମକୁମ ଥାନା ଅଞ୍ଚଳରେ ଗତ ବର୍ଷ ଅଗଷ୍ଟରେ ଜଣେ ଯୁବତୀଙ୍କୁ ପ୍ରିତମ ୧୦ ଦିନ ରଖି ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣକ ନାମକୁମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୯/୨୧ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରିତମ ଗତ କିଛି ମାସ ହେଲେ ଗୋପାଳପୁର ଏନ୍‌ଏସିରେ ଥିବା ବ୍ୟାଙ୍କ ଅଫ ବରୋଦାରେ ସହକାରୀ ଶାଖା ପରିଚାଳକ ଭାବେ କାମ କରୁଥିଲେ। ଏ ନେଇ ନାମକୁମ ଥାନା ପୋଲିସ ପ୍ରାଥମିକ ଚାର୍ଜ ସିଟ କୋର୍ଟରେ ଦାଖଲ କରିଥିଲା। ପରବର୍ତ୍ତୀ ସମୟରେ କୋର୍ଟ ପ୍ରିତମଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନ ଜାରି କରିଥିଲା। ପ୍ରିତମ ଗୋପାଳପୁରରେ ରହୁଥିବା ଖବର ପାଇ ନାମକୁମ ଥାନାର ୪ ଜଣିଆ ଏକ ଟିମ ଶୁକ୍ରବାର ଗୋପାଳପୁର ପୋଲିସ ସାହାଯ୍ୟରେ ବ୍ୟାଙ୍କ ଅଫ ବାରୋଦରେ ଚଢ଼ାଉ କରି ପ୍ରିତମଙ୍କୁ ଧରିଥିଲେ। ବ୍ରହ୍ମପୁର ସିଜିଏମ୍ କୋର୍ଟରେ ପ୍ରିତମଙ୍କୁ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଝାଡ଼ଖଣ୍ଡ ପୋଲିସ ନେଇଥିବ ସୂଚନା ମିଳିଛି।

### ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ପାରଳାଖେମୁଣ୍ଡି,(ଡି.ଏନ୍.ଏ.):** ପାରାଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷଠାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗଜପତି ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରାକୁ ସିଡିଏମ୍‌ଓ ଡା. ପ୍ରଦୀପ କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ନିର୍ବାଚିତ ପ୍ରତିନିଧିଙ୍କୁ ଠିକାଦାରି କାମ ମନା

**ଓଡ଼ଗାଁ ବ୍ଲକ, ଏନ୍‌ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା**

ଓଡ଼ଗାଁ,୮।୪ (ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଥିବା ବେଳେ ନବ ନିର୍ବାଚିତ ପ୍ରତିନିଧିଙ୍କ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବର୍ଦ୍ଧନା ଉତ୍ସବ ମଧ୍ୟ ଲାଗି ରହିଛି। ଏଭଳିସ୍ଥଳେ ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଓଡ଼ଗାଁ ଗସ୍ତ କରି ବ୍ଲକ ତଥା ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବ୍ଲକ ସମ୍ମିଳନୀ ଗୃହରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସାହୁଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ବିଡିଓ ସ୍ୱାତୀଲେଖା ଦାସଙ୍କ ସମେତ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଏପରିସ୍ଥଳେ ମନ୍ତ୍ରୀ ସ୍ମାର୍ଟ ସ୍କୁଲ, କଲ୍ୟାଣ ମଣ୍ଡପ, ଆଦର୍ଶ ଶ୍ମଶାନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ମିନି ପାର୍କ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀଙ୍କ ହସ୍ତକ୍ଷେପକୁ ସେ ନା କରିଛନ୍ତି। ଲୋକଙ୍କ ସମସ୍ୟାକୁ ଗୁରୁତର ସହ ସମାଧାନ କରିବା, ସବୁ ସମୟରେ ଲୋକଙ୍କ ସହିତ ରହିବାକୁ ସେ କହିଥିଲେ। ଏଥିସହ ନିର୍ବାଚିତ ଜନ ପ୍ରତିନିଧି ସ୍ୱଇଚ୍ଛାରେ ରାଜନୀତିରେ ପ୍ରବେଶ କରିଥିବାରୁ ସେମାନେ କୌଣସି ପ୍ରକାରର ଠିକାଦାରୀ କାମ କରିପାରିବେ ନାହିଁ ବୋଲି ମନ୍ତ୍ରୀ ସାହୁ ସ୍ପଷ୍ଟ କରି ଦେଇଥିଲେ। ମନ୍ତ୍ରୀ ସାହୁ ଏନ୍‌ଏସି ଦ୍ୱାରା ନିର୍ମାଣ କରାଯାଉଥିବା ସ୍ମାର୍ଟ ମାଛ ବଜାର ଓ ଆଦର୍ଶ ଶ୍ମଶାନ ସ୍ଥଳ ପରିଦର୍ଶନ କରିବା ସହ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ତାଗିଦ୍ କରିଥିଲେ। ଏଥିପାଇଁ ଆବଶ୍ୟକ ପାର୍କିଂ, ପାନୀୟ ଜଳ ଓ ଆଶ୍ରୟ ଗୃହ ନିର୍ମାଣ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ବିଭାଗୀୟ ଅଧିକାରୀ ଓ କେତେଜଣ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

# ୮୬ ପ୍ରକଳ୍ପ ପ୍ରଦର୍ଶିତ



**ଭାପୁର ବ୍ଲକସ୍ତରୀୟ ବିଜ୍ଞାନମେଳା**

ନୟାଗଡ଼ ଅଫିସ/ଭାପୁର, ୮।୪ (ଡି.ଏନ.ଏ.)

ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତର ଜାମୁସାହି ଆଞ୍ଚଳିକ ଚାରୁଦେବୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଭାପୁର ବିଡିଓ ଜନ୍ମେଜୟ ସାହୁ ଓ ତହସିଲଦାର ତୃପ୍ତି ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଭାପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାଶ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ଚାରୁଦେବୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଚାରକମଣ୍ଡଳୀ ଦ୍ୱାରା ଯୋଗ୍ୟ ବିବେଚିତ ୧୨ଗୋଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶିତ ହେବ ବୋଲି ମନୋନୀତ ହୋଇଥିଲା। ସେହିପରି ବିଜ୍ଞାନମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ, ଓସ୍କାର ପୂର୍ବତନ ଜିଲା ସଭାପତି ନିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଜ୍ଞାନମେଳାରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ବିଧାୟକ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।

# ୪ର୍ଥ ଦିନରେ ବୁଗୁଡ଼ା କଲୋନିବାସୀଙ୍କ ଧାରଣା



ଧାରଣା ସ୍ଥଳରେ ଭାଜପା ନେତା ଓ ଆନ୍ଦୋଳନକାରୀ।

ଦଶପଲ୍ଲା,୮।୪ (ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ବୁଗୁଡା କଲୋନୀର ଶହେ ଏକରରୁ ଅଧିକ ଚାଷଜମି କ୍ଷତିଗ୍ରସ୍ତ ହେବ। ଅଦ୍ୟାବଧି ପ୍ରଶାସନ କିମ୍ବା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନୟାଗଡ଼ଙ୍କ ପକ୍ଷରୁ ଗ୍ରାମବାସୀଙ୍କୁ କ୍ଷତି ହେଉଥିବା ଜମିର ପରିମାଣ ଓ କ୍ଷତିପୂରଣ ବାବଦରେ ଲିଖିତ ଭାବେ ଅବଗତ କରା ନ ଯିବା ପ୍ରତିବାଦରେ ଗତ ୫ତାରିଖଠାରୁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶୁକ୍ରବାର ଚତୁର୍ଥ ଦିବସରେ ପହଞ୍ଚିଛି। ପୂର୍ବାହ୍ନ ୧୦ଟାରେ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଆନ୍ଦୋଳନକାରୀମାନେ କ୍ଷତିପୂରଣ ଅର୍ଥ ନ ପାଇଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ। ପୂର୍ବାହ୍ନ ୧୧ଟାରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ କିଶୋର ଦଳବେହେରା, ଭୀମଭୋଇ, ଟାକରା ଅଞ୍ଚଳ ଆଦିବାସୀ ଯୁବନେତା ସୁକାନ୍ତ କୁମାର ଜାନୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ଆସନ୍ତାକାଲିଠାରୁ ରେଳ ପ୍ରକଳ୍ପ ହେବାକୁ ଥିବା ସ୍ଥାନରେ ବାଡ଼ ଦିଆଯାଇ ନାଲି ପତାକା ମାରି ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦିଆଯିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନର ଶୁଭାରମ୍ଭ

ବ୍ରହ୍ମପୁର ଅଫିସ,୮।୪

ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ଏହାର କାର୍ଯ୍ୟ କ୍ଷେତ୍ରରେ ଭ୍ରାମ୍ୟମାଣ ସବଷ୍ଟେଶନ ଭାବେ ପରିଚିତ ଅଭିନବ ସମାଧାନ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଭ୍ରାମ୍ୟମାଣ ସବଷ୍ଟେଶନରେ ଏକ ବିତରଣ ଟ୍ରାନ୍ସଫର୍ମର, ହାଇ ଟେନସନ ଓ ଲୋ ଟେନସନ ସୁରକ୍ଷା ଉପକରଣ ସହିତ ଏକ ଭ୍ରାମ୍ୟମାଣ ଟ୍ରଲିରେ ଅନ୍ୟାନ୍ୟ ଉପକରଣ ଖଞ୍ଜାଯାଇଛି। ଏହି ଭ୍ରାମ୍ୟମାଣ କ୍ଷୁଦ୍ର ଆକୃତିର ସବଷ୍ଟେଶନ ପ୍ଲଗ ଇନ ପ୍ରକାରର ସବ ଷ୍ଟେଶନ ଓ ପରିବହନ ସମୟ ବ୍ୟତୀତ ସେବା ପାଇଁ ଏହାକୁ ଉପଯୋଗୀ କରିବା ପାଇଁ ୧.୫ ଘଣ୍ଟାର ସମୟ ଆବଶ୍ୟକ ରହିଛି। ସ୍ଥାପିତ ଟ୍ରାନ୍ସଫର୍ମର ଖରାପ ହୋଇଯିବା ଓ ହସ୍ପିଟାଲ ଭଳି ପ୍ରମୁଖ ସଂସ୍ଥା, ଜଳ ଯୋଗାଣ, ଝଡ ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମାମଲାରେ ଶୀଘ୍ର ଯୋଗାଣ ସ୍ୱାଭାବିକ କରିବା ପାଇଁ ଏହାକୁ ବ୍ୟବହାର କରାଯାଉଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି, ନୂତନ ପ୍ରଯୁକ୍ତି ପ୍ରୟୋଗ କରିବା ଓ ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଲକ୍ଷ୍ୟ ରହିଛି। ଗ୍ରାହକ ସନ୍ତୁଷ୍ଟି ଉପରେ ଗୁରୁତ୍ୱ ଦେଇ ଆମେ ନବସୃଜନ ଜାରି ରଖିବୁ ଓ ନୂତନ ସେବା ଆରମ୍ଭ କରିବୁ ବୋଲି ସେ କହିଛନ୍ତି। ଏଥିସହ ତ୍ରୁଟିପୂର୍ଣ୍ଣ ବିତରଣ ଟ୍ରାନ୍ସଫର୍ମର ଭଳି ମାମଲାରେ ବିଦ୍ୟୁତ ସେବାକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଭ୍ରାମ୍ୟମାଣ ସବ ଷ୍ଟେଶନକୁ ଶୀଘ୍ର ନିଆଯାଇପାରିବ। ହସ୍ପିଟାଲ ଓ ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ଗ୍ରାହକଙ୍କ ଜରୁରୀକାଳୀନ ସେବା ମାମଲାରେ ବିଦ୍ୟୁତ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବାରେ ଏହା ସହାୟକ ହେବ। ଡିଏସ୍‌ଏସ୍‌ର ମରାମତି ମାମଲାରେ ଗ୍ରାହକଙ୍କୁ ବିଦ୍ୟୁତ ଯୋଗାଣ ପାଇଁ ଭ୍ରାମ୍ୟମାଣ ସବ ଷ୍ଟେଶନକୁ ବ୍ୟବହାର ଓ ପ୍ରକଳ୍ପ କାର୍ଯ୍ୟ ସମୟରେ ସାମୟିକ ବିଦ୍ୟୁତ ଯୋଗାଣ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଟିପିଏସ୍‌ଓଡିଏଲ ପକ୍ଷରୁ କୁହାଯାଇଛି।

# ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କୁ ଆକ୍ରମଣ ମାମଲା, ୫ କୋର୍ଟ ଚାଲାଣ

ଗୋପାଳପୁର,୮।୪(ଡି.ଏନ.ଏ.)


ଗିରଫ ଅଭିଯୁକ୍ତମାନେ।

ଲୋଡିଂକୁ ନେଇ ଏକ ଟ୍ରକ ସଂଘର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ପାଣିଗ୍ରାହୀପେଣ୍ଠ ସାହିର ଅଶୋକ କୁମାର ସେଠୀ, ଫାଷ୍ଟଗେଟ୍ ଗାୟତ୍ରୀ ନଗରର ନିଶିକାନ୍ତ ସେଠୀ, ଲୋଚାପଡ଼ାର ଜୟରାମ ପାଢ଼ୀ, ଅନ୍ଧପସରା ରୋଡ୍‌ର ରାଧାମାଧବ ସାହୁ ଓ ରାମନଗରର ପ୍ରଶାନ୍ତ କୁମାର ମହାରଣା। ଗୋଳନ୍ଥରା ଥାନା ଅନ୍ତର୍ଗତ ସୋର୍ଲା ରୋଡ଼ଠାରେ କଲିକତା ସ୍ପ୍ରିଙ୍ଗ୍ ଲୋଡିଂକୁ ନେଇ ଗଞ୍ଜାମ ଜିଲା ମଲ୍‌ଟି ଏକ୍ସିଲ ଟ୍ରକ ସଂଘ ଓ ଗଞ୍ଜାମ ଟ୍ରକ ମାଲିକ ସଂଘ ମଧ୍ୟରେ ଗତ କିଛିଦିନ ହେଲା ବାଦବିବାଦ ଲାଗି ରହିଥିଲା। ହଳଦିଆପଦରଠାରେ ମଲ୍‌ଟି ଏକ୍ସିଲ ଟ୍ରକ ସଂଘ ସଦସ୍ୟ ବିକ୍ରମ କେଶରୀ ପଟ୍ଟନାୟକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଥିବା ବେଳେ ଗତ ୪ରେ ଗଞ୍ଜାମ ଟ୍ରକ ମାଲିକ ସଂଘର ସଦସ୍ୟମାନେ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିକ୍ରମ ଗୁରୁତର ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚିବା ପରେ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ବିକ୍ରମଙ୍କ ଏତଲା କ୍ରମେ ନଂ. ୧୧୨/୨୨ରେ ୪୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଉକ୍ତ ମାମଲାରେ ଫେରାର୍ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର କହିଛନ୍ତି।

# ହତ୍ୟା ଉଦ୍ୟମ ଅଭିଯୋଗରେ ଜେଲ ଗଲେ ଶାଶୁ, ଜ୍ୱାଇଁ

- ଘରକୁ ଡାକି ଢାଳିଦେଲେ ତତଲା ତେଲ
- ବୃଦ୍ଧ ଗୁରୁତର, ଚଢ଼େୟାପଲ୍ଲୀରେ ଉତ୍ତେଜନା

ନୟାଗଡ ଅଫିସ,୮।୪

ହତ୍ୟା ଉଦ୍ୟମ ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଚଢ଼େୟାପଲ୍ଲୀ ଗାଁର ଶ୍ରୀମତି ପାଳ(୪୭) ଓ ଜ୍ୱାଇଁ ସନ୍ତୋଷ ଜେନା(୩୪)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜ୍ୱାଇଁ ଓ ଶାଶୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଘରକୁ ଡାକି ମଣିଆ ପ୍ରଧାନ(୫୫)ଙ୍କ ଉପରେ ଗରମ ତେଲ ଢାଳିଦେବା ପରେ ଉତ୍ତେଜନା ଦେଖାଦେଇଥିଲା। ମଣିଆଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମଣିଆଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଅଭିଯୋଗ ଅନୁସାରେ, ଚଢ଼େୟାପଲ୍ଲୀର ମଣିଆଙ୍କୁ ଶ୍ରୀମତି ପାଳ ଘରକୁ ଡକାଇଥିଲେ। ମଣିଆ ଘରକୁ ଆସିବା ପରେ ଶ୍ରୀମତି ଗରମ ତେଲ ପକାଇ ଦେଇଥିଲେ। ପରେ ଶ୍ରୀମତିଙ୍କ ଜ୍ୱାଇଁ ମଣିଆଙ୍କୁ ମାରପିଟ୍ କରିଥିଲେ। ମଣିଆଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୪୩/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା।

# ପରିତ୍ୟକ୍ତ କୂଅରେ ଭାସୁଛି ମୃତଦେହ

ବୁଗୁଡ଼ା,୮।୪(ଡି.ଏନ୍.ଏ)

ଗଞ୍ଜାମ ବୁଗୁଡ଼ା ସହର ଉପକଣ୍ଠ ପୋଲସରା ରାସ୍ତାର ଏନ୍‌ଏସି ସ୍ୱାଗତ ଗେଟ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଅଜଣା ମୃତଦେହ ପଡ଼ିଛି। ଦୁର୍ଗନ୍ଧ ହେବାରୁ ଲୋକ କୂଅ ନିକଟକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବୁଗୁଡା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି କୂଅ ଭିତରୁ ଗଳିତ ମୃତଦେହ ବାହାର କରିବା ପାଇଁ ଉଦ୍ୟମ କରିଥିଲେ। ମୃତହେଦ ପଚି ସଢ଼ି ଯାଇଥିବାରୁ ଘଟଣାଟି ପ୍ରାୟ ସପ୍ତାହେ ପୂର୍ବରୁ ଘଟିଥିବା ଅନୁମାନ କରାଯାଉଛି।

# ଶରଧାପୁରରେ ବୋମାମାଡ଼ ବାପପୁଅ ଗୁରୁତର

ନୟାଗଡ଼ ଅଫିସ,୮।୪




ନୟାଗଡ଼ ଜିଲା ଇଟାମାଟି ଥାନା ଶତଧାପୁର ଗାଁରେ ଶୁକ୍ରବାର ରାତି ୯ଟାରେ ଦୁଃଶାସନ ନାୟକଙ୍କ ଘର ଉପରକୁ ୫ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଏଥିରେ ଦୁଃଶାସନ(୫୫) ଓ ପୁଅ ସୌମ୍ୟରଞ୍ଜନ (୨୫) ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁଃଶାସନଙ୍କ ସ୍ତ୍ରୀଙ୍କ ସୂଚନା ଅନୁସାରେ, ଗୁହାଳ କରିବା ପାଇଁ ଜଣେ ଲୋକ ପ୍ରତିନିଧିଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦିଆଯାଇଥିଲା। ତେବେ ଉକ୍ତ ଲୋକ ପ୍ରତିନିଧି ଚଳିତ ପଞ୍ଚାୟତ ନିର୍ବାଚନରେ ହାରି ଯାଇଥିଲେ। ତାଙ୍କୁ ଟଙ୍କା ମାଗିବାରୁ ଶୁକ୍ରବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକ ପ୍ରତିନିଧିଙ୍କ ସମର୍ଥକମାନେ ରାତିରେ ଆସି ଦୁଃଶାସନଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ।

# ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି,୮।୪ (ଡି.ଏନ୍.ଏ.)

ପାରଳାଖେମୁଣ୍ଡିର ବଡ ମାଜିଗା ସାହିରେ ଆଗାମୀ ଦିନରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ଉକ୍ତ ବାଲ୍ୟବିବାହ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଗୋଷାଣୀ ବାଲ୍ୟବିବାହ ନିଷେଧ ଅଧିକାରିଣୀ ଗୌରୀ ନାୟକ ଜାଣି ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ଏହା ପରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା। ଏଥିରେ ଆଇସିଡିଏସ ସିଡିପିଓ ଗୌରୀ ନାୟକ, ମହିଳା ସୁପରଭାଇଜର ଅମିତା ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା, ସଖୀ ୱାନ ଷ୍ଟେପ ସେଣ୍ଟର କେନ୍ଦ୍ର ପ୍ରଶାସିକା ଭାଗ୍ୟଲକ୍ଷ୍ମୀ ନାୟକ, ଚାଇଲ୍ଡ ଲାଇନର ସଦସ୍ୟ ତପସ୍ୱିନୀ ନାୟକ ପ୍ରମୁଖ ଉକ୍ତ ସ୍ଥାନକୁ ଯାଇ ହେବାକୁ ଥିବା ବାଲ୍ୟବିବାହକୁ ସ୍ଥଗିତ କରିଥିଲେ। ଏହାପରେ ନାବାଳିକାର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ଅଭିଭାବକଙ୍କୁ ବାଲ୍ୟ ବିବାହର କୁପ୍ରଭାବ ଉପରେ ବୁଝାଯାଇଥିଲା।

# ପୁଣି ଜଣେ ଅଭିଯୁକ୍ତ ଗିରଫ

**ପିଉଲ ଛକ ୪ ଭାଇଙ୍କୁ ହତ୍ୟା ମାମଲା**

ହିଞ୍ଜିଳିକାଟୁ/ଶେରଗଡ଼, ୮।୪(ଡି.ଏନ.ଏ.)


ଗିରଫ ୬ନଂ ଅଭିଯୁକ୍ତ।

ହିଞ୍ଜିଳି ଥାନା ପିଉଳ ଛକରେ କମେଣ୍ଟମରା ଘଟଣାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ୪ ଭାଇଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗତ ୨୯ରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ଜଣେ ଫେରାର ଥିବା ଅଭିଯୁକ୍ତ ମିଳନ ସ୍ୱାଇଁଙ୍କୁ ଶୁକ୍ରବାର ପୋଲିସ ଗିରଫ କରି ଶେରଗଡ଼ ଜେଏମ୍‌ଏଫ୍‌ସିଙ୍କ କୋର୍ଟକୁ ଚାଲାଣ କରିଛି। ଶେରଗଡ଼ ବ୍ଲକ ଅନ୍ତର୍ଗତ ପିଉଳ ଛକରେ ଗତ ୨୨ରେ ଏକ ଫାଷ୍ଟଫୁଡ ଦୋକାନରେ ଖାଦ୍ୟକୁ ନେଇ ଯୁକ୍ତିତର୍କ ଓ ପରେ କମେଣ୍ଟମରାକୁ ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ ସେହି ଦୋକାନ ନିକଟରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ଗୋଟିଏ ପରିବାରର ୩ ଭାଇ ରାଜା ସ୍ୱାଇଁ, ଶମ୍ଭୁ ସାଇଁ, ପାଣ୍ଡବ ସ୍ୱାଇଁ ଓ ଏମାନଙ୍କ ସମ୍ପର୍କୀୟ ନାବାଳକ ଭାଇ ଚନ୍ଦନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା ପାଇଁ ବୁଧବାର ୩ ଅଭିଯୁକ୍ତ ରାମଚନ୍ଦ୍ରପୁରର ମୁଖ୍ୟ ଅଭିଯୁକ୍ତ ସାଧୁ ଓରଫ ଅମିୟ ସ୍ୱାଇଁ, ବାହନପତି ବେହେରା, ସନ୍ତୋଷ ସ୍ୱାଇଁଙ୍କୁ ପୋଲିସ ୨ଦିନିଆ ରିମାଣ୍ଡରେ ଆଣିଥିଲା। ସେମାନଙ୍କ ରିମାଣ୍ଡ ଅବଧି ଶେଷ ପରେ ପୋଲିସ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇଛି। ମୃତକଙ୍କ ଗ୍ରାମ ନରେନ୍ଦ୍ରପୁର ଓ ପିଉଳ ଛକରେ ଗ୍ରାମବାସୀମାନଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ ନିମନ୍ତେ ପୋଲିସ ଉଦ୍ୟମ କରୁଛି। ପିଉଳ ଛକରେ ସ୍ୱାଭାବିକ ଜୀବନଯାତ୍ରା ଓ ଦୋକାନ ଖୋଲିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ପିଉଳ ଛକରେ ୨ ମଦ ଦୋକାନ ଉଚ୍ଛେଦ ଓ ଫାଣ୍ଡି ପ୍ରତିଷ୍ଠା ପାଇଁ ଗ୍ରାମବାସୀମାନେ ଅଡ଼ି ବସିଛନ୍ତି।

# ବିଜୁଳି କର୍ମଚାରୀ ସଂଘର ଆମରଣ ଅନଶନ ଜାରି

**କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର, ପ୍ରଶାସନ ବୁଝାଇବାରେ ବିଫଳ**

ବ୍ରହ୍ମପୁର ଅଫିସ, ୮।୪


ଆନ୍ଦୋଳନରତ ସଂଘର କର୍ମଚାରୀ।

ଓଡିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଟିପିଏସ୍‌ଓଡିଏଲ ଅଧୀନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଗୁରୁବାରଠାରୁ ଅହୋରାତ୍ର ଧାରଣା ଓ ଆମରଣ ଅନଶନ ଆରମ୍ଭ ହୋଇଛି। ଶୁକ୍ରବାର ଆନ୍ଦୋଳନର ଦ୍ୱିତୀୟ ଦିନରେ ୨ ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିବା ବେଳେ ଚିକିତ୍ସା ନିମନ୍ତେ ଅମଙ୍ଗ ହୋଇଛନ୍ତି। ଫଳରେ ଘଟଣା ସ୍ଥଳରେ ଅତିରିକ୍ତ ଜିଲାପାଳ ବିନୋଦ ବେହେରା, ବୈଦ୍ୟନାଥପୁର ଥାନା ଅଧିକାରୀ ଓ ଲାଞ୍ଜିପଲୀ ଫାଣ୍ଡି ଅଧିକାରୀ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଦାବି ପୂରଣ ନ ହେବା ଯାଏ ଏଭଳି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରତ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ ହୋଇଥିଲେ ସୁଦ୍ଧା ଟିପିଏସ୍‌ଓଡିଏଲ ପକ୍ଷରୁ କୌଣସି କର୍ତ୍ତୃପକ୍ଷ ଆସି ଆଲୋଚନା କରି ନ ଥିବା ନେଇ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସଂଘ ପକ୍ଷରୁ ଆନ୍ଦୋଳନ ୨୬୦ ଦିନରେ ପହଞ୍ଚିଛି। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା କହିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିର ସୁରକ୍ଷା ପାଇଁ ଜଗନ୍ନାଥପ୍ରେମୀ ଦୀପ ଜାଳିଲେ




ନୟାଗଡ଼ ଅଫିସ,୮।୪: ଉନ୍ନୟନ କାର୍ଯ୍ୟ ନାଁରେ ଶ୍ରୀମନ୍ଦିର ଚାରିପାଖରେ ଗାତ ଖୋଳିବା, ପୁରୀ ଏମ୍‌ପି ସଂସଦରେ ଦେଇଥିବା ବିବୃତି, ପ୍ରଶାସନ ଓ ସରକାରଙ୍କ କାର୍ଯ୍ୟକଳାପକୁ ନେଇ ନୟାଗଡ଼ ସହରର ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଜଗନ୍ନାଥ ପ୍ରେମୀମାନେ ଗୁରୁବାର ନୟାଗଡ଼ ଜଗନ୍ନାଥ ମନ୍ଦିର ପରିସରରେ ଏକଜୁଟ ହୋଇ ଦୀପ ଜାଳି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଜଗନ୍ନାଥଙ୍କୁ ନିବେଦନ କରିଛନ୍ତି।

### ଭୁବନେଶ୍ୱରରୁ ଖଣ୍ଡପଡ଼ା ଦେଇ ବୌଦ୍ଧକୁ ଚାଲିଲା ବସ୍



ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.): ରାଜ୍ୟ ସରକାରଙ୍କ ସଡ଼କ ପରିବହନ ବିଭାଗ ପକ୍ଷରୁ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳ ଦେଇ ଭୁବନେଶ୍ୱରରୁ ବୌଦ୍ଧ ମଧରେ ନୂତନ ବସ୍ ସେବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରରୁ ବୌଦ୍ଧ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ହାଇଟେକ୍ ବସ୍‌ଟି ସକାଳ ୭ଟାରେ ଖଣ୍ଡପଡ଼ାଠାରେ ପହଞ୍ଚିବା ପରେ ଯୁବକ ସଂଘର ସଦସ୍ୟ, ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ସ୍ୱାଗତ କରିଥିଲେ। ଦୀର୍ଘବର୍ଷ ପରେ ଭୁବନେଶ୍ୱରରୁ ବୌଦ୍ଧ ମଧରେ ବସ୍ ସେବା ଆରମ୍ଭ ହୋଇଥିବାରୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀବାସୀଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି। ଉକ୍ତ ବସ୍ ସେବା ପରିବହନ ଓ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### କାର୍ଯ୍ୟ ଦିବସରେ ଜିଲାପାଳଙ୍କ ଅଫିସ ଖାଁ ଖାଁ

ନୟାଗଡ଼ ଅଫିସ,୮।୪: ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ ଶୁକ୍ରବାର ପୂର୍ବାହ୍ଣରେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏମାନଙ୍କ ଅନୁପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଏଣେତେଣେ ବୁଲୁଥିଲେ। ଶୁକ୍ରବାର କାର୍ଯ୍ୟ ଦିବସରେ ଅଫିସ ଖାଁ ଖାଁ ଲାଗୁଥିଲା। ଜିଲାପାଳ ପ୍ରାୟ ୧୨ଟା ୪୦ରେ ଅଫିସକୁ ଆସିଥିଲେ। ଏହାପରେ ଅନ୍ୟ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତିରେ ଅଭିଯୋଗ କରିବାକୁ ଆସିଥିବା ଅନେକ ଲୋକ ଫେରିଯାଇଥିଲେ।

# କାମ ମାଗିଲେ ୧୫୦ ଜବ୍‌କାର୍ଡଧାରୀ ଆଦିବାସୀ

ନୟାଗଡ଼ ଅଫିସ,୮।୪



ସି' ୱାନ ଫର୍ମ ପୂରଣ କରାଯାଉଛି।



ଜବ୍‌କାର୍ଡଧାରୀ ଆଦିବାସୀମାନେ କାମ ଦେବାକୁ ଦାବି କରୁଛନ୍ତି।

- ରୋଜଗାର ନ ଥିବାରୁ ଚଳିବା କଷ୍ଟ
- ଦଶପଲ୍ଲା ବ୍ଲକ, ଘୁଗୁଡିପଡ଼ା ପଞ୍ଚାୟତ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ରେ କାମ ପାଇବାକୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ଜବକାର୍ଡଧାରୀ ପଞ୍ଚାୟତରେ ଶୁକ୍ରବାର ପହଞ୍ଚି କାମ ମାଗିଛନ୍ତି। ଘୁଗୁଡିପଡା ପଞ୍ଚାୟତର ଜାନିସାହି, ଚମ୍ପାଡାଳି, କଦଳୀବାରୀ, ଖଜୁରିହି, ଖଳିସାହି, ବାଲିମୋଡା, ଗୁରିଆବାରୀ, ରାଇମଡା, କାଚପଲ୍ଲୀ, ସିଲିବାଡି ଗାଁର ମହିଳାପୁରୁଷ ଆସି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ପରେ ସି' ୱାନ ଫର୍ମ ପୂରଣ କରି କାମ ମାଗିଛନ୍ତି । ୧୫ ଦିନ ଭିତରେ କାମ ନ ଯୋଗାଇ ପାରିଲେ ସରକାର ଭତ୍ତା ଯୋଗାଇବାର ବ୍ୟବସ୍ଥା କରନ୍ତୁ। ଏ ନେଇ ସରପଞ୍ଚ ରମେଶ ସାହୁ, ଗ୍ରାମରୋଜଗାର ସେବକ ଅଜୟ କୁମାର ରଣା, ପିଇଓ ମନୋଜ ସାହୁ କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିବା ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଶୁକ୍ରବାର କାମ ମାଗିଛନ୍ତି। ସେମାନଙ୍କୁ ପଞ୍ଚାୟତ ପକ୍ଷରୁ କାମ ଯୋଗାଇବାକୁ ବ୍ୟବସ୍ଥା ଚାଲିଛି। ଜାନିସାହିର ପ୍ରମିଳା ଜାନୀ ଓ ଗୌତମ ଜାନୀ, ବାଲିଗୋଡା ଗାଁର ପ୍ରମୋଦ ପ୍ରଧାନ, କୁମାରୀ ଜାନୀ କୁହନ୍ତି, ରୋଜଗାର ନ ଥିବାରୁ ଘରେ ଚୁଲି ଜଳୁନି। ଗାଁ ଓ ଆଖପାଖ ଅଞ୍ଚଳରେ କାମ ମିଳୁନି। ଚଳିବା କାଠିକର ପାଠ ହେଉଛି। ଏଣୁ କାମ ମାଗିବା ପାଇଁ ପଞ୍ଚାୟତକୁ ଆସି ଆବେଦନ କରିଛୁ।

### ମିଳିମିଶି ଲୁଟୁଛନ୍ତି

ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆସୁଥିବା ଅର୍ଥକୁ ମିଳିମିଶି ଲୁଟୁଥିବା ଅଭିଯୋଗ ହେଉଛି। ଜଣେ ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧିଙ୍କ ସୂଚନା ଅନୁସାରେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆସୁଥିବା ଅର୍ଥକୁ ଲୁଟିଲେ କେହି ପ୍ରତିବାଦ କରନ୍ତି ନାହିଁ। କାରଣ ସମସ୍ତଙ୍କୁ ଊଣାଅଧିକେ ଭାଗ ଦିଆଯାଇଥାଏ। ପ୍ରଥମତଃ ସରକାରୀ ବାବୁ ଓ ଲୋକପ୍ରତିନିଧିମାନେ ମୋଟାଅଙ୍କର ଭାଗ ନେଉଛନ୍ତି। ୨ୟରେ କିଛି ଟଙ୍କା ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ଦିଆଯାଉଛି। ଯେଉଁମାନେ କାମ ଚାଲୁଥିବା ସମୟରେ ସୁରକ୍ଷା ଦିଅନ୍ତି। କିଛି ଅର୍ଥ ଗାଁକୁ ଯାଏ। ଆଉ କିଛି ଅର୍ଥ ଜବ୍‌କାର୍ଡଧାରୀ ପାଆନ୍ତି। ବିନା ପରିଶ୍ରମରେ ରୋଜଗାର ହେଉଥିବାବେଳେ ସବୁ ଅର୍ଥ ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଯାଏ। ଏଥିପାଇଁ ବିଶ୍ୱସନୀୟ ଜବ୍‌କାର୍ଡଧାରୀଙ୍କୁ ବାଛିବାକୁ ପଡ଼େ। ଟଙ୍କା ଆସିଲା ପରେ କିଛି ଅର୍ଥ ଜବ୍‌କାର୍ଡଧାରୀଙ୍କୁ ଧରାଇ ଦେଇ ବଳକା ଅର୍ଥ ଭାଗ ବାଣ୍ଟି ଦିଆଯାଏ। ଯଦି କେହି ଜବ୍‌କାର୍ଡଧାରୀ ପ୍ରତିବାଦ କରନ୍ତି ସେମାନଙ୍କୁ ଜେନତେନ ବୁଝାଇ ଦିଆଯାଏ। ନ ବୁଝିଲେ ଧମକଚମକ ଓ ମାରପିଟ୍ କରି ମୁହଁ ବି ବନ୍ଦ କରାଯାଏ। ପ୍ରତିସ୍ତରରେ ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଥିବାରୁ ବିଲ୍ ମଞ୍ଜୁରରେ ଅସୁବିଧା ହୋଇ ନ ଥାଏ। ଅଭିଯୋଗ ହେଲେ ସମୟ ଗଡାଇ ସବୁକିଛି ଠିକ୍‌ଠାକ୍ ଚାଲିଛି ବୋଲି କୁହାଯାଏ। ପ୍ରମାଣ ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ହେଲାନି ବୋଲି ସଫେଇ ଦିଆଯାଏ।

### ଗାଁରେ କାମ ଥାଇ ଶ୍ରମିକ ଦାଦନରେ

ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ ପରି ଅନେକ ଲୋକହିତକର ଯୋଜନା ଚାଲିଛି। ହେଲେ ନୟାଗଡ଼ ଜିଲାର ଅନେକ ଜବ୍‌କାର୍ଡଧାରୀ କାମ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଏହାର କାରଣ ଖୋଜାଯାଉନି। କାରଣ ଖୋଜିଲେ ଉନ୍ନୟନ ଅର୍ଥ ଫେରିଯିବ। ଅନେକେ ରୋଜଗାର ହରାଇବେ। ଏଣୁ ଜବ୍‌କାର୍ଡଧାରୀଙ୍କ ନାଁରେ ସବୁଠି କାମ ଚାଲିଛି। ଏ କଥା ସମସ୍ତେ ଜାଣିଥିଲେ ମଧ୍ୟ ରୋଜଗାର ହରାଇବା ଆଶାରେ ଚୁପ୍ ବୋଲି କେତେଜଣ ଶ୍ରମିକ ଅଭିଯୋଗ କରିଛନ୍ତି। ଆଉ କେତେଜଣ ଶ୍ରମିକଙ୍କ ମତରେ ଗାଁରେ ରାଜନୀତି ଅଧିକ। କାମ ମାଗିଲେ ମିଳେନା। କାରଣ ଏଠାରେ ବିନା କାମରେ ପାରିଶ୍ରମିକ ମିଳେ। ଏଥିପାଇଁ ଶାସକ ଦଳର ସମର୍ଥକ ହେବା ଦରକାର। ସେମାନଙ୍କର କାମ କରିବା ଦରକାର। ସେମାନଙ୍କ ପଛରେ ଗୋଡାଇ କାମ କରୁ କରୁ ପରିବାର ଲୋକମାନଙ୍କୁ ଭୋକରେ ରହିବାକୁ ପଡିବ। ଅନ୍ୟପକ୍ଷେ ଏହି ଯୋଜନାରେ ସ୍ୱଳ୍ପ ପାରିଶ୍ରମିକ ମିଳେ, ଯେଉଁଥିରେ ପରିବାର ଚଳାଇ ପାରିବେ ନାହିଁ। ଏଣୁ ଟେନ୍‌ସନ ନ ନେଇ ବାହାରକୁ ଚାଲିଯାଉ। ସେଠାରେ କାମ କରି ଘରକୁ ଟଙ୍କା ପଠାଉ। ସରକାରଙ୍କ ସୁଫଳ ଆମେ ପାଇପାରୁନୁ। ଶ୍ରମିକ ବଦଳରେ ଯନ୍ତ୍ର ଦ୍ୱାରା କାମ କରିବାକୁ ଆଇନ କରିଦେଲେ ଭଲ ହୁଅନ୍ତା, ଯାହାଦ୍ୱାରା ସରକାର ସ୍ୱଳ୍ପ ସମୟରେ ଅଧିକ କାମ ପାଇପାରନ୍ତେ। ପୁଣି କମ୍ ଟଙ୍କା ମଧ ଖର୍ଚ୍ଚ ହୁଅନ୍ତା। ଏ ନେଇ ପିଡି ଡିଆର୍‌ଡିଏ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଯେତେବେଳେ ଯେଉଁ ଅଭିଯୋଗ ଆସିଛି ତଦନ୍ତ କରି ସେସବୁର ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

### ହାଇୱାକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

ବୁଗୁଡ଼ା,୮।୪(ଡି.ଏନ.ଏ.)

ବୁଗୁଡ଼ା ସହର ଉପକଣ୍ଠସ୍ଥ ରାସ୍ତା କଡରେ ଥିବା ଏକ ହାଇୱାକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସେ ହେଲେ ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ହରିଶରଣପୁର ଗ୍ରାମର ପବିତ୍ର ଡାକୁଆ। ପ୍ରକାଶ ଯେ, ଗତ ଗୁରୁବାର ରାତିରେ ପବିତ୍ର ବିରଞ୍ଚିପୁର ଗାଁରୁ ବୁଗୁଡ଼ାକୁ ବାଇକ୍‌ରେ ଦୁଇ ଜଣଙ୍କୁ ବସାଇ ଫେରୁଥିବା ବେଳେ ଅସାବଧାନତା ହେତୁ ରାସ୍ତା କଡରେ ରହିଥିବା ଏକ ହାଇୱାକୁ ଧକ୍କା ଦେଇଥିଲେ। ସେ ସେଠାରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ବେଳେ ଦମକଳବାହିନୀ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ପବିତ୍ରଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ଯୋଗୁଁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ।

### ଇଂଜିନିୟରିଂ ଛାତ୍ରୀଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୮।୪

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତର ଜଣେ ମେଧାବୀ ଛାତ୍ରୀଙ୍କ ଅକାଳ ବିୟୋଗ ଘଟିଛି। ସେ ହେଲେ ଆଲୋକ ନାୟକଙ୍କ ଝିଅ ଆଲିସା(୧୯)। ସେ ଖୋର୍ଦ୍ଧା ଜିଲା ରଥିପୁରଠାରେ ଥିବା ଏକ ଇଞ୍ଜିନିୟରିଂ କଲେଜର ଅଧ୍ୟୟନ କରୁଥିଲେ। କରୋନା ସମୟରେ କଲେଜ ବନ୍ଦ ହେବାରୁ ସେ ଘରକୁ ଆସିଥିଲେ। ଜନ୍ମ ହେବାର ୫ ବର୍ଷ ପରେ ତାଙ୍କର ରକ୍ତହୀନତା(ସିକଲିଂ) ରୋଗ ଥିବା ଜଣାପଡିଥିଲା। ସେ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଥିଲେ। ଗତ କିଛି ଦିନ ହେବ ତାଙ୍କର ଦେହ ଅସୁସ୍ଥ ଥିଲା। ୨ ତାରିଖରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଛାତରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଗୋପାଳପୁର,୮।୪(ଡି.ଏନ.ଏ.)

ଏକ ଘରୋଇ କଲେଜ ଛାତରୁ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକିଟି ନିକଟସ୍ଥ ନୂଆଗଡ଼ର କିରଣ କୁମାର ବେହେରା ବୋଲି ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ନୂଆଗଡ଼ର କିରଣ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟସ୍ଥ ଗାୟତ୍ରୀ ଡିଗ୍ରୀ କଲେଜ ବିଜ୍ଞାନ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଥିଲେ। ଗୁରୁବାର ରାତିରେ ସେ ଚତୁର୍ଥ ମହଲାରେ ଥିବା ବେଳେ କୌଣସି କାରଣରୁ ତଳକୁ ଖସି ଗୁରୁତର ହୋଇପଡ଼ିଥିଲେ। କଲେଜର କର୍ମଚାରୀ ଓ ଛାତ୍ରୀଛାତ୍ର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଶୁକ୍ରବାର ଭୋରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ଖଣ୍ଡପଡ଼ା ପଞ୍ଚାୟତ ସମିତିର ପ୍ରଥମ ଅଧିବେଶନ



ବୈଠକରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ପ୍ରଥମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା ବୈଠକରେ ପୌରୋହିତ୍ୟ କରିଥିଲେ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରୁ ନବ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନେ ଅଧିବେଶନରେ ଉପସ୍ଥିତ ରହି ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ଉପରେ ବିଧାୟକ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପରିବହନ ଓ ଗମନାଗମନ ପରି ମୌଳିକ ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସଭ୍ୟା ଉଜ୍ଜ୍ୱଳା ମହାରଣା, ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ, ବିଡିଓ ଅରୁଣିମା ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡସେଟ୍ଟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଧିବେଶନରେ ଯୋଗ ଦେଇଥିଲେ।

## ଖବରଦାତାଙ୍କ ପ୍ରତି ନୀଳଗିରି ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)

କର୍ତ୍ତବ୍ୟରତ ଖବରଦାତା ଲୋକନାଥ ଦଳେଇଙ୍କ ପ୍ରତି ନୀଳଗିରି ପୋଲିସ ଅତି ଅମାନୁଷିକ ଭାବେ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ରାଜ୍ୟର ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଘଟଣାର ଦୃଢ ନିନ୍ଦା କରିଛନ୍ତି। ନୀଳଗିରି ପୋଲିସ ହିତାହିତ ଜ୍ଞାନ ଭୁଲି ଖବରଦାତାଙ୍କ ବିରୋଧରେ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ମାନବିକ ଅଧିକାର ଉଲ୍ଲଂଘନ କରୁଛି ବୋଲି ସଂଘର ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତଙ୍କ ସମେତ ବରିଷ୍ଠ ସଦସ୍ୟମାନେ କହିଛନ୍ତି। ସଂଘର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅୟୋଜିତ ବୈଠକରେ ସଦସ୍ୟମାନେ ଉପସ୍ଥିତ ରହି ଉପରୋକ୍ତ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ନୀଳଗିରି ଥାନା ଅଧିକାରିଣୀ ଓ ଘଟଣାରେ ସମ୍ପୃକ୍ତ ଥିବା ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

## ଦର୍ପନାରାୟଣପୁରରେ ଡକାୟତି ଉଦ୍ୟମ ପଣ୍ଡ

ଲୋକେ ପିଟି ପିଟି ଜଣଙ୍କୁ କାବୁ କରି ପୋଲିସ ଜିମା ଦେଲେ

ନୟାଗଡ଼ ଅଫିସ/ରଣପୁର, ୮।୪ (ସ୍ୱ.ପ୍ର.)



ରଣପୁର ଥାନା ଦର୍ପନାରାୟଣପୁରରେ ଗାଁ ଲୋକ ଓ ପୋଲିସ ଗୁରୁବାର ରାତିରେ ୩ ଡକାୟତଙ୍କର ଡକାୟତି ଉଦ୍ୟମ ପଣ୍ଡ କରିଛନ୍ତି। ପୋଲିସ ଦର୍ପନାରାୟଣପୁର ଗାଁର ଶେଷ ରାଉଳ ଓ ଖୋର୍ଦ୍ଧା ଜିଲା ଜାମୁସାହିର ସୁନୀଲ ଜେନା ନାମକ ଦୁଇ ଯୁବକଙ୍କୁ କାବୁ କରି ନେଇଥିଲା। ଗାଁ ଲୋକ ଖୋର୍ଦ୍ଧା ଜିଲା ଡାଳତୋଳା ଗାଁର ରାଜେଶ ନାୟକଙ୍କୁ କାବୁ କରି ମାରପିଟ୍ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଦର୍ପନାରାୟଣପୁରରେ ଡକାୟତି ପାଇଁ ୩ ଜଣ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଖବର ପାଇ ପୋଲିସ ୨ଜଣଙ୍କୁ କାବୁ କରି ନେଇଥିଲା। ତେବେ ଡାଳତୋଳାର ରାଜେଶ ପୋଲିସକୁ ଚକମା ଦେଖାଇ ଖସିଯାଇଥିଲେ। ଏ ଘଟଣା ପ୍ରଚାରିତ ହେବା ପରେ ଦର୍ପନାରାୟଣପୁର ବାସିନ୍ଦା ଉତ୍ତେଜିତ ହୋଇ ରାଜେଶଙ୍କୁ ମାରପିଟ୍ କରି କାବୁ କରିବା ସହ ତାଙ୍କ ବାଇକ୍ ଜବତ କରିଥିଲେ। ପରେ ବାଇକ୍ ସହ ରାଜେଶଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ଜଳିଗଲା ୪ ଲକ୍ଷ ଟଙ୍କାର ସମ୍ପତ୍ତି



ନିଆଁଲାଗି ପୋଡି ଯାଇଥିବା ଘର।

ନୟାଗଡ଼ ଅଫିସ/ଦଶପଲ୍ଲା, ୮।୪ (ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ତହସିଲ ଚଢ଼େୟାପଲ୍ଲୀ ପଞ୍ଚାୟତ ଓ ସାମସ୍କାରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୪ଲକ୍ଷ ଟଙ୍କାର ସମ୍ପତ୍ତିପୋଡ଼ିପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନି। ରମାକାନ୍ତ ଦେହୁରୀଙ୍କର ତେଜରାତି ଦୋକାନ ସଂଲଗ୍ନ ଘର ଜଳି ଯାଇଛି। ସେହିପରି ବିଷ୍ଣୁ ଚରଣ ଦେହୁରୀଙ୍କର ଅନୁରୂପ ଭାବେ ଚାଳ ଛପର ଘର ପୋଡି ଯାଇଛି। ଉଭୟ ପରିବାରର ୪ ବଖରା ଘର ଜଳି ଯାଇଛି। ଖବରପାଇ ସରପଞ୍ଚ ଲକ୍ଷ୍ମୀପ୍ରିୟା ପୃଷ୍ଟି ପହଞ୍ଚି ବିପନ୍ନ ପରିବାରକୁ ୫୦୦ ଟଙ୍କା ସହ ଚାଉଳ ପ୍ରଦାନ କରିଛନ୍ତି। ସେହିପରି ଆରଆଇ ପହଞ୍ଚି ପଲିଥିନ ବଣ୍ଟନ କରିଛନ୍ତି। କ୍ଷୟକ୍ଷତିର ଆକଳନ ତହସିଲ ପକ୍ଷରୁ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ଫୁଲବାଣୀ ଅଫିସ, ୮।୪

ଫୁଲବାଣୀ ବ୍ଲକ ଗଞ୍ଜୁଗୁଡା ଛକରେ ଦୁଇ ବାଇକ୍ ମଧରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜୁଗୁଡା ମୁଖିସାହିର ଭୀମସେନ ମୁଖୀ। ପଛରେ ଯାଉଥିବା ବାଇକ୍ ଚାଳକ ଆଗରେ ଥିବା ବାଇକ୍‌କୁ ଧକ୍କା ଦେବାରୁ ଚାଳକ ଜଣକ ରାସ୍ତା ଉପରେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଫୁଲବାଣୀ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୧୭ ପ୍ରକଳ୍ପ ପ୍ରଦର୍ଶିତ

ଓଡ଼ଗାଁ, ୮।୪ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଦୀର୍ଘ ଦୁଇବର୍ଷ ପରେ ନିକଟସ୍ଥ ନନ୍ଦିଘୋର ଜବାହରଲାଲ ବିଦ୍ୟାପୀଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ବରିଷ୍ଠ, କନିଷ୍ଠ ଓ ଅତି କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ସହ ସେମାନଙ୍କ ଦ୍ୱାରା ୧୧୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥି ମଧରୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ୧୦ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଯୁକ୍ତି ବିଦ୍ୟା ଓ ଖେଳନା ସମ୍ପର୍କିତ ବିଷୟବସ୍ତୁ ଉପରେ ଆଧାରିତ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବିଜ୍ଞାନ ମେଳା ନିମନ୍ତେ ଆୟୋଜିତ ସଭାରେ ହାତ ଗଣତି ଅଭିଜ୍ଞ ବିଜ୍ଞାନ ଶିକ୍ଷକଙ୍କଠାରୁ ଢେର ଅଧିକ ନିର୍ବାଚିତ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା।

ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବସିରନ ବିବିଙ୍କ ସମେତ ବହୁ ନିର୍ବାଚିତ ଜନ ପ୍ରତିନିଧି ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ କୁନି ବୈଜ୍ଞାନିକଙ୍କୁ ପ୍ରଶଂସା କରିବା ସହ ନିଜକୁ ଜଣେ ଭଲ ଶିକ୍ଷାବିତ୍ ହେବାକୁ ପରାମର୍ଶ ଦେଇଥିଲେ।




ବିଜ୍ଞାନମେଳାରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

## ତଦନ୍ତ ରିପୋର୍ଟ ଦେଲେ ଏବିଇଓ

ରୋଷେୟା ନିଯୁକ୍ତିରେ ଅନିୟମିତତା ଅଭିଯୋଗ ଘଟଣା

ନୂଆଗାଁ ୮।୪ (ଡି.ଏନ.ଏ.)



ବିଇଓଙ୍କ ରୁମ୍ ଆଗରେ ଭିନ୍ନକ୍ଷମ ପୁଅ ସହ ରୀନା ସାହୁ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଭରତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେୟା ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରି କି ଅଭିଯୋଗକାରୀ ତଦନ୍ତ ଦାବିକରି ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଭିନ୍ନକ୍ଷମ ପୁଅକୁ ଧରି ଧାରଣାରେ ବସିଥିଲେ। ଏହାର ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ପାଇବା ପରେ ଅଭିଯୋଗକାରୀ ଧାରଣାରୁ ଉଠିଥିଲେ। ଶୁକ୍ରବାର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଏହାର ତଦନ୍ତ କରି ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି।

ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ରୀନା ସାହୁ କରିଥିବା ଅଭିଯୋଗ ମୁତାବକ, କୋରଡ଼ା ପଞ୍ଚାୟତର ଭରତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି ରୋଷେୟା ପଦବୀ ନିଯୁକ୍ତି ପାଇଁ ନୋଟିସ ଜାରି କରାଯାଇଥିଲା। ସେହି ଅନୁସାରେ, ଗତ ୩୧ ତାରିଖରେ ସ୍କୁଲ ପରିଚାଳନା କମିଟି ଜରିଆରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୁଇଟି ପଦବୀ ପାଇଁ ୩ ଜଣ ଆଶାୟୀ ରହିଥିବା ବେଳେ ସରସ୍ୱତୀ ଚମ୍ପତିଙ୍କୁ ଜଣେ ରୋଷେୟା ଭାବେ ଚୟନ କରାଯାଇଥିଲା। ଦ୍ୱିତୀୟ ପଦବୀ ଚୟନ ନେଇ ଦୁଇ ଆଶାୟୀ ରୀନା ସାହୁ ଓ ସୁଷମା ସାହୁଙ୍କ ମଧରେ ଦ୍ୱନ୍ଦ୍ୱ ଉପୁଜିଥିଲା। ଶେଷରେ ପରିଚାଳନା କମିଟି ସୁଷମା ସାହୁଙ୍କୁ ଚୟନ କରିଥିଲା। ତେବେ ଅସାଧୁ ଉପାୟରେ ସୁଷମାଙ୍କୁ ଚୟନ କରାଯାଇଥିବା ଅଭିଯୋଗ ଆଣି ରୀନା ତଦନ୍ତ ଦାବି କରିଥିଲେ। ଅଭିଯୋଗର ତଦନ୍ତ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ତେଣୁ ମଧାହ୍ନ ଭୋଜନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ରାଜ୍ କୋରଡା ଯାଇ ତଦନ୍ତ କରିଥିଲେ। ତାଙ୍କ ରିପୋର୍ଟ ଅନୁସାରେ ରୀନାଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ଭିନ୍ନକ୍ଷମ ପୁଅ ସାଙ୍ଗକୁ ବଢ଼ିଲା ଝିଅର ବୋଝ ରୀନାଙ୍କ ଉପରେ ରହିଛି। ତେଣୁ ସେ ରୋଷେୟା ପଦବୀ ପାଇଁ ହକ୍‌ଦାର ଅଟନ୍ତି। ତେଣୁ ଏହା ଉପରେ ଉପରିସ୍ଥ ଅଧିକାରୀମାନେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଏବିଇଓ ରାଜ୍।